

ଗାବା ଟେଷ୍ଟ ପୂର୍ବରୁ ଆହତ ହେଲେ ପନ୍ତ ପୃଷ୍ଠା ୭

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 257 | ଭାଗ ୩୨ | ସଂଖ୍ୟା୨୫୭ | Bhubaneswar | Wednesday 11 December 2024 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୧୧ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ସିଙ୍ଗାପୁର ହେବ ଉତ୍କର୍ଷ ଓଡିଶାର ପାର୍ଟନର୍ ଦେଶ

# ବିକାଶିତ ଓଡ଼ିଶାର ନୂଆ ବିନ୍ଧାଣୀ ମୋହନ



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଉତ୍କର୍ଷ ଓଡିଶା କନକ୍ଲେଭ ୨୦୨୫ର ସଫଳତା ନେଇ ଦେଖାଦେଇଛି ନୂଆ ସମ୍ଭବନା। ଆସନ୍ତା ବର୍ଷ ଜାନୁଆରୀ ୨୮ ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭ ପାଇଁ ପ୍ରଥମ ପାର୍ଟନର ଦେଶ ହେବ ସିଙ୍ଗାପୁର। ସିଙ୍ଗାପୁରର ହାଇ କମିଶନର, ସାଇମନ୍ ୱଙ୍ଗ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟରେ ମଙ୍ଗଳବାର ଲୋକସେବା ଭବନରେ ହୋଇଥିବା ବୈଠକ ପରେ ଏହି ଘୋଷଣା କରାଯାଇଛି। ଏଥିସହିତ ୱଙ୍ଗ କହିଛନ୍ତି ଯେ ଜାନୁଆରୀରେ ଭାରତ ଗସ୍ତ ସମୟରେ ସିଙ୍ଗାପୁର ରାଷ୍ଟ୍ରପତି ଥାର୍ମନ୍ ଶାନମୁଗର୍ତନମ ଓଡ଼ିଶା ଗସ୍ତ କରିବେ। ୱଙ୍ଗ କହିଛନ୍ତି ଯେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ସିଙ୍ଗାପୁର ରାଷ୍ଟ୍ରପତି ଗସ୍ତ କରିବାକୁ ପସନ୍ଦ କରିଛନ୍ତି। କାରଣ ସେ ସାଂସ୍କୃତିକ ସମ୍ପର୍କ ସାଙ୍ଗକୁ ଓଡିଶା ସହ ବ୍ୟବସାୟିକ ସହଭାଗିତାକୁ ମଜବୁତ କରିବାର ଏକ ବଡ଼ ସୁଯୋଗ ଦେଖିଛନ୍ତି। ହାଇ କମିଶନର ଆହୁରି କହିଛନ୍ତି ପୃଷ୍ଠା-୬

- କନକ୍ଲେଭରେ ଯୋଗଦେବେ ସିଙ୍ଗାପୁର ରାଷ୍ଟ୍ରପତି
- ଦୁଇ ରାଷ୍ଟ୍ର ମଧ୍ୟରେ ମଜଭୁତ ହେବ ବ୍ୟବସାୟୀକ ସମ୍ପର୍କ

# ନୂଆ ରୂପ ନେବ ପାରାଦୀପ ବନ୍ଦର

- ପୁରୀରେ ତିଆରି ହେବ କ୍ରୁଜ ଟର୍ମିନାଲ
- ଜାତୀୟ ଜଳମାର୍ଗ-୫ର ତ୍ୱରିତ ବିକାଶକୁ ଗୁରୁତ୍ୱ
- ବନ୍ଦର ଆଧାରିତ ଅର୍ଥନୀତିର ବିକାଶ ଲକ୍ଷ୍ୟ



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଓଡ଼ିଶାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବନ୍ଦର, ନଦୀ ଜଳମାର୍ଗ ସମୂହର ବିକାଶ ପାଇଁ କ୍ରିୟାନ୍ୱୟନ ହେଉଥିବା ପ୍ରକଳ୍ପ ଏବଂ ଆଗାମୀ ଦିନର ଯୋଜନା ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ବିଜେପି ସାଂସଦମାନେ ବିସ୍ତୃତ ଆଲୋଚନା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ପୂର୍ବୋଦୟ ମିଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଓଡ଼ିଶାର ସାମଗ୍ରିକ ବିକାଶ ବିଶେଷ ଭାବରେ ପାରାଦୀପ ବନ୍ଦରକୁ ଅତ୍ୟାଧୁନିକ ବନ୍ଦରରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର। ଓଡ଼ିଶାରେ ବନ୍ଦରଗୁଡିକର ତ୍ୱରିତ ବିକାଶ ପାଇଁ ଆଲୋଚନା ହୋଇଛି । ପୁରୀରେ କ୍ରୁଜ ଟର୍ମିନାଲର ନିର୍ମାଣ, ମତ୍ସ୍ୟ ବିଭାଗ ସହ ମିଶି ରାଜ୍ୟ ଓ ଦେଶ ବାହାରକୁ ସାମୁଦ୍ରିକ ସାମଗ୍ରୀର ରପ୍ତାନୀ, ମତ୍ସ୍ୟଜୀବୀଙ୍କ ଜୀବନଶୈଳୀରେ ଉନ୍ନତି ଉପରେ ବିସ୍ତୃତ ଆଲୋଚନା ହୋଇଛି। ନଦୀ ଜଳମାର୍ଗର ବିକାଶ ପାଇଁ ଦୀର୍ଘମିଆଦି ଯୋଜନା ନେଇ ଡିପିଆର ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ ଅବଗତ କରାଇଛନ୍ତି। ସାଗରମାଳା ପ୍ରକଳ୍ପ ସହ ଜାତୀୟ ଜଳମାର୍ଗ ୫ର ତ୍ୱରିତ ବିକାଶ ତଥା ବିଭିନ୍ନ ପର୍ଯ୍ୟାୟରେ ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦର ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାର ସଂଯୋଗୀକରଣ ଉପରେ ଫଳପ୍ରଦ ଆଲୋଚନା ହୋଇଛି । ପୃଷ୍ଠା-୬

# ନବୀନଙ୍କ ପାଇଁ ମହିଳା ଥିଲେ ଭୋଟ୍ ବ୍ୟାଙ୍କ



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ରାଜଧାନୀ ରାଜରାସ୍ତାରେ ହଜାର ହଜାର ମିଶନଶକ୍ତି ମହିଳା ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ପୂର୍ବ ନବୀନ ସରକାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି ବିରୋଧୀ ଦଳ ବିଧାୟିକା ସୋଫିଆ ଫିର୍ଦୌସ ଓ ବିଜେପି ବିଧାୟିକା ଉପାସନା ଉପାସନା ମହାପାତ୍ର। ସୋଫିଆ କହିଛନ୍ତି, ଦୁଃଖ ଓ ଲଜ୍ଜାର ବିଷୟ ଯେ ମହିଳା ଆଜି ରାଜ ରାସ୍ତାରେ। ୨୪ ବର୍ଷ ଧରି ମିଶନ୍ ଶକ୍ତି ନାଁ ବ୍ୟବହାର କରି ମହିଳାଙ୍କୁ ଭୋଟବ୍ୟାଙ୍କ ଭାବେ ଲଗାଉଥିଲେ। ମୋ ନିର୍ବାଚନ ମଣ୍ଡଳୀରେ ମଧ୍ୟ ମହିଳାଙ୍କୁ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରାଯାଇଥିଲା। ଏଥିପାଇଁ ମହିଳାମାନେ ଭୁଲିଯାଇଥିଲେ ସଶକ୍ତିକରଣ କଥା। ପୂର୍ବତନ ସରକାରର ଭୁଲ ପାଇଁ ଆଜି ମହିଳାମାନଙ୍କର ଏପରି ଅବସ୍ଥା'। ମିଶନ ଶକ୍ତି ମହିଳାଙ୍କ ଦରମା ନେଇ କଣ ପାଇଁ ଚୁକ୍ତି ରେନ୍ୟୁ କରିନଥିଲେ ବିଜେଡି ସରକାର ବୋଲି ପ୍ରଶ୍ନ କରିଛନ୍ତି ସୋଫିଆ। ଏହି ଘଟଣାକୁ ନେଇ ଶାସକ ଦଳ ବିଧାୟିକା ଉପାସନା ମହାପାତ୍ର ପୃଷ୍ଠା-୬

# ଲୋକଙ୍କ ବେଳକୁ ଫଂଟା, ଦରମା ବେଳକୁ ଗୋଟା



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ରାଜଧାନୀ ରାଜରାସ୍ତାରେ ଅହୋରାତ୍ର ଧାରଣାରେ ବସିଛନ୍ତି ମହିଳା। ସ୍ୱାସ୍ଥ୍ୟ କର୍ମୀ ବି ଆନ୍ଦୋଳନ କରୁଛନ୍ତି। ତା ସାଙ୍ଗକୁ ଚାଷୀ ସମସ୍ୟା, ଦରଦାମ ସମସ୍ୟା, ଦାଦନ ସମସ୍ୟା ଭଳି ରାଜ୍ୟର ସାଧାରଣ ଲୋକ ଓ ଗରିବ ଗୁରୁବାଙ୍କ ଅନେକ ସମସ୍ୟା ରହିଛି। ଦୈନିକ ହଜାର ହଜାର ଲୋକ ବିଭିନ୍ନ ସମସ୍ୟାରେ ଜୁଝୁଛନ୍ତି। ସେମାନଙ୍କ ସମସ୍ୟାକୁ ନେଇ କେବେ ବି ବିଧାନସଭାରେ ବିରୋଧୀ-ଶାସକ ଏକ ସ୍ୱର ହୋଇପାରୁନାହାଁନ୍ତି। ପରସ୍ପର ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ହେଲେ ଯେତେବେଳେ ସେମାନଙ୍କ ଦରମା ଓ ପେନସନ କଥା ଉଠୁଛି ସେତେବେଳେ ସବୁ ଦଳର ବିଧାୟକ ଏକ ହୋଇଯାଉଛନ୍ତି।

ଓଡିଶା ବିଧାନସଭାରେ ବିଧାୟକଙ୍କ ଏଭଳି ଆଚରଣକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଉଛନ୍ତି। ବିଧାୟକମାନେ ନୀତି ନିର୍ଦ୍ଧାରଣ କରନ୍ତି। ସାଧାରଣ ଲୋକଙ୍କ ସମସ୍ୟା କିଭଳି ସମାଧାନ ହୋଇପାରିବ ସେନେଇ ବିଧାୟକମାନେ ତର୍ଜମା କରିବା ସହ ସମସ୍ତଙ୍କୁ ସୁହାଇଲା ଭଳି ନୀତି ପ୍ରଣୟନ ହେବା ଆବଶ୍ୟକ। କିନ୍ତୁ ଯେକୌଣସି ପ୍ରସଙ୍ଗ ଉଠିଲେ ସେଥିରେ ଲାଗିଯାଏ ରାଜନୀତିର ପୃଷ୍ଠା-୬

# ହୋଟେଲ ମାଲିକ ଘାଇଲା



- ବ୍ଲାକମେଲ ପାଇଁ ଫନ୍ଦି
- ଦୋଛକିରେ ପୋଲିସ

ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ବିଧାନସଭା ଚାଲୁଥିବା ବେଳେ ଖଣ୍ଡଗିରି ଅଞ୍ଚଳରେ ହୋଇଥିବା ଏକ ରେପ୍ କେସକୁ ନେଇ ଏବେ ଭାରି ଚର୍ଚ୍ଚା। ଦୁଇଦିନ ତଳେ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ହୋଟେଲରେ କଷ୍ଟମରଙ୍କ ଡିମାଣ୍ଡ ମୁତାବକ ଯାଇଥିଲେ ଜଣେ ଦେହଜୀବୀ। କଷ୍ଟମର ୪ ଜଣ ପୁରୁଣା ଗାଡି ବେପାରୀ ହୋଇଥିବା ବେଳେ ସେମାନେ ବ୍ରହ୍ମପୁରରୁ ଆସିଥିଲେ। ଦେହଜୀବୀ ଜଣକ ରାତି ପ୍ରାୟ ୮ ଟାରେ ସେଠାରେ ପହଞ୍ଚିବା ପରେ ଦେହସୁଖ ଦେବା ପୂର୍ବରୁ ଢକ ଢକ କରି ପିଇ ଚାଲିଥିଲେ ମଦ। ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ପିଇବା ପରେ ହିତାହିତ ଜ୍ଞାନ ଭୁଲିଯାଇଥିଲେ। ରୁମ ଭିତରେ ଥିବା ଯୁବକଙ୍କୁ ଗାଳି ଗୁଲଜ କରିବା ପରେ ହୋଟେଲ କରିଡରକୁ ବାହାରି ଆସିଥିଲେ। ଏହାପରେ ହୋଟେଲରେ କାମ କରୁଥିବା ରୁମ ବୟ ଠାରୁ ଆରମ୍ଭ କରି ମ୍ୟାନେଜର ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଚୁମା ଦେଇଥିଲେ। ଏସବୁ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ଅବସ୍ଥା ଅଣାୟତ୍ତ ହେବାରୁ ହୋଟେଲ ମାଲିକ ପହଞ୍ଚି କାର ଭଡା କରି ଯୁବତୀଙ୍କୁ ତାଙ୍କ ଘରକୁ ପଠାଇଥିଲେ। କିନ୍ତୁ ଦିନକ ପରେ ହଠାତ ଦେହଜୀବୀଙ୍କ ମା' ହୋଟେଲ ମାଲିକଙ୍କୁ କଲ କରି ପୃଷ୍ଠା-୬

# ଗ୍ରେଟର ଭୁବନେଶ୍ୱର ପାଇଁ ରୋଡ୍ ମ୍ୟାପ୍

- ସୁଧୁରିବ ରାଜଧାନୀର ଟ୍ରାଫିକ ସମସ୍ୟା
- ନିର୍ମାଣ ହେବ ନୂଆ ଫ୍ଲାଇଓଭର, ରେଲ୍ ଓଭର ବ୍ରିଜ ଓ ରିଙ୍ଗ୍ ରୋଡ



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ଗାଡି ଚଳାଚଳ ଓ ଟ୍ରାଫିକ ବ୍ୟବସ୍ଥାକୁ ଉପଯୋଗୀ ଓ ସହଜ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଭୁବନେଶ୍ୱର ସହରର ଗାଡି ଚଳାଚଳ ଓ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ପୂର୍ତ୍ତ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହର ପାଇଁ ବିଭିନ୍ନ ସଡ଼କ ପ୍ରକଳ୍ପ ଯୋଜନା ଉପରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ଉପସ୍ଥାପନ ରଖା ଯାଇଥିଲା। ଏଥିରେ ଜୟଦେବ ବିହାର-ନନ୍ଦନକାନନ ନୂତନ ରାସ୍ତା, ଦୟା ୱେଷ୍ଟ କେନାଲ ଉପରେ ପଟିଆ ଷ୍ଟେସନ ଛକ ଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ରିଙ୍ଗରୋଡ, ସୁନ୍ଦରପଦା-ଜଟଣୀ ରାସ୍ତାର ବିକାଶ, ପିତାପଲ୍ଲୀ-ତ୍ରିଶୁଳିଆ ରାସ୍ତାର ଇନ୍‌ଷ୍ଟିଚ୍ୟୁଟ ଅଫ ମାଥମେଟିକ୍ସ ଠାରୁ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତା, କଳ୍ପନା ଛକ-ମ୍ୟୁଜିଅମ-ରବି ଟକିଜ ନୂତନ ଫ୍ଲାଇ ଓଭର, ଶିଶୁଭବନ-ମାଉସୀମା ମଧ୍ୟରେ ଆଉ ଏକ ରେଲ ଓଭର ବ୍ରିଜ୍, ତମାଣ୍ଡୋ-ଚନ୍ଦକା-ବାରଙ୍ଗ-ଧଉଳି-ତମାଣ୍ଡୋ ପର୍ଯ୍ୟନ୍ତ ରିଙ୍ଗ ରୋଡ ନିର୍ମାଣ ବିଷୟରେ ପୂର୍ତ୍ତ ବିଭାଗର ପକ୍ଷରୁ ପ୍ରସ୍ତାବିତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସେହିପରି ପୃଷ୍ଠା-୬

# ସୁଜିତ କୁମାରଙ୍କ ରାଜ୍ୟସଭା ଆସନ ପକ୍କା



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ବିଜେପି ପ୍ରାର୍ଥୀ ସୁଜିତ କୁମାର ପୁଣି ରାଜ୍ୟସଭାକୁ ଯିବା ନିଶ୍ଚିତ ହୋଇଛି। ନାମାଙ୍କନର ଶେଷ ତାରିଖ ପରେ ଏହା ସ୍ପଷ୍ଟ ହୋଇଥିବା ବେଳେ କେବଳ ଔପଚାରିକ ଘୋଷଣା ବାକି ରହିଛି। ଡିସେମ୍ବର ୨୦ ତାରିଖରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ ଓଡ଼ିଶାରୁ ବିଜେପିର ସୁଜିତ କୁମାର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ଏନେଇ ଓଡ଼ିଶା ବିଧାନସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ପୃଷ୍ଠା-୬

# କେନ୍ଦ୍ରକୁ ଗଲା ତିନି ଆଇପିଏସଙ୍କ ରିପୋର୍ଟ



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): କେନ୍ଦ୍ରରେ ଭିଜିଲାନ୍ସ ଆଇଜି ପଦ ପାଇଁ ଗୃହ ମନ୍ତ୍ରଣାଳୟ ଓଡିଶାର ତିନି ଜଣ ବରିଷ୍ଠ ଆଇପିଏସ ଅଫିସରଙ୍କ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିଲା। ଏହି ତିନିଜଣ ଆଇପିଏସ ଅଫିସର ହେଲେ ୧୯୯୭ ବ୍ୟାଚର ଆଇପିଏସ ଅଫିସର ଅସିତ କୁମାର ପାଣିଗ୍ରାହୀ, ୧୯୯୮ ବ୍ୟାଚର ଅମିତାଭ ଠାକୁର ଓ ରାଜେଶ କୁମାର। କେନ୍ଦ୍ର ଭିଜିଲାନ୍ସ ଆଇଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଏହି ତିନି ଅଫିସରଙ୍କ ସମ୍ପର୍କରେ ରାଜ୍ୟ ସରକାରଙ୍କ ଠାରୁ ଗତ ଅକ୍ଟୋବର ୧୧ ତାରିଖରେ ରିପୋର୍ଟ ମାଗିଥିଲା ଗୃହ ମନ୍ତ୍ରଣାଳୟ। ରାଜ୍ୟ ସରକାର ମଧ୍ୟ ଏହି ଅଫିସରଙ୍କ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦେଇଛନ୍ତି। ରାଜ୍ୟ ସରକାର କେନ୍ଦ୍ରକୁ ପଠାଇଥିବା ରିପୋର୍ଟ ଅନୁଯାୟୀ ଏହି ତିନି ଅଫିସରଙ୍କ ବିରୋଧରେ କୌଣସି ଅପରାଧିକ ମାମଲା କି ମାନବାଧିକାର ଉଲଂଘନ ମାମଲା ନାହିଁ। ଏପରିକି ଏହି ଅଫିସରଙ୍କ ବିରୋଧରେ କୌଣସି ଭିଜିଲାନ୍ସ ମାମଲା ବିଚାରଧିନ ନାହିଁ ବୋଲି ରାଜ୍ୟ ସରକାର କେନ୍ଦ୍ରକୁ ଜଣାଇଛନ୍ତି।

# ୧୭ରୁ ରତ୍ନଭଣ୍ଡାର ମରାମତି

- ଦିନ ୧ରୁ ସନ୍ଧ୍ୟା ୬ ଯାଏଁ ଚାଲିବ କାମ
- ବିଶେଷ ଦିନରେ ବନ୍ଦ



ପୁରୀ,୧୦।୧୨(ସଂଚାର ବ୍ୟୁରୋ): ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି। ମଙ୍ଗଳବାର ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦ୍ୱିତୀୟ ଭୋଗ ମଣ୍ଡପ ପରେ ମରାମତି କାମ ଆରମ୍ଭ ହେବ। ଦିନ ଗୋଟାଏରୁ ସଂଧ୍ୟା ୫ଟା ବା ୬ଟା ଯାଏଁ କାମ ଚାଲିବ। ଶନିବାର, ରବିବାର ଓ ବିଶେଷ ଦିନରେ ମରାମତି ନ କରିବାକୁ ପରାମର୍ଶ ଦିଆଯାଇଛି। ଡିସେମ୍ବର ୩୧, ଜାନୁଆରୀ ୧ ପରି ଦିନରେ ମରାମତି ନ କରିବାକୁ କହିଛୁ। ମରାମତି ଚାଲିଥିବା ଦିନମାନଙ୍କରେ ବାହାର କାଠ ନିକଟରୁ ଶ୍ରୀଜିଉଙ୍କୁ ଦର୍ଶନ ପୃଷ୍ଠା-୬

# ୪୦୦ କଏଦୀଙ୍କ ସଜା କୋହଳ

ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): କଏଦୀଙ୍କ ପାଇଁ ଆସିଲା ଖୁସିଖବର। ରାଜ୍ୟର ୮୭ ଜେଲ୍‌ରେ ଥିବା ୪୦୦ କଏଦୀଙ୍କ ସଜା ହେବ କୋହଳ। ଅପରାଧ କରିଥିଲେ ସୁଦ୍ଧା ଜେଲ୍‌ରେ ଉତ୍ତମ ଆଚରଣ ପ୍ରଦର୍ଶନ କରିବାରୁ ସଜା କୋହଳ କରିଛନ୍ତି ରାଜ୍ୟ ସରକାର। ପ୍ରାୟ ୪ଶହ କଏଦୀଙ୍କ ସଜା କୋହଳ ହେବ ବୋଲି ଜେଲ ବିଭାଗ ଡିଜି ଅରୁଣ ରାୟ ସୂଚନା ଦେଇଛନ୍ତି। ପୂର୍ବରୁ ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷରା କରାଯାଇଥିଲା। କୋର୍ଟ ମଧ୍ୟ ଏଭଳି ପ୍ରସ୍ତାବ ସପକ୍ଷରେ ମତ ଦେଇଥିଲେ।



## କାନ ଡେରିଥା

ଇଣ୍ଡିଆ ମେଣ୍ଟର
ନେତୃତ୍ୱ ପାଇଁକି
ଚାଲିଲାଣି ଭିଡ଼ାଭିଡ଼ି
ରାହୁଲ ବଦଳେ
ନେତା ହେବା ପାଇଁ
ଦିଦି ବାହାରିଲେଣି
କାନିଭିଡ଼ି

# ସରକାରୀ ବିଶ୍ୱବିଦ୍ୟାଳୟ ପାଲଟିଛି ବାବୁଙ୍କ ଧର୍ମଶାଳା



- ସମ୍ପର୍କୀୟ ହେଉଛନ୍ତି ଥଇଥାନ
- ପାଠ ନପଢାଇ ଗଣି ନେଉଛନ୍ତି ଅର୍ଥ
- ଉଚ୍ଚଶିକ୍ଷା ସଚିବଙ୍କ ନାଁରେ ନାଲିଆଖି

ଭୁବନେଶ୍ୱର, ୧୦।୧୨: ରାଜଧାନୀରେ ଥିବା ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟ ଏବେ ବାବୁ ଭୂୟାଁଙ୍କ ଧର୍ମଶାଳା ପାଲଟିଛି। ଅତିଥି ଅଧ୍ୟାପକ ପଦବୀରେ ନିଜର ସମ୍ପର୍କୀୟମାନଙ୍କୁ ଏଠାରେ ନିଯୁକ୍ତି ଦେଉଛନ୍ତି। ତେବେ ଏହି ସମ୍ପର୍କୀୟମାନେ ଏଠାରେ ପାଠ ପଢାଇବେ କ'ଣ ବଡ ବାବୁମାନଙ୍କ ନାଁ ନେଇ ସମସ୍ତଙ୍କୁ ନାଲିଆଖି ଦେଖାଇବାରେ ଲାଗିଛନ୍ତି। ସୁପ୍ରିମ୍‌କୋର୍ଟରେ ମାମଲା ଥିବା ଯୋଗୁଁ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ବନ୍ଦହୋଇ ଯାଇଛି। ପାଠ ପଢାଇବାପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅତିଥି ଅଧ୍ୟାପକରେ କାମ ଚଳାଇ ନେଉଛନ୍ତି। ଏହି ଅତିଥି ଅଧ୍ୟାପକମାନେ ସରକାରୀ କଲେଜର ଅତିଥି ଅଧ୍ୟାପଙ୍କ ଠାରୁ ପ୍ରାୟ ଦୁଇଗୁଣା ପାରିଶ୍ରମିକ ପାଉଛନ୍ତି।

ତେବେ ରାଜଧାନୀରେ ଥିବା ଏହି ସରକାରୀ ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପକ ଥିବା ଅଧିକାଂଶ ହେଉଛନ୍ତି ବଡ ବଡ ବାବୁଙ୍କ ଘରଣୀ ନହେଲେ ସମ୍ପର୍କୀୟ। ଏମାନେ ଆବେଦନ କରିବାମାତ୍ରେ ଚଟାପଟ୍ ଠିକା ଚାକିରି ମିଳିଯାଉଛି। ଠିକା ଚାକିରି ପାଇବାପରେ ଏମାନେ ଏବେ ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀ ଓ ନିୟମିତ ଅଧ୍ୟାପକଙ୍କ ଠାରୁ ଆରମ୍ଭ କରି କୁଳପତିଙ୍କୁ ବି ନାଲିଆଖି ଦେଖାଇବାକୁ ପଛାଉ ନାହାନ୍ତି। ଇଛା ହେଲେ କ୍ଲାସ ନେଉଛନ୍ତି ନହେଲେ ପଳାଉଛନ୍ତି। ହେଲେ ମାସ ଶେଷକୁ କିନ୍ତୁ ପାଉଣା ସବୁ ଗଣି ନେଉଛନ୍ତି। ବିଶ୍ୱବିଦ୍ୟାଳୟକୁ ଏକ ପ୍ରକାର ଧର୍ମଶାଳା କରିଥିବା ଏହି ବାବୁ ବାବୁଆଣୀଙ୍କ ସମ୍ପର୍କୀୟ ଏଭଳି ସ୍ଥିତି ସୃଷ୍ଟି କରିଛନ୍ତି ଯେ ସେମାନଙ୍କୁ ଆକଟ କରି କହିବାକୁ ଖୋଦ କୁଳପତି ବି ଭୟ କରୁଛନ୍ତି। ଫଳରେ ଦିନକୁ ଦିନ ଏହି ଶିକ୍ଷାନୁଷ୍ଠାନରେ ପାଠପଢା ପୃଷ୍ଠା-୬

ଡିଜିପି ସମ୍ମିଳନୀକୁ ଭଣ୍ଡୁର ଧମକ

# ବିଦେଶରୁ ଆସିଥିଲା କଲ୍

ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଲୋକସେବା ଭବନରେ ନଭେମ୍ବର ୨୯ରୁ ଡିସେମ୍ବର ୧ ତାରିଖ ଯାଏଁ ଆୟୋଜିତ ୩ଦିନିଆ ପୁଲିସ ମହାନିର୍ଦ୍ଦେଶକ/ମହାନିରୀକ୍ଷକମାନଙ୍କର ୫୯ତମ ସର୍ବଭାରତୀୟ ସମ୍ମିଳନୀ ପୂର୍ବରୁ ଓ ସମ୍ମିଳନୀ ସମୟରେ ଧମକପୂର୍ଣ୍ଣ ମେଲ ଆସିଥିଲା। ଧମକପୂର୍ଣ୍ଣ ମେଲ୍ କାନାଡା ଓ ଆମେରିକାରୁ ଆସିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରାଯାଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଆଇପି ଆଡ୍ରେସ୍ ଯାଞ୍ଚ୍ ବେଳେ ଜଣାପଡ଼ିଛି ଯେ ଅଡିଓ ରେକର୍ଡ ମଧ୍ୟ ଦେଶ ବାହାରୁ ଆସିଛି। ଏହାକୁ ଇଣ୍ଟରନେଟ୍ ଆପ ପୃଷ୍ଠା-୬

ଟାଟା କମ୍ପାନିରେ ଚାକିରି ଠକେଇ ମାମଲା

# ଅଭିଯୋଗକାରୀଙ୍କ ୟୁ-ଟର୍ଣ୍ଣ



ବ୍ରହ୍ମପୁର, ୧୦।୧୨ (ସଂଚାର ବ୍ୟୁରୋ): ଟାଟା କମ୍ପାନୀରେ ଚାକିରି କରାଇଦେବା ମାମଲାରେ ଛନ୍ଦି ହୋଇ ପଡ଼ିଥିବା ପୂର୍ବତନ ଗୋପାଳପୁର ବିଧାୟକ ତଥା ବର୍ତ୍ତମାନର ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଆଶ୍ୱସ୍ତି ମିଳିଛି । ବ୍ରହ୍ମପୁର ଜେଏମ୍‌ଏଫ୍‌ସି କୋର୍ଟରେ ଦାଏର ଦୁଇ ମାମଲାର ଦୁଇ ଅଭିଯୋଗକାରୀ ନିଜ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପ୍ରଶାସନ ଓ ଏକ ନିର୍ଦ୍ଦିଷ୍ଟ ଦଳର ଚାପର ବଶବର୍ତ୍ତୀ ହୋଇ ଏଭଳି ଏଫ୍‌ଆଇଆର୍ ଦେଇଥିଲେ ବୋଲି ସେମାନେ ବ୍ରହ୍ମପୁର ଜେଏମଏଫସି କୋର୍ଟରେ କହିଥିବା ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ଏଭଳି ପ୍ରତିକ୍ରିୟା ସାମ୍ନାକୁ ଆସିବା ପରେ ଟାଟା କମ୍ପାନୀରେ ଚାକିରି ପୃଷ୍ଠା-୬

### 'ବିଷ୍ଣୁକାନ୍ତ ଶାସ୍ତ୍ରୀ ରଚନା-ସଂଚୟନ' ଉନ୍ମୋଚିତ

# ବିଷ୍ଣୁକାନ୍ତଙ୍କ ଚିନ୍ତାଧାରାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ମଙ୍ଗଳବାର ନୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିବା ମହାନ ଶିକ୍ଷାବିତ୍ ତଥା ହିନ୍ଦୀ ସାହିତ୍ୟିକ ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ଉପରେ କେନ୍ଦ୍ରୀତ ପୁସ୍ତକ 'ବିଷ୍ଣୁକାନ୍ତ ଶାସ୍ତ୍ରୀ ରଚନା-ସଂଚୟନ' ଉନ୍ମୋଚିତ ହୋଇଯାଇଛି।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରସିଦ୍ଧ ଲେଖକ ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ମହାନ ବ୍ୟକ୍ତିତ୍ୱ ଓ ଚିନ୍ତାଧାରାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଦିଗରେ ସାହିତ୍ୟ ଏକାଡେମୀର ଏହି ପୁସ୍ତକ ଏକ ସାର୍ଥକ ପ୍ରୟାସ ଏବଂ ତାଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ଅଟେ। ଜଣେ ପ୍ରକୃତ ଦେଶଭକ୍ତ, କର୍ମଠ ନେତା ଏବଂ ଜଣେ ପ୍ରଖ୍ୟାତ ବିଦ୍ୱାନ ଭାବରେ ବିଷ୍ଣୁକାନ୍ତ




ଶାସ୍ତ୍ରୀ ଭାରତରେ ସାଂସ୍କୃତିକ ଜାତୀୟତାବାଦକୁ ଦିଗଦର୍ଶନ ଦେଇଥିଲେ। ୩୦ ବର୍ଷ ପୂର୍ବେ ଆଦରଣୀୟ ଶାସ୍ତ୍ରୀଜୀଙ୍କ ମାର୍ଗଦର୍ଶନରେ ମୁଁ ଗଣତନ୍ତ୍ରର ମନ୍ଦିର 'ସଂସଦ'କୁ ଯାଇ ବିଭିନ୍ନ ରାଜନୈତିକ ପ୍ରସଙ୍ଗ ବୁଝିବାର ସୁଯୋଗ ପାଇଥିଲି, ଯାହା ମୋର ସୌଭାଗ୍ୟ। ସେ ଜଣେ ଦେଶଭକ୍ତ ଭାବରେ ଶ୍ରୀରାମ ଜନ୍ମଭୂମି ଏବଂ ଧାରା ୩୭୦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କଠାରୁ ଆରମ୍ଭ କରି ବିଷ୍ଣୁକାନ୍ତ ଶାସ୍ତ୍ରୀଜୀଙ୍କ ପର୍ଯ୍ୟନ୍ତ, ଏହି ମହାନ ବ୍ୟକ୍ତିତ୍ୱମାନେ ଯେଉଁ ଭାରତୀୟତାର ମୂଳ ଉପରେ ଯୋର୍ ଦେଇଥିଲେ, ତାହାକୁ ସାକାର କରିବାର ମାର୍ଗ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ ପ୍ରଣୟନ ହୋଇଥିବା 'ଜାତୀୟ ଶିକ୍ଷା ନୀତି -୨୦୨୦' ଅଟେ।

'ବିଷ୍ଣୁକାନ୍ତ ଶାସ୍ତ୍ରୀଙ୍କ ରଚନା-ସଂଚୟନ' ପୁସ୍ତକ ଉନ୍ମୋଚନ ଅବସରରେ ପୁସ୍ତକକୁ ସମ୍ପାଦନ କରିଥିବା ଡ. ପ୍ରେମ ଶଙ୍କର ତ୍ରିପାଠୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀକୁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

# ବିଧାୟକଙ୍କ ତରଫରୁ ନରେଶ ପଣ୍ଡାଙ୍କୁ ସହାୟତା ପ୍ରଦାନ



**ମାର୍ଶାଘାଇ, ୧୦।୧୨ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀର ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ପଞ୍ଚାୟତ (ନୋଳିଆ ସାହି)ନୀଳାଦ୍ରିପୁର ଗ୍ରାମର ନରେଶ ପଣ୍ଡା ଯିଏ କି ବ୍ରେନ୍ ଷ୍ଟ୍ରୋକ ହେତୁ ୨ଟି ଯାକ ଆଖିକୁ ଦେଖାଯାଉନାହିଁ ଏବଂ ତାଙ୍କର ଶଯ୍ୟାଶାୟୀ ମା'ଙ୍କୁ ନେଇ ସେ ଭଙ୍ଗା କୁଡ଼ିଆରେ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏମାନଙ୍କ ପାଇଁ ସାତ ସପନ ପାଲଟିଛି। ଭଙ୍ଗା କୁଡ଼ିଆରୁ ପାଣି ଗଳୁଛି। ଏମିତି ଏକ ଘଟଣା ସାମ୍ନାକୁ ଆସିବା ପରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ରାସନ୍ ସାମଗ୍ରୀ ଯୋଗାଇ ଦେଇଛନ୍ତି।

# ଆଜି ବେଲପାଳ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ

**ରାଜନଗର, ୧୦।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ସବୁଠୁ ସମ୍ବେଦନଶୀଳ ପଞ୍ଚାୟତ ଭାବେ ସାରା ଜିଲ୍ଲାରେ ପରିଚିତ ଥିବା ବେଳେ ଆସନ୍ତାକାଲି ଦିନ୧୧ଟା ସମୟରେ ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତର ସରପଞ୍ଚଙ୍କ ବିରୁଦ୍ଧରେ ଅବସ୍ଥା ଭୋଟ ହେବ। ଏହି ଅନାସ୍ଥା ଭୋଟ ସମୟରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ମାଜିଷ୍ଟ୍ରେଟ ଭାବେ ଏବଂ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି ପ୍ରିଜାଇଡିଂ ଅଫିସର ଭାବେ କାର୍ଯ୍ୟ ତୁଲାଇବେ ବୋଲି ରାଜନଗର ବ୍ଲକ ଜିପିଇଓ ଧର୍ମେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଦୀର୍ଘ ୩ମାସ ଧରି ରାଜନୈତିକ କଷରତ ଓ ୩ ମାସର ଟଣା ଓଟରା ପରେ ବେଲପାଳ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ ଅନୁଷ୍ଠିତ ହେବାକୁ ଯାଉଛି। ଏଠାରେ ସୂଚନାଯୋଗ୍ୟ ଅନାସ୍ଥା ଅଭିଯୋଗ୍ୟ ଅନାସ୍ଥା ଆଣିଥିବା ସମ୍ପୃକ୍ତ ପଞ୍ଚାୟତର ୱାର୍ଡ ସଭ୍ୟାଙ୍କ ପକ୍ଷରୁ ଅଣାଯାଇଥିବା ଅନସ୍ଥା ପ୍ରସ୍ତାବ ଓ ସେମାନଙ୍କ ଅଭିଯୋଗ ଦୀର୍ଘ ଅଢେଇ ବର୍ଷ ହେଲା ସରପଞ୍ଚ ପଞ୍ଚାୟତରେ ଅନୁପସ୍ଥିତ ରହିବା ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ପଡ଼ି ରହିଛି। ଫଳରେ ସରପଞ୍ଚ ଅନୁପସ୍ଥିତ ରହିବା ଫଳରେ ଆମେ ନିର୍ବାଚିତ ହେବା ପରେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କିସ୍ତି ଓ ମନରେଗା ଅର୍ଥ ଘର କରିସାରିଥିଲେ ମଧ୍ୟ ସାଧାରଣ ହଇରାଣ ହେଉଛନ୍ତି। ଏସିଏମ ଓ ପମ୍ପ ଡ୍ରାଇଭରଙ୍କୁ ଦୀର୍ଘମାସ ହେବ ଦରମା ନଦେବାରୁ ସେମାନେ କାମକୁ ଆସୁନାହାଁନ୍ତି ଓ ମନମୁଖୀ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଗ୍ରାମବାସୀ ଠିକ୍ ସମୟରେ ପାଣି ପାଇପାରୁନାହାଁନ୍ତି। ଗ୍ରାମ ପଞ୍ଚାୟତର ସିଏଫସି ଓ ଏସଏଫସି ଅର୍ଥ ନିର୍ବାଚନ ସମୟରୁ ଆଜି ପର୍ଯ୍ୟନ୍ତ ପଡ଼ି ରହିଛି। ସରପଞ୍ଚଙ୍କ ସ୍ୱାମୀଙ୍କ କଥା ଆମେ ଗ୍ରହଣ କରୁନଥିବାରୁ ଆମକୁ ଆମର ମାସିକ ଭତ୍ତା ଦେଉନାହାଁନ୍ତି ବୋଲି ନେଇ ସରପଞ୍ଚଙ୍କ ବିରୁଦ୍ଧରେ ସେପ୍ଟେମ୍ବର ୧୩ ତାରିଖ ଦିନ ଉପଜିଲ୍ଲାପାଳଙ୍କ ନିକଟରେ ଅନସ୍ଥା ପାଇଁ ଲିଖିତ ଅଭିଯୋଗ କରିଥିଲେ।

### ଦିବ୍ୟାଙ୍ଗ ପରିବାରକୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ କର

# ୧୫ କିଲୋ ଚାଉଳରେ କେମିତି ଚଳିବେ ?

**ମହାକାଳପଡ଼ା, ୧୦।୧୨ (ସଂଚାର ବ୍ୟୁରୋ) :** ଜଣେ ଦିବ୍ୟାଙ୍ଗ ତାଙ୍କ ପରିବାରର ଦୁଃଖ ସଂଚାର ଆଗରେ ବଖାଣିଛନ୍ତି। ତାଙ୍କୁ ଅନ୍ତ୍ୟୋଦୟ ଅନ୍ନ ଯୋଜନା ରେ ସାମିଲ କରାଇବାକୁ ସେ ସରକାରଙ୍କୁ ଗୁହାରି କରିଛନ୍ତି। ୧୫ କିଲୋ ରାସନ୍ ଚାଉଳରେ ପରିବାର ଚଳିବା ଅତ୍ୟନ୍ତ କଷ୍ଟଦାୟକ ବୋଲି ସେ କହିଛନ୍ତି।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ରଘୁନାଥ ପାଇଟାଳ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ତାଙ୍କର ପୁଅ ଚନ୍ଦନ ପାଇଟାଳ ଜଣେ ୮୦ % ଦିବ୍ୟାଙ୍ଗ। ଚନ୍ଦନଙ୍କ ମାଆ ସେବ ପାଇଟାଳ ନାନା ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ପିଡିତ। ଭଙ୍ଗା ଦଦରା କୁଡ଼ିଆରେ ୩ ପ୍ରାଣୀ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ନିର୍ମାଣ ସମ୍ଭବ ହେଉନି। ମାସକୁ ରାସନ୍ କାର୍ଡ ମାଧ୍ୟମରେ ୧୫ କିଲୋ ଚାଉଳ ମିଳୁଛି। ଯାହା ୩ ପ୍ରାଣୀ କୁଟୁମ୍ବ ଙ୍କ ପାଇଁ ନିଅଣ୍ଟ। ମିଳୁଥିବା ଭତ୍ତା ଟଙ୍କାରେ ଚାଉଳ କିଣି କଷ୍ଟେ ମଷ୍ଟେ ଚଳି ଯାଉଛନ୍ତି। ନା ଗାଡ଼ି



### ସଂଚାର ଆଗରେ ଦୁଃଖ ବଖାଣିଲେ ପରିବାର

ଅଛି ନା ପକ୍କା ଘର ? ସେକଥା ଛାଡ ସାଇକେଲ ଖଣ୍ଡିଏ ମଧ୍ୟ ନାହିଁ। ଏମିତି ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ଭଙ୍ଗା କୁଡ଼ିଆରେ ବଞ୍ଚୁଛନ୍ତି। ଅନ୍ତୋଦୟ ଅନ୍ନ ଯୋଜନା ପାଇଁ କେତେ ଲୋକଙ୍କୁ ହାତ ଯୋଡ଼ିଛନ୍ତି, କେତେ ଲୋକଙ୍କୁ ଗୁହାରି କରିଛନ୍ତି ହେଲେ ଗରିବ ଅସହାୟଙ୍କ ଡ଼ାକ ବଡ଼ ବଡ଼ ଲୋକଙ୍କୁ କେବେ ଶୁଭିନି। ଏମିତି ଦୁଃଖଭରା କାହାଣୀ "ସଂଚାର" ଆଗରେ କହି ନିଜର ଦୁଃଖ ବଖାଣିଛନ୍ତି ପରିବାର ଲୋକେ। ୧୫ କିଲୋ ଚାଉଳ ତିନି ଲୋକଙ୍କୁ ଖାଇବା ପାଇଁ ୧୦-୧୨ ଦିନ ଯାଉଛି। ଆଉ ଅବଶିଷ୍ଟ କିଣିବାକୁ ପଡୁଛି। ଯଦି ଆମକୁ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରାଯାଆନ୍ତା ଆମେ ଶାନ୍ତିରେ ଟିକିଏ ବଞ୍ଚି ପାରନ୍ତୁ।

ଆଖି ଛଳଛଳ କରି ଏମିତି କହି ନିଜର ଭାଗ୍ୟକୁ ନିନ୍ଦା କରିଛନ୍ତି ନିଜେ ଦିବ୍ୟାଙ୍ଗ ଚନ୍ଦନ ପାଇଟାଳ। ଏମିତି ଘଟଣା ଶୁଣି ଆପଣଙ୍କ ଆଖି ମଧ୍ୟ ଓଦା ହୋଇଯିବ, ଯାହା ଆମକୁ ମଧ୍ୟ ବିଚଳିତ କରିପକାଇଛି। ଆଶା କରୁଛୁ ଏ ଖବର ଦେଖିଲେ ସରକାରୀ ଅଫିସରଙ୍କ ହୃଦୟ ତରଳିବ। ସରକାରଙ୍କ ବ୍ୟବସ୍ଥା ଏ ଦିବ୍ୟାଙ୍ଗ ପରିବାରର ଦୁଃଖକୁ ପ୍ରଶମିତ କରିବ। ଯଦି ସତରେ ସରକାର ଓ ପ୍ରଶାସନିକ ଅଧିକାରୀ ଚାହିଁବେ ଜଣେ ଦୁଃଖୀ ଅସହାୟ ପରିବାର ଟିଏ ଅନ୍ତୋଦୟ ଅନ୍ନ ଯୋଜନା ରେ ସାମିଲ ହୋଇପାରିବ। ଖବର ଦେଖି ପ୍ରଶାସନ ତତ୍ପରତା ଦେଖାଇବ କି ଚୁପ୍ ରହିବ ତାହା ଦେଖିବାକୁ ବାକି।

# ୩ ବଖରା ଜଳିଗଲା



**ରାଜନଗର, ୧୦।୧୨ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ଅନ୍ତର୍ଗତ ପଟ୍ଟାପାରିଆ ଗ୍ରାମରେ ଗତକାଲି ରାତିରେ ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଏହି ଗ୍ରାମର ବାନାମ୍ବର ଦଳାଇଙ୍କ ଘରେ ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ତାଙ୍କର ୩ ବଖରା ଘର ପୋଡିଯିବା ସହିତ ଆସବାସପତ୍ର, ଧାନ, ଚାଉଳ, ଗହଣା ଗାଣ୍ଠି ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ପିନ୍ଧାଲୁଗା ବ୍ୟତିତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରିବାରେ ସକ୍ଷମ ହୋଇପାରିନାହିଁ। ବିଦ୍ୟୁତ୍ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବାରୁ ନିଆଁକୁ ଆୟତ କରିବା ଲୋକଙ୍କ ପକ୍ଷେ ସମ୍ଭବ ହୋଇନଥିଲା। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।

# ଗହୀରମଥାରୁ ୧ ଟ୍ରଲର ଜବତ, ୭ ମତ୍ସ୍ୟଜୀବୀ ଗିରଫ




**ରାଜନଗର, ୧୦।୧୨ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନବିଭାଗ ଟିମ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିବା ସହିତ ଏଥିରେ ଥିବା ୭ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ବରୁଣେଇ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନବିଭାଗ ପାଟ୍ରୋଲିଂ ଟିମ ଗହୀରମଥା ନିଷିଦ୍ଧାଞ୍ଚଳରେ ପଇଁତରା ଦେଉଥିବା ସମୟରେ ଏହି ଟ୍ରଲରଟିକୁ ଜବତ କରିଥିଲେ। ଜବତ ଟ୍ରଲରର ନାମ ସାଇଶଙ୍କର। ବେଆଇନ ଭାବେ ମାଛ ଧରୁଥିବା ମତ୍ସ୍ୟଜିବୀଙ୍କ ମଧ୍ୟରେ ଗୋବିନ୍ଦ ମଣ୍ଡଳ, ରଞ୍ଜିତ ମଣ୍ଡଳ, ଅତୁଳ ମଣ୍ଡଳ, ସପନ ସାମଲ, ଗୁରୁପଦ ମାଇତି, କାହ୍ନୁ ମାଇତି ଏବଂ ପିଙ୍କୁ ମଣ୍ଡଳଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଧାରା ୨୭, ୨୯, ୩୧ ଗିରଫ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ଜିପିଏସ ୧ଟା, ଫିସଫାଇଣ୍ଡର ୧, ଭିଏଚଏଫ ୧ଟା, ଟ୍ରଲିଂ ନେଟ ୬ଟି ଏବଂ ୪ କୁଇଂଟାଲ ସାମୁଦ୍ରିକ ମାଛ ଜବତ କରାଯାଇଥିବା ବନବିଭାଗ ତରଫରୁ ପ୍ରକାଶ।

# ସିପିଆଇ ପକ୍ଷରୁ ୭ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା, ୧୦।୧୨ (ସଂଚାର ବ୍ୟୁରୋ) :** ମହାମାନ୍ୟ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ସିପିଆଇ କମିଟି ପକ୍ଷରୁ ୭ଦଫା ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଜିଲ୍ଲା କମିଟି ସଂପାଦକ ରମଣି ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେହୁରା, ରମେଶ ଚନ୍ଦ୍ର ନାୟକ, ହରେକୃଷ୍ଣ ମାଝି, ସଂଯୁକ୍ତା ରାଉତ, ପ୍ରଶାନ୍ତ ଚୌଧୁରୀ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଶିଳ୍ପପତି ଆଦାନୀ ମୋଦୀ ସରକାରଙ୍କ ବାହୁଛାୟା ତଳେ ସମ୍ବଳ ଲୁଣ୍ଠନ କରିବାର ଘଟଣାର ତଦନ୍ତ କରାଯାଇ ତାଙ୍କୁ ଗିରଫ କରାଯାଉ, ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧିକୁ ବନ୍ଦ କରାଯାଉ, ଇଷ୍ଟକୋଷ୍ଟ ରେଳବାଇ ର ବିଭାଜନ ବନ୍ଦ କରି ନୂତନ ଭାବେ ରାଉରକେଲା ଓ ବାଲେଶ୍ୱର ଡିଭିଜନ ପ୍ରତିଷ୍ଠା କରାଯାଉ, ଖାଲି ପଡିଥିବା ସରକାରୀ ପଦବୀ ଗୁଡିକୁ ତୁରନ୍ତ ପୂରଣ କରାଯାଉ, କେନ୍ଦ୍ରାପଡା ଜିଲ୍ଲାରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ସହ ପ୍ରତ୍ୟେକ ବ୍ଲକରେ ବୃହତ୍ ଶୀତଳ ଭଣ୍ଡାର ସରକାରଙ୍କ ଦ୍ୱାରା ସ୍ଥାପନା କରାଯାଉ, ସିପିଆଇର ଜିଲ୍ଲା କମିଟି ପକ୍ଷରୁ ଏକ ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡରୁ ବାହାରି ଜିଲ୍ଲା କାର୍ଯ୍ୟାଳୟରେ ପହଁଚିବା ପରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଥିଲା ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ପ୍ରସ୍ତୁତି



**କେନ୍ଦ୍ରାପଡା, ୧୦।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୧୭ ଓ ୧୮ ତାରିଖ ୨ ଦିନ ଧରି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହେବ । ଏଥିରେ ମତ୍ସ୍ୟ ବିଭାଗ ପକ୍ଷରୁ ୨୫ଗୋଟି ଷ୍ଟଲ ଖୋଲାଯିବା ସହ ମତ୍ସ୍ୟଚାଷ କରି ସଫଳ ହୋଇଥିବା ହିତାଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ । କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି ବୈଠକରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ତହସିଲଦାର ତାପସ ରଞ୍ଜନ ଦେହୁରୀ, ଡେପୁଟି କଲେକ୍ଟର କୁଇନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ପ୍ରମୋଦ ସାମଲ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲ୍ୟ ବିବାହ ଉଚ୍ଛେଦ ପାଇଁ ଶପଥପାଠ



**କେନ୍ଦ୍ରାପଡା, ୧୦।୧୨ (ସଂଚାର ବ୍ୟୁରୋ) :** ବାଲ୍ୟ ବିବାହ ପ୍ରକ୍ରିୟାକୁ ଉଚ୍ଛେଦ ନିମନ୍ତେ କେନ୍ଦ୍ରାପଡା ବ୍ଲକ୍ ପରିସରରେ ନୂତନ ବିଡିଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଅଭିଶେକ ସ୍ୱାଇଁ ଏବଂ ଏବିଡିଓ ଅନିରୁଦ୍ଧ ଦାସଙ୍କ ନେତୃତ୍ୱରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଭାରପ୍ରାପ୍ତ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ସୁନୀତା ନାୟକ, ମିଶନ ଶକ୍ତି ପ୍ରକଳ୍ପ ପରିଚାଳକ ବିକାଶ ମହାନ୍ତିଙ୍କ ସମେତ ସମସ୍ତ କ୍ଷେତ୍ର ପରିଦର୍ଶୀକା ଓ କର୍ମଚାରୀ ବୃନ୍ଦ ଏବଂ ବ୍ଲକ୍ ସ୍ତରୀୟ ସମସ୍ତ ସଦସ୍ୟା, ସଦସ୍ୟ ବୃନ୍ଦ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତ ପ୍ରକାର ପ୍ରୟାସ କରିବା ପାଇଁ ଶପଥ ଗ୍ରହଣ କରିବା ସଂଗେ ସଂଗେ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ ସହଯୋଗ କରିଥିଲେ ।

# ଭଙ୍ଗା ଖୁଣ୍ଟରେ ଟ୍ରାନ୍ସଫର୍ମର, ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବାକୁ ଦାବି

**ମହାକାଳପଡ଼ା, ୧୦।୧୨ (ସଂଚାର ବ୍ୟୁରୋ) :** ବିପଦ ସଙ୍କୁଳ ଅବସ୍ଥାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର। କେତେବେଳେ ଯେ ଅଘଟଣ ଘଟିବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବଡକୂଳ ପଞ୍ଚାୟତ ବଡକୂଳ ଗ୍ରାମର ୧୭ ନମ୍ବର ୱାର୍ଡ ନିକଟରେ ଥିବା ଶିବ ମନ୍ଦିର ପାଖରେ ଏକ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ନିକଟରେ ଏକ ପୋଖରୀ ମଧ୍ୟ ରହିଛି। ଟ୍ରାନ୍ସଫର୍ମର ରହିଥିବା ଗୋଟିଏ ଖୁଣ୍ଟ ଫାଟି ଯାଇଥିବା ଦେଖିବାକୁ ମିଳିଛି। କିଛି ବିପଦ ଘଟିବା ପୂର୍ବରୁ ବିଦ୍ୟୁତ ୱିଭାଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ରାଜନୀତି ବିଜ୍ଞାନ ବିଭାଗର ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ




**କେନ୍ଦ୍ରାପଡ଼ା, ୧୦।୧୨ (ସଂଚାର ବ୍ୟୁରୋ) :** ଲୋକନାଥ ମହାବିଦ୍ୟାଳୟ ପାଟକୁରାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ମୁଖ୍ୟ ଡ଼ ସୁଶାନ୍ତ କୁମାର ପରିଡ଼ା ଏଥିରେ ଅଧ୍ୟକ୍ଷତା କରି ମାନବ ଅଧିକାରର କ୍ଷୁର୍ଣ୍ଣ ଓ ତାର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ଅଧିକାର ଉପରେ ନିଜର ମତାମତ ଦେଇଥିଲେ । ପ୍ରସାଶନିକ ଅଧିକାରୀ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସାହୁ, ନାକ ସଂଯୋଜିକା ଡ଼ ମମତା ପଣ୍ଡା, ରମାକାନ୍ତ ପାଣି,ସତ୍ୟବ୍ରତ ବେହେରା ଇତ୍ୟାଦି ଏହି କାର୍ଯ୍ୟକ୍ରମ ରେ ଭାଗନେଇ ନିଜର ମତପୋଷଣ କରିଥିଲେ। ପରିଶେଷରେ ଅଧ୍ୟାପକ ସୁମନ ମଲ୍ଲିକ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ନଳିତା ପରେ ଚିନାବାଦାମ ଚାଷ ଲୋପ ପାଇବ !

**କେନ୍ଦ୍ରାପଡ଼ା, ୧୦।୧୨ (ସଂଚାର ବ୍ୟୁରୋ) :** କୃଷି ସମୃଦ୍ଧ କେନ୍ଦ୍ରାପଡ଼ା ଜିଲ୍ଲାର ଚାଷ ଓ ଚାଷୀଙ୍କ ସ୍ଥିତି ଦିନକୁ ଦିନ ଦୟନୀୟ ହେବାରେ ଲାଗିଛି । ପୂର୍ବରୁ ଜିଲ୍ଲାରେ ଅର୍ଥକାରୀ ଫସଲ ନଳିତା ଚାଷ ଏକ ପ୍ରକାର ଲୋପ ପାଇଗଲା। ଠିକ୍ ସେହିପରି ରାଜ୍ୟରେ ବିଭିନ୍ନ ଜିଲ୍ଲା ମାନଙ୍କ ମଧ୍ୟରେ ଚିନାବାଦାମ ଉତ୍ପାଦନ ହେଉଥିବା କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀଙ୍କ ସ୍ଥିତି ବିହନ ପାଇଁ ବେହାଲ୍ ଚାଷୀମାନଙ୍କୁ ସରକାର ବିହନ ଯୋଗାଇ ପାରୁନାହାନ୍ତି। ରିହାତି ବିହନକୁ ବଜାରରେ କଳାବଜାର କରି ବେପାରୀ ଓ ସମ୍ପୃକ୍ତ ଅଧିକାରୀ ପ୍ରତିବର୍ଷ ମାଲାମାଲ ହେଉଥିବାର ଅଭିଯୋଗ ହେଉଛି। ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ସରକାରୀ ଚିନାବାଦାମ ବିହନ ଚାଷୀଙ୍କୁ ଯୋଗାଇ ନଥିବାରୁ ମୁନାଫାଖୋର ବ୍ୟବସାୟୀମାନେ ଅଢ଼େଇଗୁଣରେ ଚିନାବାଦାମ ବିହନ ଚାଷୀଙ୍କୁ ବିକ୍ରି କରି ଶୋଷଣ କରିଚାଲିଛନ୍ତି।

ଜିଲ୍ଲାର ଚାଷୀମାନଙ୍କ ପାଇଁ ପ୍ରାୟ ୧୦ ହଜାର କ୍ୱିଣ୍ଟାଲ ଚିନାବାଦାମ ବିହନ ଆବଶ୍ୟକ ହେଉଥିବାବେଳେ ରାଜ୍ୟ ସରକାରଙ୍କ ବିହନ ନିଗମ ଆଜି ପର୍ଯ୍ୟନ୍ତ ଗୋଟିଏ କେଜି ଯୋଗାଇ ପାରିଲାନାହିଁ। ଜିଲ୍ଲା କୃଷି ଅଧିକାରୀଙ୍କ ଅପାରଗତା ଏବଂ ଚାଷୀଙ୍କ ପ୍ରତି ଅଣଦେଖା ଯୋଗୁଁ ଆଜି ଜିଲ୍ଲାରେ ଚାଷୀ ଚାଷ କରିବାକୁ ଇଛା ପ୍ରକାଶ କରୁନାହାନ୍ତି । କାରଣ ଚିନାବାଦାମ ବିହନ ମୂଲ୍ୟ ମାତ୍ରାଧିକ ବୃଦ୍ଧି ଓ



### ରିହାତି ବିହନ ୩୦ହଜାର କ୍ୱିଣ୍ଟାଲ ଗଲା କୁଆଡ଼େ ?
### ଚାଷୀମାନେ ଶୋଷଣର ଶିକାର
### ଜିଲ୍ଲା କୃଷି ନିର୍ଦ୍ଦେଶକ ଥାଇ ବି ନଥିଲା ଭଳି !

ବେପାରୀଙ୍କ ଶୋଷଣ ନୀତି ଯୋଗୁଁ ଶହଶହ ଚାଷୀ ଏବେ ଚିନାବାଦାମ ଚାଷରୁ ମୁହଁ ଫେରାଇବା ଆରମ୍ଭ କଲେଣି। ସରକାରଙ୍କର କୃଷି ସମୃଦ୍ଧି ଯୋଜନା କେବଳ ପ୍ରଚାର ପ୍ରସାର ଓ କାଗଜପତ୍ରରେ ସୀମିତ ହେବାକୁ ବସିଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲାରେ ଚଳିତ ବର୍ଷ ୧୦,୪୦୦ ହେକ୍ଟର ଚିନାବାଦାମ ଚାଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ପ୍ରତି ହେକ୍ଟର ପାଇଁ ଦେଢ଼ କୁଇଣ୍ଟାଲ ହିସାବରେ ପ୍ରାୟ ୧୫ ହଜାର ରୁ ଉର୍ଦ୍ଧ କୁଇଣ୍ଟାଲ ବିହନ ଯୋଗାଣ ପାଇଁ ଓଡ଼ିଶା ବିହନ ନିଗମ ଦାୟିତ୍ୱ ନେଇଥିଲା ଏହି ବିହନ ପ୍ୟାକ୍ସ ଜରିଆରେ ଚାଷୀ ମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ଥିଲା। ବିହନ ନିଗମ ଓ ପ୍ୟାକ୍ସ ମଧ୍ୟରେ ସମନ୍ୱୟ ଅଭାବରୁ ଜିଲ୍ଲାକୁ ଚିନାବାଦାମ ବିହନ ଆସିପାରିଲାନାହିଁ। ସରକାରୀ ଚିନାବାଦାମ ମୂଲ୍ୟ କୁଇଣ୍ଟାଲ ୧୧,୩୫୦ଟଙ୍କା ଥିବାବେଳେ ୯୯୦୦ ଟଙ୍କାରେ ଚାଷୀମାନଙ୍କୁ ଯୋଗାଣ ବ୍ୟବସ୍ଥା ରହିଛି ମାତ୍ର ଖୋଲାବଜାରରେ ଚିନାବାଦାମ ବିହନ ୧୨,୫୦୦ରୁ ୧୫ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଛି। କେନ୍ଦ୍ରାପଡ଼ା ଜିଲ୍ଲାର ଚିନାବାଦାମ ଚାଷୀଙ୍କ ପାଇଁ ଆବଶ୍ୟକ ୧୫ ହଜାର କୁଇଣ୍ଟାଲ ବିହନ କଳାବଜାର କରାଯାଇ ନାହିଁ ତ ! ସେହିପରି ଜିଲ୍ଲାର ୯ ଟି ବ୍ଲକ୍ ମଧ୍ୟରୁ ୪ଟି ମାର୍ଶାଘାଇ, ଗରଦପୁର, ଡେରାବିଶ, ପଟ୍ଟାମୁଣ୍ଡାଇ ଆଦି ଚାଷୀଙ୍କୁ ସରକାରୀ ବିହନ ଯୋଗାଇ ଦେବାକୁ ଆବଶ୍ୟକତା ଥିବା ବେଳେ ଚଳିତ ବର୍ଷ ଚାଷୀଙ୍କୁ ସମ୍ପୂର୍ଣ ଅଣଦେଖା କରାଯାଇଛି।

ବିହନ ଲଗାଇବା ସମୟ ଶେଷ ହେବାକୁ ବସିଲାଣି। ପ୍ରଦର୍ଶନୀକ୍ଷେତ୍ର ପାଇଁ ଆସିଥିବା ବିହନ ଆଜି ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ନିକଟରେ ପହଞ୍ଚିନାହିଁ। ଜିଲ୍ଲାର କୃଷି ଉପନିର୍ଦ୍ଦେଶକ ଜିଲ୍ଲାର ଚାଷ କାର୍ଯ୍ୟ ପାଇଁ ସବିଶେଷ ତଥ୍ୟ ଗଣମାଧ୍ୟମ ପ୍ରତିନିଧି ମାଗୁଥିଲେ ମଧ୍ୟ କୌଣସି ସୂଚନା ପ୍ରଦାନ କରୁନାହାନ୍ତି । ଯାହା ଫଳରେ ଜିଲ୍ଲାରେ କୃଷି କାର୍ଯ୍ୟ କିପରି ସମୃଦ୍ଧ ହେବ ଏନେଇ ଜିଲ୍ଲାର ଅଧିକାଂଶ ଚାଷୀ ଅଭିଯୋଗ କରିଛନ୍ତି। ଏଥି ପ୍ରତି କୃଷି ସଚିବ ଓ ରାଜ୍ୟର ନୂତନ ସରକାର ଗୁରୁତ୍ୱ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ମହିଳା ସାକ୍ଷରତା ୫୭.୯୩% ରୁ ୭୪.୬%କୁ ବୃଦ୍ଧି

## ଭାରତର ଶିକ୍ଷା ବ୍ୟବସ୍ଥାକୁ କଂଗ୍ରେସ ଧ୍ୱଂସ ଭିତରକୁ ଠେଲି ଦେଇଥିଲା

**ନୂଆଦିଲ୍ଲୀ,୧୦।୧୨:** ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତର ସାକ୍ଷରତା ହାରରେ ଉଲ୍ଲେଖନୀୟ ଅଗ୍ରଗତି ତଥା ମହିଳା ସାକ୍ଷରତା ବୃଦ୍ଧି ହେତୁ ୨୦୨୩-୨୪ ବର୍ଷରେ ଭାରତର ଗ୍ରାମୀଣ ସାକ୍ଷରତା ହାର ଯଥେଷ୍ଟ ବୃଦ୍ଧି ପାଇ ୭୭.୫ ପ୍ରତିଶତରେ ପହଞ୍ଚିଛି । ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂସ୍କାରମୂଳକ ପଦକ୍ଷେପ ଓ ଉଦ୍ୟମକୁ ଶ୍ରେୟ ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ଶାସନରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଛାତ୍ରଛାତ୍ରୀମାନଙ୍କୁ ସବୁବେଳେ ଗୁଣାତ୍ମକ ଶିକ୍ଷାର ସନ୍ଧାନରେ ରହିବାକୁ ପଡୁଥିଲା। ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିଲା । ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ କିଛି ପ୍ରମୁଖ ଲୋକଙ୍କ ନିୟନ୍ତ୍ରଣରେ ରହୁଥିଲା। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଏହି କ୍ଷେତ୍ରରେ ଅନେକ ସୁଧାର ଆସିଛି । ଗ୍ରାମୀଣ ସାକ୍ଷରତା ୨୦୧୧ରେ ୬୭.୭୭% ଥିବାବେଳେ ୨୦୨୩-୨୪ରେ ଏହା ୭୭.୫% କୁ ବୃଦ୍ଧି ପାଇଛି। ସେହିପରି ମହିଳା ସାକ୍ଷରତା ୫୭.୯୩% ରୁ ୭୪.୬%କୁ ବୃଦ୍ଧି ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସଂସ୍କାର କାରଣରୁ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରୟାସ କେବଳ ସହରାଞ୍ଚଳରେ ନୁହେଁ ବରଂ ଦେଶର କୋଣ ଅନୁକୋଣରେ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିଛି। ଏକବିଂଶ ଶତାବ୍ଦୀରେ ଶିକ୍ଷା ବିନା ଭାରତର ଉନ୍ନତି ଅସମ୍ପୂର୍ଣ୍ଣ । କେହି ଯେପରି ପଛରେ ନ ରହିଯିବେ, ସେଥିପ୍ରତି ପ୍ରଧାନମନ୍ତ୍ରୀ ବିଶେଷ ଦୃଷ୍ଟି ଦେଉଛନ୍ତି। ତାଙ୍କର ସଂସ୍କାର ଭାରତକୁ ଏପରି ଏକ ଭବିଷ୍ୟତ ଆଡ଼କୁ ନେଉଛି, ଯେଉଁଠାରେ ଶିକ୍ଷାର କୌଣସି ସୀମା ନାହିଁ। ୭୦ ବର୍ଷ ମଧ୍ୟରେ କଂଗ୍ରେସ ଦ୍ୱାରା କେବଳ ୭ଟି ଏମ୍ସ ପ୍ରତିଷ୍ଠା ହୋଇଥିଲା । ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତରେ ୨୩ଟି ଏମ୍ସ ସ୍ଥାପିତ ହୋଇଛି । ୭୦୦ରୁ ଅଧିକ ମେଡିକାଲ କଲେଜ, ୫୦ ହଜାରରୁ ଅଧିକ କଲେଜ ରହିଛି । ଏମବିବିଏସ ଓ ଆଇଆଇଟି ସିଟ୍ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଏହି ସଂଖ୍ୟାଗୁଡ଼ିକ ଭାରତର ଶିକ୍ଷା କ୍ଷେତ୍ରକୁ ନୂଆ ରୂପ ଦେଇଥିବା ପରିବର୍ତ୍ତନମୂଳକ ସଂସ୍କାରକୁ ପ୍ରତିଫଳିତ କରୁଛି। ଶିକ୍ଷା ସଂସ୍କାରରେ ବୈଷୟିକ ଜ୍ଞାନକୌଶଳ ଓ ଉଦ୍ଭାବନର ଭୂମିକାକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବରୁ ଦୁର୍ଗମ ଅଂଚଳରେ ଶିକ୍ଷା ସ୍ଥିତି ବହୁତ ଗମ୍ଭୀର ଥିଲା । କଂଗ୍ରେସ ସରକାର ସେହି ଅଞ୍ଚଳରେ ଶିକ୍ଷାର ସ୍ଥିତିକୁ ସୁଧାରିବା ପାଇଁ କୌଣସି ପ୍ରକାର ବିହିତ ପଦକ୍ଷେପ ନେଇନଥିଲେ । ମାତ୍ର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଡିଜିଟାଲ ଇଣ୍ଡିଆ ମିଶନ, ନୂତନ ଶିକ୍ଷା ନୀତି, ବେଟି ବଚାଓ ବେଟି ପଢ଼ାଓ ଯୋଜନା, ପିଏମ ଶ୍ରୀ ଯୋଜନା, ବିଦ୍ୟାଲକ୍ଷ୍ମୀ ଯୋଜନା ଏବଂ ଉଲ୍ଲାସ ଯୋଜନା ଭଳି ପଦକ୍ଷେପ ଶିକ୍ଷା ଓ ଦକ୍ଷତା ବିକାଶକୁ ଏକ ନୂଆ ଉଚ୍ଚତାକୁ ନେଇଛି । ୨୦୧୫ରେ ଆରମ୍ଭ ହୋଇଥିବା 'ଡିଜିଟାଲ ଇଣ୍ଡିଆ ମିଶନ' ସ୍କୁଲଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହିତ କରିଛି । ସାରା ଦେଶରେ ଡିଜିଟାଲ ଭିତ୍ତିଭୂମି, ଇଣ୍ଟରନେଟ୍ ସଂଯୋଗ ଏବଂ ଇ-ଲର୍ଣ୍ଣିଂ ପ୍ଲାଟଫର୍ମ ବୃଦ୍ଧି ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି । ଇତିମଧ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା କେବଳ ଶିକ୍ଷାରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁନାହିଁ ବରଂ ଜନ୍ମ ସମୟରେ ଜାତୀୟ ଲିଙ୍ଗ ଅନୁପାତରେ ମଧ୍ୟ ଯଥେଷ୍ଟ ଉନ୍ନତି ଆଣିଛି । ଅପରପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାର୍ଗଦର୍ଶନରେ 'ନୂତନ ଶିକ୍ଷାନୀତି' ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

**ମୋଦୀ ସରକାରରେ ଭାରତର ଗ୍ରାମୀଣ ସାକ୍ଷରତା ହାର ୭୭.୫%କୁ ବୃଦ୍ଧି ପାଇଛି**

**ପ୍ରଧାନମନ୍ତ୍ରୀଙ୍କ ପ୍ରୟାସ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିଛି**





ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ଉତ୍ତର ପୂର୍ବ ଅଞ୍ଚଳ ବିକାଶ ମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର।

# ବିଶ୍ୱ ମାନବ ଅଧିକାର ଦିବସ



**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ପ୍ରତିବର୍ଷ ୧୦ ଡିସେମ୍ବରରେ ପାଳିତ ହେଉଥିବା ବିଶ୍ୱ ମାନବ ଅଧିକାର ଦିବସ ସମସ୍ତ ମାନବ ସମ୍ପ୍ରଦାୟଙ୍କ ମୂଳଭୂତ ଅଧିକାର ସୁରକ୍ଷା, ସମାନତା, ସ୍ୱାଧୀନତା ଏବଂ ମର୍ଯ୍ୟାଦା ପ୍ରତି ସଚେତନତା ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ। ମାନବାଧିକାର ଆଇନ, ୧୯୯୩ର ସଠିକ ରୂପାୟନ ଓ କାର୍ଯ୍ୟକାରିତା ପୂର୍ବରୁ ସମଗ୍ର ଭାରତ ବର୍ଷ ମାନବ ଅଧିକାରର ପ୍ରାସଙ୍ଗିକତାକୁ ଉପଲବ୍ଧି କରିଛି ବୋଲି କହିଛନ୍ତି ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ମାନ୍ୟବର ଜଷ୍ଟିସ୍ ଶ୍ରୀ ଚକ୍ରଧାରୀ ଶରଣ ସିଂ। ଆଜି ସନ୍ଧ୍ୟାରେ ଜୟଦେବ ଭବନ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ନ୍ୟାୟାଧିଶ ଶ୍ରୀ ଚକ୍ରଧାରୀ ଶରଣ ସିଁ କହିଲେ ଯେ ଅନେକ ଲୋକ ସେମାନଙ୍କ ଅଧିକାର ବିଷୟରେ ଅଜ୍ଞ। ସେମାନଙ୍କୁ ସଚେତନ କରାଇବା ସହିତ ସମାଜରେ ଯେଉଁମାନେ ଅଧିକାର ଚ୍ୟୁତ ହେଉଛନ୍ତି, ସେମାନଙ୍କ ନିମନ୍ତେ ଏକ ସୁରକ୍ଷିତ ଓ ସମାନ ମଞ୍ଚ ପ୍ରଦାନ କରିବା ଆମର ଦାୟିତ୍ୱ। ମାନବ ଅଧିକାର ଦିବସକୁ ଗୋଟିଏ ଦିନର କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ପରିବ୍ୟାପ୍ତ କରିବା ଦରକାର। ଏକ ନିୟମିତ ସଚେତନତା କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ନାଗରିକ ଯେପରି ଆୟୋଗର କାର୍ଯ୍ୟଧାରାକୁ ହୃଦୟଙ୍ଗମ କରିବେ ସେ ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଏଥିପାଇଁ ଜଷ୍ଟିସ ଶ୍ରୀ ଶରଣ ସିଂ ତାଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ବିଶ୍ୱ ମାନବ ଅଧିକାର ଦିବସ ଯେଉ ଉଦ୍ଦେଶ୍ୟରେ ପାଳନ କରା ଯାଉଛି ଆମ ସମ୍ବିଧାନ ଆମମାନଙ୍କୁ ସେହି ଅଧିକାର ପ୍ରଦାନ କରିଛି। ଆଜିର ଦିବସର ତାତ୍ପର୍ଯ୍ୟ ହେଲା ସାଧାରଣ ମଣିଷକୁ ତାର ଅଧିକାର ସାଙ୍ଗରେ ପରିଚିତ କରାଇବା। ଆଜିର ଦିବସ ବାର୍ତ୍ତା ଆମକୁ ଏହା ବୁଝାଏ ଯେ, ସମସ୍ତ ମାନବ ସମାନ ଅଧିକାର ସହ ବଞ୍ଚିବା ଜରୁରୀ। କୌଣସି ଭାଷା, ଧର୍ମ, ଜାତି, ଲିଙ୍ଗ କିମ୍ବା ରଙ୍ଗ ଦ୍ୱାରା ମାନବ ଅଧିକାର ଉଲଂଘନ ନ ହେଉ, ଆମମାନଙ୍କୁ ଏହା ସୁନିଶ୍ଚିତ କରିବାକୁ ହେବ। ଲୋକମାନେ ଧୀରେ ଧୀରେ ହୃଦୟଙ୍ଗମ କରୁଛନ୍ତି ଯେ ମାନବିକ ଅଧିକାରର ଉଲ୍ଲଂଘନ ହେଉଛି ଏକ ବିଷୟ ଯାହା ମାନବ ଅଧିକାର ଆୟୋଗ ଦ୍ୱାରା ସମାଧାନ କରାଯାଇ ପାରିବ।

# ରାଜ୍ୟ ସାମୁଦ୍ରିକ ନୀତି ପ୍ରଣୟନ ନିମନ୍ତେ ବୁଝାମଣାପତ୍ର




**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ଏକ ପ୍ରଭାବୀ ଓ ଫଳପ୍ରଦ ସାମୁଦ୍ରିକ ନୀତି ପ୍ରଣୟନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନସ୍ଥ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ନିର୍ଦ୍ଦେଶାଳୟ ଓ ଆଇଆଇଟି ମାଡ୍ରାସସ୍ଥିତ ବନ୍ଦର, ଜଳପଥ ଓ ଉପକୂଳ ନିମନ୍ତେ ଜାତୀୟ ବୈଷୟିକ କେନ୍ଦ୍ର (ନ୍ୟାସନାଲ ଟେକ୍ନୋଲୋଜି ସେଣ୍ଟର ଫର ପୋର୍ଟସ୍, ୱାଟରୱେଜ୍ ଆଣ୍ଡ କୋଷ୍ଟସ୍) ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଉଦ୍ଦେଶ୍ୟରେ ଆୟୋଜିତ ଏକ ପ୍ରାଥମିକ ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଉପସ୍ଥିତ ରହି ଏକ ସମୃଦ୍ଧ ତଥା ଉପଯୋଗୀ ସାମୁଦ୍ରିକ ନୀତି ପ୍ରଣୟନ ଉପରେ ଓଡ଼ିଶାର ଅର୍ଥନୈତିକ ବିକାଶ ନିର୍ଭର କରେ ବୋଲି ଉଲ୍ଲେଖ କରିଥିଲେ । ବୈଠକରେ ନ୍ୟା ସନାଲ ଟେକ୍ନୋଲୋଜି ସେଣ୍ଟର ଫର ପୋର୍ଟସ୍, ୱାଟରୱେଜ୍ ଆଣ୍ଡ କୋଷ୍ଟସର ଡିନ୍ ପ୍ରଫେସର କନ୍ଥରା ଜ ମୁରଲୀ ଦୃଶ୍ୟଶ୍ରା ବ୍ୟ ଉପସ୍ଥାପନା ମାଧ୍ୟମରେ ସାମୁଦ୍ରିକ ନୀତି ପ୍ରଣୟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ଉପସ୍ଥିତ ବିଭିନ୍ନ ଅଂଶୀଦାରମାନଙ୍କ ନିକଟରୁ ମତାମତ, ପ୍ରସ୍ତାବ ଓ ପରାମର୍ଶ ଇତ୍ୟାଦି ଆମନ୍ତ୍ରଣ କରାଯାଇଛି । ନୀତି ପ୍ରଣୟନ ବାବଦରେ ବିଭିନ୍ନ ସୂଚନା ମଧ୍ୟ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଏହି ସୂଚନା ଆଧାରରେ ଅଂଶୀଦାରମାନେ ମତାମତ ଦେବାକୁ ବୈଠକରେ ଅନୁରୋଧ କରା ଯା ଇଛି । ବୈଠକରେ ବିଭିନ୍ନ ସରକାରୀ ବିଭାଗର ପଦାଧିକାରୀ, ପରିବହନ ତଥା ସାମୁଦ୍ରିକ ବାଣିଜ୍ୟ ବିଶେଷଜ୍ଞ, ବନ୍ଦର ପରିଚାଳକ ଏବଂ ବୋଟ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଶୀତ କାକରରେ ବସିଛନ୍ତି ମହିଳା



**ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ):** ବିଧାନସଭା ଭିତରେ ଓ ବାହାରେ ମିଶନ ଶକ୍ତି ମହିଳାଙ୍କ ଦରମା ତାତି। ଲଗାତାର ଦ୍ୱିତୀୟ ଦିନରେ ଲୋୟର ପିଏମଜିରେ ଶୀତ କାକରରେ ଚାଲିଛି ଆନ୍ଦୋଳନ। ୯ ମାସର ବକେୟା ଦରମା ପ୍ରଦାନ ସହ ୧୦ ଦଫା ଦାବି ପୂରଣ ପାଇଁ ଅଡ଼ି ବସିଛନ୍ତି ୬କ୍ୟାଡରର ହଜାର ହଜାର ମହିଳା କର୍ମଚାରୀ । ସିଆରପି, ଏମବିକେ, ପ୍ରାଣୀମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ରଙ୍କ ପକ୍ଷରୁ ହକ୍ ପାଇଁ ଚାଲିଛି ଲଢ଼େଇ । ଏଭଳି ସ୍ଥିତିରେ ବଡ଼ ବୟାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । କାହାରି କଥାରେ ବିଭ୍ରାନ୍ତି ହୋଇ ରାସ୍ତାରେ ନ ଗଡ଼ିବାକୁ ପରାମର୍ଶ ଦେଇଛନ୍ତି ପ୍ରଭାତୀ। ମିଶନ ଶକ୍ତି ମହିଳାଙ୍କୁ ଢାଲ କରି ଆରମ୍ଭ ହୋଇଛି ରାଜନୀତି। ଜିପିଏଲଏଫ୍ କମ୍ୟୁନିଟି କ୍ୟାଡରଙ୍କୁ ସରକାରୀ ମାନ୍ୟତା, ସ୍ଥାୟୀ ନିଯୁକ୍ତି, ୫ ବର୍ଷିଆ ପଲିସିରେ ଥିବା ୭୫% ଓ ୫୦%କୁ ଉଚ୍ଛେଦ କରି ୧୦୦% ପାରିଶ୍ରମିକ ପ୍ରଦାନ, କମ୍ୟୁନିଟି ଷ୍ଟାଫଙ୍କର ୯ ମାସର ବକେୟା ପାରିଶ୍ରମିକ ରାଶି ପ୍ରଦାନ, ୬ ବର୍ଷ ଧରି କାମ କରୁଥିବା କର୍ମଚାରୀଙ୍କୁ ଯୋଗ୍ୟତା ଅନୁସାରେ ପଦୋନ୍ନତି, ମିଶନ ଶକ୍ତି ମହିଳାଙ୍କୁ ୧୫ ଦିନ ମଧ୍ୟରେ ପରିଚୟପତ୍ର ପ୍ରଦାନ, ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ଇପିଏଫ ଓ ଇଏସଆଇ ପ୍ରଦାନ କରାଯିବାକୁ ଦାବି କରିଛନ୍ତି ଆନ୍ଦୋଳନରତ ମହିଳା। ସୂଚନାଯୋଗ୍ୟ, ୫ ମାସ ହେବ ସରକାରକୁ ଆସିଛି ବିଜେପି । କିନ୍ତୁ ବିଜେଡି ସରକାରରେ ୩ ମାସ ଧରି ଦରମା ପାଇ ନ ଥିଲେ କର୍ମଚାରୀ । ଏମବିକେ, ସିଆରପି ମହିଳାଙ୍କ ଚୁକ୍ତିର ମଧ୍ୟ ନବୀକରଣ କରାଯାଇ ନ ଥିଲା । ଯାହାକୁ ନେଇ ଏବେ ତେଜିବାରେ ଲାଗିଛି ରାଜନୀତି ।

# ୱେଭ୍ସ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜକୁ ନେଇ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ଆଜି ଆଇଆଇଟି ଭୁବନେଶ୍ୱର ପରିସରରେ ୱାର୍ଲ୍ଡ ଅଡିଓ ଭିଜୁଆଲ ଏଣ୍ଡ ଏଣ୍ଟରଟେନମେଣ୍ଟ ସମ୍ମିଟ୍ (ୱେଭ୍ସ) ଏବଂ କ୍ରିଏଟ୍ ଇନ୍ ଇଣ୍ଡିଆ ଚାଲେଞ୍ଜକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଏବଂ ରୋଡ ଶୋ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଯୋଗଦେଇ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲକର କହିଛନ୍ତି, ଭାରତ ସମେତ ସାରା ବିଶ୍ୱରେ ମନୋରଞ୍ଜନ, ଆନିମେସନ ଏବଂ ଗେମିଂ ଭଳି ଶିଳ୍ପର ବିସ୍ତାର ହେଉଛି। ଆମ ସମସ୍ତଙ୍କ ମୋବାଇଲରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ୱେଭ୍ସ କାର୍ଯ୍ୟକ୍ରମ ଭାରତକୁ ବିଶ୍ୱ ଗଣମାଧ୍ୟମ ଓ ମନୋରଞ୍ଜନ ପରିଦୃଶ୍ୟରେ ଶୀର୍ଷରେ ରଖିବା ଲକ୍ଷ୍ୟ ନେଇ ଆୟୋଜିତ ହେଉଛି।

# କୃଷି ବିଭାଗର ୫ ଅନୁଷ୍ଠାନ ସହ ଏମ୍ଓୟୁ




**ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ):** କୃଷି ଭବନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଆଇଆର୍ଆର୍ଆଇ, ଆଇସିଆର୍ଆଇଏସ୍ଏଟି, ଆଇସିଏଆର୍ଡିଏ, ଏମ୍ଏସ୍ଏସ୍ଆର୍ଏଫ୍ ଓ ଏଏଫ୍ସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ନେଇ ୫ ଅନୁଷ୍ଠାନ ସହ ବୁଝାମଣାପତ୍ର (ଏମ୍ଓୟୁ)ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏମ୍ଓୟୁ ହୋଇଥିଲା। ରାଜ୍ୟରେ ଅବ୍ୟବହୃତ ପ୍ରାୟ ୧୬ ଲକ୍ଷ ହେକ୍ଟର ଧାନ ପରବର୍ତ୍ତୀ ପଡ଼ିଆ ଜମି ଥିବାବେଳେ ଏହାର ସଦୁପଯୋଗ ଏବଂ ମାଟିର ଉର୍ବରତା ହ୍ରାସକୁ ଦୃଷ୍ଟିରେ ରଖି କୃଷି ବିଭାଗ ୨୦୨୨-୨୩ ବର୍ଷରେ ୭୦ ହଜାର ହେକ୍ଟର ଜମିରେ ଧାନ ପରବର୍ତ୍ତୀ ପଡ଼ିଆ ଜମି ମ୍ୟାନେଜମେଣ୍ଟ ଆରମ୍ଭ କରିଥିଲେ। ଧାନ ଫସଲ ପରେ ମାଟିରେ ଥିବା ଆର୍ଦ୍ରତାକୁ ବ୍ୟବହାର କରି ଏଥିରେ ସ୍ୱଳ୍ପ ଅବଧିରେ ଫଳୁଥିବା ଡାଲି ଜାତୀୟ ଶସ୍ୟ ଯଥା ମଶୁର ଡାଲି, ମଟର ଇତ୍ୟାଦି ଏବଂ ତୈଳଜାତୀୟ ଶସ୍ୟ ଯଥା ସୋରିଷ ଇତ୍ୟାଦିର ଉତ୍ପାଦନ କରି ମାଟିର ଉର୍ବରତା ବଜାୟ ରଖାଯାଇ ପାରିବ। ପ୍ରଥମ ବର୍ଷର ସଫଳତାକୁ ଆଧାର କରି ୨୦୨୩-୨୪ ବର୍ଷରେ ୩.୯ଲକ୍ଷ ହେକ୍ଟର ଜମିରେ ଏହାକୁ କରାଯାଇଥିଲା। ଚଳିତ ବର୍ଷ ୪.୫୫ ଲକ୍ଷ ହେକ୍ଟର ଜମିରେ ଏହାକୁ କାର୍ଯ୍ୟକାରୀ କରାଯିବା ନେଇ ଲକ୍ଷ୍ୟ ରହିଛି। ଏଥିରେ ପ୍ରାୟ ୫ ଲକ୍ଷ୍ୟ ଚାଷୀ ଉପକୃତ ହେବେ। ଏଥିନିମନ୍ତେ, ୩.୪୫ଲକ୍ଷ ହେକ୍ଟର ଜମି ରାଜ୍ୟ ତରଫରୁ ସିଆରଏଫଏମ ଯୋଜନା ଅଧୀନରେ ଓ ୧.୧୦ ଲକ୍ଷ ହେକ୍ଟର ଜମି କେନ୍ଦ୍ର ସରକାରଙ୍କ ତରଫରୁ ଟିଆରଏଫଏ - ତୈଳବୀଜ ଯୋଜନା ମିଳୁଥିବା ଅନୁଦାନ ଅନ୍ତର୍ଭୁକ୍ତ। ରାଜ୍ୟ ସରକାରଙ୍କ ତରଫରୁ ପ୍ରାୟ ୨ଲକ୍ଷ ହେକ୍ଟର ଅମ୍ଳୀୟ ଅଞ୍ଚଳରେ ମାଟିର ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଡୋଲୋମିଟିକ୍ ଚୂନ ପଥର ଯୋଗାଇ ଦିଆଯାଉଛି। ପ୍ରକଳ୍ପର ଅବସ୍ଥିତି ଓ ଅଗ୍ରଗତି ପରୀକ୍ଷଣ ନିମନ୍ତେ ରିଅଲ ଟାଇମ ମନିଟରିଂ ସିଷ୍ଟମର ବ୍ୟବହାର କରାଯିବ।

# ସିଏମ୍ସି ମଶା ଦମନ ପ୍ରକ୍ରିୟା ବିଫଳ



**କଟକ,୧୦।୧୨ (ସଂଚାର ବ୍ୟୁରୋ):** କଟକ ସହରରେ ଦିନକୁ ଦିନ ମଶା ମାନଙ୍କର ଘନତ୍ୱ ବୃଦ୍ଧି ହେବା ସହ ଉପଦ୍ରବ ମଧ୍ୟ ବଢ଼ି ଚାଲିଛି । ଖାଲି ସନ୍ଧ୍ୟା କି ରାତି ବୋଲି ନୁହେଁ ଦିନ ବେଳା ମଧ୍ୟ ମଶା ଦାଉରୁ ନିସ୍ତାର ମିଳୁନାହିଁ । ମଶା ନିୟନ୍ତ୍ରଣରେ କଟକ ମହାନଗର ନିଗମ ବିଫଳ ହେଇଛି। କଟକ ସହରରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଘଟିଛି । ଏସବୁ ଦାୟିତ୍ୱ ସିଏମସି ଠିକା ସଂସ୍ଥାକୁ ଦେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବୁସ କଟିଂ ନାହିଁ, ଦୀର୍ଘ ଦିନ ଧରି ଡ୍ରେନ ସଫେଇ ନାହିଁ,ରାସ୍ତା କଡ଼ରେ କୁଢ଼ କୁଢ଼ ଅଳିଆ ଦୀର୍ଘ ଦିନ ଧରି ପଡି ରହୁଛି, ମଶା ମରା ତେଲ ଓ ଧୂଆଁ ଦିଆଯାଉନାହିଁ କିମ୍ବା ଯଦି ଦିଆଯାଉଛି ତାହା ଏତେ ନିମ୍ନମାନର ଯେ ସେଥିରେ ମଶା ମରୁ ନାହାନ୍ତି, ଯାହା ଫଳରେ ମଶା ବଂଶ ବୃଦ୍ଧି ହେଇ ଜନ ଜୀବନକୁ ଅସ୍ତବ୍ୟସ୍ତ କରିବା ସହ ଡେଙ୍ଗୁ ମ୍ୟାଲେରିଆ ପରି ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ମଧ୍ୟ ରହିଛି । ବିଶେଷ କରି ସିଏମସି ର ଅବହେଳାତ୍ମକ କାର୍ଯ୍ୟକୁ ଦାୟୀ କରି କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟ ରୁ କଟକ ଜିଲ୍ଲା କଂଗ୍ରେସ ର ପ୍ରାକ୍ତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ୍ ଙ୍କ ନେତୃତ୍ୱରେ କଂଗ୍ରେସ୍ ର ଏକ ପ୍ରତିନିଧି ମଣ୍ଡଳୀ ବାହାରି କଟକ ବାଦାମବାଡ଼ି ଥାନା ସମ୍ମୁଖରେ ମଶାରୀ ଟାଙ୍ଗୀ ଡେମନଷ୍ଟ୍ରେସନ କରିବାସହ ଭାରତୀୟ ନ୍ୟାୟ ସଂହିତା ୨୭୧ ଧାରା ଅନୁଯାୟୀ ଉଭୟ ସିଏମସି ର ସ୍ୱାସ୍ଥ୍ୟ ଅଧିକାରୀ ଓ କମିଶନର ଙ୍କ ନାଁ ରେ ଏତଲା ଦିଆଯାଇଥିଲା ।

# ଡିସେମ୍ବର ୧୨ରେ ପଞ୍ଚମବେଦର ନାଟକ 'ଅବସର'



**ଭୁବନେଶ୍ୱର, ୧୦।୧୨(ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରତିଷ୍ଠିତ ଲୋକପ୍ରିୟ ନାଟ୍ୟସଂସ୍ଥା 'ପଞ୍ଚମବେଦ' ଆଗାମୀ ଡ଼ିସେମ୍ବର ୧୨ ତାରିଖ ଦିନ ଜାଗରଣ ଆର୍ଟ ଇଣ୍ଟରନେସନାଲ, ଦେବଗଡ଼ ଦ୍ୱାରା ଆୟୋଜିତ ୨୦ ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ-୨୦୨୪ ର ଦ୍ୱିତୀୟ ସଂଧ୍ୟା ରେ ନାଟକ 'ଅବସର' ଟାଉନ ହଲ, ଦେବଗଡ଼ ରେ ମଞ୍ଚସ୍ଥ କରିବାକୁ ଯାଉଛି।ଏହି ନାଟକଟିକୁ ହର ବାରିକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ହରେନ୍ ସାହୁ।ସଙ୍ଗୀତ ରେ ବିନୟ ଦାଶ ଥିବାବେଳେ ମୁଖ୍ୟ ବ୍ୟବସ୍ଥାପକ ଭାବେ ପ୍ରକାଶ ମହାରଣା, ମଞ୍ଚ ପରିଚାଳନାରେ ସୁରେନ୍ଦ୍ର ନାଥ ଗୌଡ଼(ବୁଲୁ ଭାଇ), ଆଲୋକ ପରିଚାଳନାରେ ଶବର ନାୟକ ଏବଂ ରୂପସଜ୍ଜା ଦାୟୀତ୍ୱରେ ପ୍ରଶାନ୍ତ ଶତପଥୀ(ମାମା) ଅଛନ୍ତି।ଏହି ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ, ଜ୍ଞାନେନ୍ଦ୍ର ଶତପଥୀ, ମହେନ୍ଦ୍ର ଶତପଥୀ, ତାପସ ଦାଶ, ଦୀପକ କୁମାର ମହାପାତ୍ର, ବ୍ୟାସଦେବ ଚୌହାନ, ଅଭିମନ୍ୟୁ ସେଠୀ, ରଘୁନାଥ ବେହେରା, ମମତା ମହାନ୍ତି, ରାଜଲକ୍ଷ୍ମୀ ମିଶ୍ର, ଶ୍ୱେତା ରଥ, ଶିଶୁ କଳାକାର ଅଭିମାନ ସାଇ ସ୍ୱରୂପ।ନାଟକର କାହାଣୀଟି ସମ୍ପୂର୍ଣ୍ଣ ପାରିବାରିକ। ଆପଣଙ୍କ ଖବର କାଗଜରେ ପାଠ ସହିତ ଫଟୋ ଗୋଟେ ସ୍ଥାନିତ କରିବେ ବୋଲି ଆମର ଆଶା ବିଶ୍ୱାସ।

# ଆଜି ସ୍ମାର୍ଟ ଇଣ୍ଡିଆ ହାକାଥନର ସପ୍ତମ ସଂସ୍କରଣ

**ନୂଆଦିଲ୍ଲୀ,୧୦।୧୨:** ସ୍ମାର୍ଟ ଇଣ୍ଡିଆ ହାକାଥନ୍ (ଏସଆଇଏଚ୍)ର ସପ୍ତମ ସଂସ୍କରଣ ୧୧ ଡିସେମ୍ବର ୨୦୨୪ରୁ ଦେଶର ୫୧ଟି କେନ୍ଦ୍ରରେ ଆରମ୍ଭ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଭର୍ଚୁଆଲ ଭାବେ ଉଦଘାଟନ କରିବେ। ଆମର ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଛାତ୍ରଛାତ୍ରୀଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଏବଂ ଏହିପରି ଉତ୍ପାଦ ଉଦ୍ଭାବନର ସଂସ୍କୃତି ଏବଂ ସମସ୍ୟା ସମାଧାନ ମାନସିକତା ସୃଷ୍ଟି କରିବା ପାଇଁ ଏସଆଇଏଚ ହେଉଛି ଏକ ଦେଶବ୍ୟାପୀ ପଦକ୍ଷେପ। ପୂର୍ବ ସଂସ୍କରଣ ଭଳି, ଛାତ୍ରଛାତ୍ରୀ ଦଳଗୁଡିକ ମନ୍ତ୍ରଣାଳୟ / ବିଭାଗ / ଶିଳ୍ପ ଦ୍ୱାରା ଦିଆଯାଇଥିବା ସମସ୍ୟା ସମାଧାନ ଉପରେ କାର୍ଯ୍ୟ କରିବେ କିମ୍ବା ୧୭ଟି ବିଷୟବସ୍ତୁ ମଧ୍ୟରୁ ଯେକୌଣସି ବିଷୟରେ ବିଦ୍ୟାର୍ଥୀ ଉଦ୍ଭାବନ ବର୍ଗରେ ସେମାନଙ୍କର ବିଚାର ପ୍ରସ୍ତୁତ କରିବେ। ଏସଆଇଏଚ ୨୦୨୪ ପାଇଁ ୫୪ଟି ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଶିଳ୍ପ ସଂସ୍ଥା ଦ୍ୱାରା ୨୫୦ରୁ ଅଧିକ ସମସ୍ୟା ବିଷୟରେ ବିଚାର ଉପସ୍ଥାପନ କରାଯାଇଛି।

# କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ କର୍ମଶାଳା




**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ନିବାରଣ ସପ୍ତାହରେ ପୂର୍ବତଟ ରେଳପଥ ପକ୍ଷରୁ ଏକ ଏନଜିଓ ପରିଚାଳିତ ଜେଣ୍ଡର ରିସୋର୍ସ ସେଣ୍ଟର 'ଅସ୍ତିତ୍ୱ' ସହ ମିଳିତ ସହଯୋଗରେ କର୍ମକ୍ଷେତ୍ରରେ ହେଉଥିବା ନିର୍ଯ୍ୟାତନାକୁ ଦୂର କରିବା ପାଇଁ ଏକ ସୂଚନାପୂର୍ଣ୍ଣ ତଥା ଆକର୍ଷଣୀୟ କର୍ମଶାଳା ଆୟୋଜନ କରାଯାଇଥିଲା କରିଥିଲା । ସୋମବାର ଦିନ ଅନୁଷ୍ଠିତ ଏହି କର୍ମଶାଳା ୯ ଡିସେମ୍ବରରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା (ପ୍ରତିରୋଧ, ନିଷେଧାଦେଶ ଏବଂ ପୁନଃନିର୍ମାଣ) ଆଇନ ଘୋଷଣାକୁ ସ୍ମରଣୀୟ କରିବା ପାଇଁ ଆୟୋଜିତ ହୋଇଥିଲା । କର୍ମକ୍ଷେତ୍ରରେ ମହିଳାମାନଙ୍କ ପାଇଁ ଏକ ନିରାପଦ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବାର ମହତ୍ୱ ବିଷୟରେ ପୂର୍ବତଟ ରେଳପଥର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ଶ୍ରୀମତୀ ଏସ୍ ଏସ୍ ରାୟ ଉଦ୍‌ଘାଟନ କରିଥିଲେ।

# ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷାଙ୍କ ବିଜେପିରେ ଯୋଗଦାନ



**ଭୁବନେଶ୍ୱର, ୧୦।୧୨(ସଂଚାର ବ୍ୟୁରୋ):** ବିଜେପିର ନୂଆ ସରକାରକୁ ନେଇ ଓଡ଼ିଶାବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ବିଜେପିର ସାଂଗଠନିକ ଶକ୍ତି ବୃଦ୍ଧି ପାଉଛି। ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଆଜି ସୋରଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପ୍ରମିଳା କୁମାରୀ ପ୍ରଧାନ, ବେଲଗୁଣ୍ଠାର ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ବିଜେଡି ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସେମାନଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

# ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର ବଢ଼ୁଛି

## ଗ୍ରାମାଞ୍ଚଳରେ ୬୯% ଏବଂ ସହରାଞ୍ଚଳରେ ୨୫% ବୃଦ୍ଧି



**ଭୁବନେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ଦେଶରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର (ଏଲଏଫପିଆର) ବୃଦ୍ଧି ପାଉଛି। ବିଶେଷ କରି ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ଏହି ହାରରେ ଉଲ୍ଲେଖନୀୟ ପ୍ରଗତି ଦେଖିବାକୁ ମିଳିଛି ବୋଲି ଅବଧିକାଳୀନ ଶ୍ରମ ଶକ୍ତି ସର୍ବେକ୍ଷଣ ତଥ୍ୟରୁ ଜଣାପଡ଼ିଛି। ଏଲଏଫପିଆର ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ସାମଗ୍ରିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ସଦସ୍ୟ ଡକ୍ଟର ଶମିକା ରବି ଏବଂ ଦିଲ୍ଲୀର ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନର ଗବେଷକ ଡକ୍ଟର ମୁଦିତ କପୁରଙ୍କ ଦ୍ୱାରା କରାଯାଇଥିବା ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଜାତୀୟ ସ୍ତରରେ ଗ୍ରାମୀଣ ମହିଳା ଏଲଏଫପିଆର ୨୪.୬%ରୁ ୪୧.୫% (ଯ୬୯%) କୁ ବଢ଼ିଛି। ସେହିପରି ସହରାଞ୍ଚଳ ଏଲଏଫପିଆର ସାମାନ୍ୟ ବୃଦ୍ଧି ପାଇ ୨୦.୪% ରୁ ୨୫.୪% (ଯ୨୫%) ହୋଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ ପାର୍ଥକ୍ୟ ରହିଛି। ଗ୍ରାମାଞ୍ଚଳରେ ଝାଡ଼ଖଣ୍ଡ (ଯ୨୩୩% ଅଭିବୃଦ୍ଧି) ଏବଂ ବିହାର (ଯ୬ ଗୁଣ ଅଭିବୃଦ୍ଧି) ଭଳି ରାଜ୍ୟରେ ଉଲ୍ଲେଖନୀୟ ସୁଧାର ଦେଖିବାକୁ ମିଳିଛି। ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛନ୍ତି (ଉଦାହରଣ ସ୍ୱରୂପ, ନାଗାଲାଣ୍ଡ: ୧୫.୭% ରୁ ୭୧.୧%)। ଜାତୀୟ ସ୍ତରରେ ସହରାଞ୍ଚଳରେ ସାମଗ୍ରିକ ଭାବେ ସାମାନ୍ୟ ଅଭିବୃଦ୍ଧି ଘଟିଛି। ତେବେ ସହରାଞ୍ଚଳ ଗୁଜରାଟରେ ଉଲ୍ଲେଖନୀୟ ଅଭିବୃଦ୍ଧି (୧୬.୨%ରୁ ୨୬.୪%, ଯ୬୩% ଅଭିବୃଦ୍ଧି) ହୋଇଛି କିନ୍ତୁ ସହରାଞ୍ଚଳ ତାମିଲନାଡୁରେ ସାମାନ୍ୟ ପରିବର୍ତ୍ତନ (୨୭.୬%ରୁ ୨୮.୮%) ଆସିଛି। ପ୍ରାୟ ସବୁ ରାଜ୍ୟରେ ମହିଳା ଏଲଏଫପିଆର ବୃଦ୍ଧି ପାଇଛି, ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଅଧିକ ଲାଭ ଦେଖିବାକୁ ମିଳିଛି। ଅବିବାହିତ ମହିଳାଙ୍କ ତୁଳନାରେ ଗ୍ରାମାଞ୍ଚଳରେ ବିବାହିତ ମହିଳାମାନେ ଅଧିକ ଅଂଶଗ୍ରହଣ ଅଭିବୃଦ୍ଧି ଦେଖାଇଛନ୍ତି। ରାଜସ୍ଥାନ ଓ ଝାଡ଼ଖଣ୍ଡ ଭଳି ରାଜ୍ୟରେ ବିଶେଷ କରି ବିବାହିତ ମହିଳାଙ୍କ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ତେବେ ଆଞ୍ଚଳିକ ଓ ଆନ୍ତଃରାଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଭିନ୍ନତା ରହିଛି। ଉତ୍ତର ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବ ଏବଂ ହରିୟାଣାରେ ମହିଳା ଏଲଏଫପିଆର କମ୍ ରହିଛି।

# ଇଣ୍ଡିଆ ବ୍ଲକରେ ଦାନା ବାନ୍ଧୁଛି ନେତୃତ୍ୱ ପରିବର୍ତ୍ତନ ଦାବି

# ଶରଦଙ୍କ ପରେ ମମତାଙ୍କୁ ଲାଲୁଙ୍କ ସମର୍ଥନ

**ନୂଆଦିଲ୍ଲୀ, ୧୦।୧୨:** ପ୍ରମୁଖ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆ ବ୍ଲକରେ ନେତୃତ୍ୱ ପରିବର୍ତ୍ତନ ଦାବି ଯୋର ଧରୁଛି। ଗତ ସପ୍ତାହରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗ ଉଠାଇଥିଲେ ଏବଂ ସେ ନିଜେ ଇଣ୍ଡିଆ ବ୍ଲକର ନେତୃତ୍ୱ ନେବାକୁ ପ୍ରସ୍ତୁତ ବୋଲି କହିଥିଲେ। ମମତାଙ୍କୁ ପ୍ରଥମେ ସମାଜବାଦୀ ପାର୍ଟୀ ସମର୍ଥନ କରିଥିଲା ବେଳେ ଏନସିପି ନେତା ଶରଦ ପାୱାର ମଧ୍ୟ ମମତା ଜଣେ ଦକ୍ଷ ଏବଂ ଇଣ୍ଡି ମେଣ୍ଟର ନେତୃତ୍ୱ ନେବାକୁ ଯୋଗ୍ୟ ନେତ୍ରୀ ବୋଲି କହିଥିଲେ। ଏବେ ଇଣ୍ଡିଆ ବ୍ଲକର ଆଉ ଜଣେ ପ୍ରମୁଖ ନେତା, ଆରଜେଡି ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବ ମଧ୍ୟ ମମତାଙ୍କୁ ସମର୍ଥନ କରିଛନ୍ତି ଏବଂ ମମତା ହିଁ ଇଣ୍ଡିମେଣ୍ଟର ନେତୃତ୍ୱ ନେବା ଉଚିତ ବୋଲି କହିଛନ୍ତି। କଂଗ୍ରେସ ଏହାକୁ ବିରୋଧ କଲେ କିଛି ଫରକ ପଡ଼ିବନି ବୋଲି ସେ କହିଛନ୍ତି। ଲାଲୁଙ୍କ ସମର୍ଥନ ପରେ ମମତାଙ୍କ ସ୍ଥିତି ଆହୁରି ସୁଦୃଢ଼ ହୋଇଛି।

ଗତ ସପ୍ତାହରେ ମମତା ଏକ ନ୍ୟୁଜ ଚାନେଲକୁ ସାକ୍ଷାତକାର ଦେଇ କହିଥିଲେ ଯେ, ସେ ଇଣ୍ଡିମେଣ୍ଟ ଗଠନ କରିଥିଲେ। କିନ୍ତୁ ଏବେ ଯେଉଁମାନେ ଏହାର ନେତୃତ୍ୱ ଏବଂ ଦାୟିତ୍ୱ ନେଇଛନ୍ତି ସେମାନେ ଏହାକୁ ଠିକ ଭାବେ ପରିଚାଳିତ କରିପାରୁନାହାଁନ୍ତି। ମେଣ୍ଟର ଅଂଶୀଦାର ଦଳ ମଧ୍ୟରେ ଉପଯୁକ୍ତ ସମନ୍ୱୟ ନାହିଁ। ଲୋକସଭା ନିର୍ବାଚନରେ ମେଣ୍ଟ ବିଜେପିକୁ ହଟାଇବାରେ ବିଫଳ ହେଲା। ହରିୟାନାରେ ଭୁଲ ରଣନୀତି ଯୋଗୁ କଂଗ୍ରେସ ହାରିଲା। ଯଦି ମେଣ୍ଟର ସବୁ ଅଂଶୀଦାର ଦଳ ମଧ୍ୟରେ ଆସନ ବୁଝାମଣା ହୋଇଥାଆନ୍ତା ତେବେ ହରିୟାନାରେ ବିଜେପିର ପରାଜୟ ସୁନିଶ୍ଚିତ ଥିଲା। ମହାରାଷ୍ଟ୍ରରେ ମଧ୍ୟ ଉପଯୁକ୍ତ ରଣନୀତି ଅଭାବରୁ ଏମଭିଏ ହାରିଲା। ଜାତୀୟ ସ୍ତରରେ ମୋଦି ସରକାରଙ୍କୁ ଘେରିବାରେ ଇଣ୍ଡିମେଣ୍ଟର ନେତୃତ୍ୱ ବିଫଳ ହୋଇଛି। ତେଣୁ ଏହାର ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତା ରହିଛି। ସେ ଜାତୀୟ ରାଜନୀତିରେ ନେତୃତ୍ୱ ଲାଗି ଆଗ୍ରହୀ ନାହାଁନ୍ତି। କିନ୍ତୁ ସେ କୋଲକାତାରେ ରହି ମଧ୍ୟ ଏହାର ନେତୃତ୍ୱ ନେଇପାରିବେ ବୋଲି ମମତା କହିଛନ୍ତି। କଂଗ୍ରେସ ଓ ବାମପନ୍ଥୀଙ୍କ ବ୍ୟତିତ ଇଣ୍ଡିମେଣ୍ଟର ଅନ୍ୟ ପ୍ରମୁଖ ନେତାମାନେ ମମତାଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମର୍ଥନ କରୁଛନ୍ତି।

ଏହି ସମୟ ମଧ୍ୟରେ ବିହାରରେ ହେବାକୁ ଥିବା ଆଗାମୀ ନିର୍ବାଚନରେ ତାଙ୍କ ଦଳ କ୍ଷମତାକୁ ଆସିବ ବୋଲି ଲାଲୁ ଯାଦବ ଦୃଢ଼ୋକ୍ତି ଦେଖାଇଛନ୍ତି। ଲାଲୁ ଯାଦବ ଦାବି କରିଛନ୍ତି ଯେ ତାଙ୍କ ଦଳ ୨୦୨୫ରେ ବିହାରରେ ସରକାର ଗଠନ କରିବାକୁ ଯାଉଛି। ନୀତୀଶ କୁମାରଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ ଆସନ୍ତା ବର୍ଷ ବିହାରରେ ଆରଜେଡି ସରକାର ଗଠନ ହେବାକୁ ଯାଉଛି। ଟିଏମ୍‌ସି ମୁଖିଆ ମମତା ବାନାର୍ଜୀ ନିକଟରେ ହରିୟାଣା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଣ୍ଡିଆ ବ୍ଲକର ଖରାପ ପ୍ରଦର୍ଶନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯଦି ମଉକା ମିଳେ ତେବେ ସେ ଇଣ୍ଡି ମେଣ୍ଟର ମଙ୍ଗ ଧରିବାକୁ ପ୍ରସ୍ତୁତ ବୋଲି ଇସାରା ଦେଇଥିଲେ।





## ବ୍ରେକ ଫେଲ

# ବସ ମାଡ଼ିଯିବାରୁ ୭ ମୃତ

**ମୁମ୍ବାଇ,୧୦।୧୨:** ସୋମବାର ରାତିରେ ମୁମ୍ବାଇର କୁର୍ଲା ଅଞ୍ଚଳରେ ଏକ ସରକାରୀ ବସ (ବେଷ୍ଟ) ବ୍ରେକ ଫେଲ ଯୋଗୁ ନିୟନ୍ତ୍ରଣ ହରାଇବାରୁ ଏକାଧିକ ଗାଡ଼ିକୁ ଧକ୍କା ଦେଇଛି। ଏଥିରେ ୭ଜଣ ପ୍ରାଣ ହରାଇବା ସହ ପ୍ରାୟ ୫୦ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେକ ପଥଚାରୀ ମଧ୍ୟ ଅଛନ୍ତି। ବସ ଯାତ୍ରୀଙ୍କ ମଧ୍ୟରୁ ଅନେକ ଆହତ ହୋଇଛନ୍ତି। ବସଟି କୁର୍ଲାରୁ ଅନ୍ଧେରି ଯାଉଥିଲା। ଆହତଙ୍କୁ ସ୍ଥାନୀୟ ଲୋକେଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ବେଳେ ବସଟି ବେଶ ଦ୍ରୁତି ଗତିରେ ଯାଉଥିଲା। ଏକାଧିକ ଗାଡ଼ି ଏବଂ ପଥଚାରୀଙ୍କୁ ଧକ୍କା ଦେବା ପରେ ଏହା ଏକ ଆପାର୍ଟମେଣ୍ଟ ଗେଟରେ ଧକ୍କା ଖାଇ ଅଟକିଥିଲା। ବସ ଡ୍ରାଇଭରକୁ ପୋଲିସ ଅଟକ ରଖିଛି। ମୁମ୍ବାଇ କୁର୍ଲାର ଓ୍ୱେଷ୍ଟ। ରାତି ପ୍ରାୟ ସାଢ଼େ ୯ଟା। କୁର୍ଲା ପଶ୍ଚିମରୁ ଅନ୍ଧେରି ଯାଉଥିବା ୩୩୨ ନମ୍ବର ବସ୍ କୁର୍ଲା ଷ୍ଟେସନରୁ ବାହାରିଥିଲା। ତେବେ ହଠାତ୍ ଦେଖୁ ଦେଖୁ ବସ୍‌ର ସ୍ପିଡ୍ ବଢ଼ି ଯାଇଥିଲା। ଆମ୍ବେଦକର ନଗର ବୁଦ୍ଧ କଲୋନୀ ପାଖରେ ନିୟନ୍ତ୍ରଣ ହରାଇଥିଲା ବସ୍। ଏହାପରେ ରାସ୍ତାରେ ଯିଏ ଆସିଥିଲା ତା' ଉପରେ ଚଢ଼ିଗଲା। ପ୍ରଥମେ ଏକ କାର୍‌କୁ ଧକ୍କା ଦେଇ ୧୦୦ ମିଟର ଯାଏ ଘୋଷାରି ନେଲା। ଏହାପରେ ସ୍କୁଟି, ଅଟୋ, ବାଇକ୍ ଓ ପରେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ ମାଡ଼ିଗଲା। ପ୍ରାୟ ୫୦ ଲୋକଙ୍କୁ ନିଜ ଚକା ତଳେ ଚାପି ଦେଲା ବସ୍। ୨୦୦ ମିଟର ବ୍ୟାସାର୍ଦ୍ଧରେ ଯାହା ଆସିଲା ତାହା ଉପରେ ଲଗାତର ଚଢ଼ିଗଲା ବସ୍। ଶେଷରେ ଏକ ସୋସାଇଟି କାନ୍ଥ ସହ ଧକ୍କା ହେବା ପରେ ବସ୍‌ଟି ଅଟକି ଥିଲା। ବସ୍ ତଳେ ଚାପି ହୋଇ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୯ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ଭାବା ଓ ସାୟନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ସେପଟେ ପୁଲିସ ଏହି ଘଟଣାରେ ବସ୍ ଡ୍ରାଇଭରଙ୍କୁ ଅଟକ ରଖିଛି। ତାଙ୍କ ବିରୋଧରେ ମାମଲା ରୁଜୁ କରିଛି ପୁଲିସ। ବର୍ତ୍ତମାନ୍ ବସ୍‌ଟିର ମେଣ୍ଟେନେସ୍‌ର ଯାଞ୍ଚ ଚାଲିଛି। ଏହି ଦୁର୍ଘଟଣାର ଭୟଙ୍କର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



**ନୂଆଦିଲ୍ଲୀ, ୧୦।୧୨:** ରାଜ୍ୟସଭା ଅଧ୍ୟକ୍ଷ ଜଗଦୀନ ଧନକଡ଼ଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ରାଜ୍ୟସଭା ଅଧ୍ୟକ୍ଷ ଭାବେ ସେ ପକ୍ଷପାତିତା କରୁଛନ୍ତି ବୋଲି ଅଭିଯୋଗ କରି ବିରୋଧୀ ମହାମେଣ୍ଟ ପକ୍ଷରୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ଏହି ପ୍ରସ୍ତାବରେ କଂଗ୍ରେସ, ଟିଏମସି, ଆପ, ସମାଜବାଦୀ ପାର୍ଟୀ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ଗତ ଅଗଷ୍ଟ ମାସରେ ମଧ୍ୟ ବିରୋଧୀ ମହାମେଣ୍ଟ ପକ୍ଷରୁ ଧନକଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ଲାଗି ଉଦ୍ୟମ ହୋଇଥିଲା। କିନ୍ତୁ ଶେଷରେ ଏହାକୁ ସ୍ଥଗିତ ରଖାଯାଇଥିଲାଏବଂ ତାଙ୍କୁ ନିଜକୁ ସଂଶୋଧନ କରିବାକୁସୁଯୋଗ ଦିଆଯାଇଥିଲା। ତେବେ ସେ ନିଜକୁ ସଂଶୋଧନ ନକରିବାରୁ ତାଙ୍କୁ ପଦଚ୍ୟୁତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ଯଦିଓ ରାଜ୍ୟସଭାରେ ବିରୋଧୀଙ୍କ ସଂଖ୍ୟା ଅଧିକ ରହିଛି କିନ୍ତୁ ପ୍ରସ୍ତାବ ଗୃହୀତ ହେବାକୁ ଲୋକସଭାର ଅନୁମୋଦନ ମଧ୍ୟ ଆବଶ୍ୟକ। ତେଣୁ ଏହି ଅନାସ୍ଥା ପ୍ରସ୍ତାବ ଗୃହୀତ ହେବାର ସମ୍ଭାବନା କ୍ଷୀଣ। ଆଜି ରାଜ୍ୟସଭା ସଚିବାଳୟକୁ ବିରୋଧୀ ମହାମେଣ୍ଟର ୫୦ଜଣ ସାଂସଦଙ୍କ ସ୍ୱାକ୍ଷର ସମ୍ବଳିତ ଏକ ନୋଟିସ ଦିଆଯାଇଛି। ରାଜ୍ୟସଭା ଅଧ୍ୟକ୍ଷଙ୍କୁ ପଦରୁ ହଟାଇବା ପାଇଁ ଅତି କମରେ ୫୦ ଜଣ ସାଂସଦଙ୍କ ସମର୍ଥନ ଲୋଡା। ସାଂସଦଙ୍କ ହସ୍ତାକ୍ଷର ସହ ଅନାସ୍ଥା ପ୍ରସ୍ତାବ ସଚିବାଳୟକୁ ଯିବା ଅତି କମରେ ୧୪ ଦିନ ପୂର୍ବରୁ ତାଙ୍କୁ ନୋଟିସ୍ ଦେବାକୁ ପଡିବ। ଏଥିରେ ଉପରାଷ୍ଟ୍ରପତିଙ୍କୁ ହଟାଇବା ପାଇଁ ସଠିକ୍ କାରଣ ଥିବା ଦରକାର। ନୋଟିସ୍ ପରେ ରାଜ୍ୟସଭାରେ ଉପସ୍ଥିତ ସଦସ୍ୟଙ୍କ ବହୁମତ ଆଧାରରେ ପ୍ରସ୍ତାବ ପାରିତ ହେବା। ଏହା ପରେ ଏହାକୁ ଲୋକସଭା ପଠାଯିବ। ରାଜ୍ୟସଭା ଅଧ୍ୟକ୍ଷ ଦେଶର ଉପରାଷ୍ଟ୍ରପତି, ଯାହା ଦ୍ୱିତୀୟ ସର୍ବୋଚ୍ଚ ସମ୍ବିଧାନିକ ପଦ। ଏଭଳି ସ୍ଥିତିରେ ତାଙ୍କୁ ପଦରୁ ହଟାଇବାକୁ ହେଲେ ଲୋକସଭାରେ ମଧ୍ୟ ପ୍ରସ୍ତାବ ପାରିତ କରିବାକୁ ପଡିବ।

## ଏସ୍ ଏମ୍ କ୍ରିଷ୍ଣାଙ୍କ ପରଲୋକ



**ବେଙ୍ଗାଲୁରୁ , ୧୦।୧୨:** କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ ଏମ କ୍ରିଷ୍ଣା ୯୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଗତ କାଲି ରାତି ୨ଟା ୪୫ ମିନିଟ ସମୟରେ ସେ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଗତ କିଛି ଦିନ ହେବ ଅସୁସ୍ଥ ଥିଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ବ୍ୟତିତ ସେ କେନ୍ଦ୍ରରେ ବୈଦେଶିକ ମନ୍ତ୍ରୀ ଏବଂ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। କଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ କ୍ରିଷ୍ଣା ନିଜ ରାଜନୈତିକ ଜୀବନର ଶେଷ ଭାଗରେ ବିଜେପିରେ ସାମିଲ ହୋଇଥିଲେ। ୧୯୩୨ ମେ' ପହିଲାରେ କର୍ଣ୍ଣାଟକର ମାଣ୍ଡ୍ୟା ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତ କ୍ରିଷ୍ଣା କଳା ଏବଂ ଆଇନରେ ଡିଗ୍ରୀ ହାସଲ କରିବା ସହିତ ଆମେରିକାରୁ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କୁ ଜଣେ ନିଷ୍ଠାପର ଜନସେବକ ଭାବେ ବର୍ଣ୍ଣନା କରିଛନ୍ତି। ବେଙ୍ଗାଲୁରୁ ସହରକୁ ଏକ ବିଶ୍ୱସ୍ତରୀୟ ଟେକ ସିଟିର ପରିଣତ କରିବାରେ ତାଙ୍କର ଭୂମିକା ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଏସ ଏମ କ୍ରିଷ୍ଣାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି। କର୍ଣ୍ଣାଟକ ସରକାର ତାଙ୍କ ବିୟୋଗରେ ତିନିଦିନ ରାଷ୍ଟ୍ରୀୟ ଶୋକ ପାଳନ ଘୋଷଣା କରିଛନ୍ତି।

## ଆହ୍ଲାବାଦ ହାଇକୋର୍ଟ ବିଚାରପତିଙ୍କ ବିବାଦୀୟ ବୟାନ

# ଜବାବ ମାଗିଲେ ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧୦।୧୨:** ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବ ଦେଇଥିବା ବିବାଦୀୟ ବୟାନକୁ ଗୁରୁତ୍ୱର ସହ ନେଇଛନ୍ତି ସୁପ୍ରିମକୋର୍ଟ। ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ ଯାଦବ ଗୋଟିଏ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକଙ୍କୁ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏସଂକ୍ରାନ୍ତରେ ଗୋଟିଏ ଅଭିଯୋଗ ପାଇଛନ୍ତି। ଏଥିରେ ଜଷ୍ଟିସ ଯାଦବଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅଭିଯୋଗ ପାଇବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ଆହ୍ଲାବାଦ ହାଇକୋର୍ଟଙ୍କୁ ଜବାବ ମାଗିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ "ଘଟଣା ସହ ସମସ୍ତ ତଥ୍ୟ ହାଇକୋର୍ଟକୁ ମଗାଯାଇଛି। ମାମଲା ବିଚାରାଧୀନ ରହିଛି।" ଲୋକସଭା ସାଂସଦ ଅସାଦୁଦ୍ଦିନ ଓୱେସୀ ମଧ୍ୟ ଗୋଟିଏ ନୋଟିସରେ ଦସ୍ତଖତ କରି ଜଷ୍ଟିସ ଶେଖର କୁମାର ଯାଦବଙ୍କ ବରଖାସ୍ତ ଦାବି କରିଛନ୍ତି। ତାଙ୍କ କହିବା କଥା ଯେ ଜଷ୍ଟିସ ଯାଦବ ବ୍ୟବହାର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିଛି। ଲୋକସଭାରେ ମଧ୍ୟ ସେ ଜଷ୍ଟିସ ଯାଦବଙ୍କୁ ବରଖାସ୍ତ କରିବା ପାଇଁ ନୋଟିସ ଆଗତ କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ୧୦୦ ଜଣ ସାଂସଦଙ୍କ ଦସ୍ତଖତର ଆବଶ୍ୟକ ରହିଥିବା ଓୱେସୀ କହିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦର ଲେଗାଲ ସେଲ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ ଯାଦବ ଯୋଗ ଦେଇଥିଲେ। ସେଠାରେ ଜଷ୍ଟିସ ଶେଖର କହିଥିଲେ "ମୁଁ କହିବାରେ ଆଦୌ ଦ୍ୱିଧା କରିବି ନାହିଁ ଯେ ଏଇଟା ହେଉଛି ହିନ୍ଦୁସ୍ତାନ। ଏହି ଦେଶ ହିନ୍ଦୁସ୍ତାନରେ ରହୁଥିବା ବହୁସଂଖ୍ୟକ ଇଚ୍ଛାରେ କାର୍ଯ୍ୟ କରିବ। ଏହା ଆଇନ। ଜଣେ ହାଇକୋର୍ଟ ବିଚାରପତି ଭାବେ ଏପରି କେମିତି କହୁଛି ବୋଲି ଆପଣ କହିପାରିବେ ନାହିଁ। ଆଇନ ସଂଖ୍ୟାଗରିଷ୍ଠତାଙ୍କ ହିସାବରେ ଚାଲେ। ଏହାକୁ ପରିବାର କିମ୍ବା ସମାଜ ହିସାବରେ ଦେଖନ୍ତୁ। ଏକକ ନାଗରିକ ସଂହିତା ଖୁବଶୀଘ୍ର ବାସ୍ତବ ରୂପ ନେବ। ହିନ୍ଦୁତ୍ୱରୁ ସତୀ ଦାହ ଭଳି ପ୍ରଥାକୁ ଉଚ୍ଛେଦ କରାଯାଇ ସାରିଛି। କିନ୍ତୁ ମୁସଲିମ ସଂପ୍ରଦାୟରେ ଏବେ ବହୁ ପତ୍ନୀ ପ୍ରଥା ଜାରି ରହିଛି। ଆପଣ କେବେ ହେଲେ ୪ ପତ୍ନୀର ଅଧିକାର ସପକ୍ଷରେ ଦାବି କରିବେ ନାହିଁ। ହଲାଲା କିମ୍ବା ଟ୍ରିପଲ ତଲାକକୁ ଯଥାର୍ଥ ବୋଲି କହିପାରିବେ ନାହିଁ। ଭିଏଚପି, ଆରଏସଏସ କିମ୍ବା ହିନ୍ଦୁବାଦୀ ଏକକ ନାଗରିକ ସଂହିତା ପାଇଁ କେବଳ ଦାବି କରୁ ନାହାନ୍ତି। ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଏପ୍ରସଙ୍ଗରେ କହିଛନ୍ତି। ମୁଁ ଶପଥ ନେଉଛି ଯେ ଦେଶରେ ନିଶ୍ଚିତ ଭାବେ ଗୋଟିଏ ଆଇପ ପ୍ରଣୟନ ହେବା ଦରକାର। ଏହା ଖୁବଶୀଘ୍ର ଆସିବ।" ତାଙ୍କର ଏପରି ବୟାନକୁ ବିରୋଧ କରି ସୋମବାର ସିପିଆଇଏମ ନେତ୍ରୀ ବ୍ରିନ୍ଦା କରାତ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖି ଚିନ୍ତା ପ୍ରକଟ କରିଥିଲେ। ବ୍ରିନ୍ଦା ତାଙ୍କ ଚିଠିରେ ଜଷ୍ଟିସ ଶେଖର ଯାଦବଙ୍କ ବିରୋଧରେ ଇନ ହାଉସ ତଦନ୍ତ ପାଇଁ ଦାବି କରିଛନ୍ତି। ଏଥିସହ ତଦନ୍ତ ନ ସରିବା ଯାଏ, ତା'କୁ ନ୍ୟାୟିକ ବ୍ୟବସ୍ଥାରୁ ଦୂରେଇ ରଖିବାକୁ ସେ ଚିଠିରେ କହିଛନ୍ତି।

### କେଜ୍ରିୱାଲଙ୍କ ଆଲିଶାନ ବଙ୍ଗଳା ଭିଡିଓ ଭାଇରାଲ

# ବିଜେପି-ଆପ୍ ମୁହାଁମୁହିଁ

**ନୂଆଦିଲ୍ଲୀ, ୧୦।୧୨:** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କ ପୂର୍ବତନ ବଙ୍ଗଳାକୁ ନେଇ ଏବେ ଆରମ୍ଭ ହୋଇଛି ରାଜନୀତି। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିବାବେଳେ କେଜ୍ରିୱାଲ ଯେଉଁ ବଙ୍ଗଳାରେ ରହୁଥିଲେ ସେହି ଆଲିଶାନ ବଙ୍ଗଳାର ଏକ ଭିଡିଓ ଶେୟାର କରି ଆମ୍ ଆଦମୀ ପାର୍ଟିକୁ ଟାର୍ଗେଟ କରିଛନ୍ତି ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା। ସେପଟେ ବିଜେପିକୁ ତୁରନ୍ତ କାଉଣ୍ଟର ମଧ୍ୟ କରିଛି ଆପ୍। ଦିଲ୍ଲୀ ବିଜେପି ଅଧ୍ୟକ୍ଷ ନିଜ ଆଧିକାରୀକ ଏକ୍ସ ହ୍ୟାଣ୍ଡେଲରେ ଏହି ବଙ୍ଗଳାର ଏକ ଭିଡିଓ ଶେୟାର କରିଛନ୍ତି। ସେ ଏହି ଭିଡିଓରେ ଲେଖିଛନ୍ତି ଯେ, ନିଜକୁ ଆମ୍ ଆଦମୀ (ସାଧାରଣ ମଣିଷ) କହୁଥିବା ଅରବିନ୍ଦ କେଜ୍ରିୱାଲଙ୍କ ଆଲିଶାନ ବଙ୍ଗଳା ବିଷୟରେ ଆମେ ଆପଣଙ୍କୁ ଅନେକ ଥର କହିଛୁ, ଆଜି ଆପଣଙ୍କୁ ଦେଖାଉଛୁ। ଲୋକଙ୍କ ଟଙ୍କା ଖାଇ ନିଜ ପାଇଁ ୭ ଷ୍ଟାର ରିସୋର୍ଟ ନିର୍ମାଣ କରାଯାଇଛି। ଭିଡିଓରେ ଦେଖାଯାଉଥିବା ଜିମ୍, ଅତ୍ୟାଧୁନିକ ବାଥରୁମ ଓ ସ୍ୱିମିଂ ପୁଲ୍ ସହ ଏହି ବଙ୍ଗଳାର ମୂଲ୍ୟ ୩.୭୫ କୋଟି ଟଙ୍କା ବୋଲି ସେ ନିଜ ପୋଷ୍ଟରେ ଦର୍ଶାଇଛନ୍ତି। ଯିଏ ମିଛରେ ନିଜ ପିଲାମାନଙ୍କ ରାଣ ଖାଇ ସରକାରୀ ଘର, ଗାଡ଼ି, ସୁରକ୍ଷା ଆଦି କିଛି ନେଉ ନଥିବା ଦାବି କରୁଛନ୍ତି, ଏବଂ ସାଧାରଣ ନାଗରିକ ପରି ଜୀବନଯାପନ କରୁଥିବା ଦାବି କରୁଛନ୍ତି, ସେମାନେ କିପରି ଦିଲ୍ଲୀର ଟିକସ ଦେଉଥିବା ଜନତାଙ୍କୁ ଲୁଟୁଛନ୍ତି ବୋଲି ଏହି ପୋଷ୍ଟରେ ଲେଖିଛନ୍ତି ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା। ସେପଟେ ବିଜେପିର ଏପରି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି ଆମ୍ ଆଦମୀ ପାର୍ଟି। ଦଳର ବରିଷ୍ଠ ନେତା ତଥା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ କହିଛନ୍ତି ଯେ ହରିୟାଣା ଓ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ପିଲାଙ୍କ ସ୍କୁଲ, ମଧ୍ୟାହ୍ନ ଭୋଜନ ଓ ହସ୍ପିଟାଲ ଅର୍ଥ ହେରଫେର ହୋଇଛି। ଏହାର ଉତ୍ତର ଦେବା ବଦଳରେ ସେମାନେ କେଜ୍ରିୱାଲଙ୍କ ପୂର୍ବତନ ବଙ୍ଗଳାର ଭିଡିଓ ଶେୟାର କରୁଛନ୍ତି। ଲୋକମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ପ୍ରଶ୍ନ କରୁଛନ୍ତି, ଆଉ ଏମାନେ ଗୋଟିଏ ବଙ୍ଗଳାର କଥା କହୁଛନ୍ତି।

# ଟ୍ରମ୍ପଙ୍କ ଟିମ୍‌ରେ ଆଉ ଜଣେ ଭାରତୀୟ

## ହରମିତ ଧିଲୋଁ ନ୍ୟାୟ ବିଭାଗରେ ଆସିଷ୍ଟାଣ୍ଟ ଆଟର୍ଣ୍ଣି ଜେନେରାଲ



**ୱାଶିଂଟନ, ୧୦।୧୨:** ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କ୍ୟାବିନେଟ୍‌ରେ ଆଉ ଜଣେ ଭରତୀୟଙ୍କ ଏଣ୍ଟ୍ରି ହୋଇଛି। ଭାରତୀୟ ବଂଶୋଦ୍ଭବ ଆମେରିକାର ଓକିଲ ହରମିତ କେ ଧିଲୋନଙ୍କୁ ମିଳିଛି ବଡ଼ ଦାୟିତ୍ୱ। ଧିଲୋନଙ୍କୁ ନ୍ୟାୟ ବିଭାଗରେ ଆସିଷ୍ଟାଣ୍ଟ ଆଟର୍ଣ୍ଣି ଜେନେରାଲ ଭାବେ ମନୋନୀତ କରାଯାଇଛି। ଟ୍ରମ୍ପ ସୋସିଆଲ ମିଡିଆ ପୋଷ୍ଟରେ ଧିଲୋନଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଧିଲୋନ ଫ୍ରି ସ୍ପିଚ୍ ସେନ୍ସରସିପ୍ ପାଇଁ ସ୍ୱର ଉତ୍ତୋଳନ କରୁଥିବାବେଳେ ଟେକ୍ କମ୍ପାନୀଗୁଡିକୁ ଟାର୍ଗେଟ୍ କରିଥିଲେ। କେବଳ ଏତିକି ନୁହେଁ, ତାଙ୍କ ସହକର୍ମୀଙ୍କ ବିରୋଧରେ ଭେଦଭାବ କରୁଥିବା ନୀତି ପାଇଁ ସେ କର୍ପୋରେଟ୍ ବିରୋଧରେ ଏକ ଆଇନଗତ ମାମଲା ମଧ୍ୟ ଦାୟର କରିଥିଲେ। ଟ୍ରମ୍ପ କହିଛନ୍ତି, 'ହରମିତ୍ ଦେଶର ସର୍ବୋଚ୍ଚ ନିର୍ବାଚନ ଆଟର୍ଣ୍ଣିଙ୍କ ମଧ୍ୟରୁ ଅନ୍ୟତମ। ସେ ଶିଖ ସମ୍ପ୍ରଦାୟ ସହିତ ଜଡିତ। ନ୍ୟାୟ ବିଭାଗରେ ତାଙ୍କର ନୂତନ ଭୂମିକା ସହିତ ସେ ସାମ୍ବିଧାନିକ ଅଧିକାରର ସୁରକ୍ଷାକାରୀ ମଧ୍ୟ ହେବେ।'

ହରମିତ ଧିଲୋନ୍‌ଙ୍କ ଜନ୍ମ ୨ ଏପ୍ରିଲ ୧୯୬୯ରେ ଚଣ୍ଡିଗଡ଼ରେ ହୋଇଥିଲା। ଯେତେବେଳେ ତାଙ୍କୁ ଦୁଇ ବର୍ଷ ହୋଇଥିଲା ସେତେବେଳେ ତାଙ୍କ ପରିବାର ଚଣ୍ଡିଗଡରୁ ଆମେରିକାକୁ ସିଫ୍ଟ ହୋଇ ଯାଇଥିଲେ। ଆମେରିକାର ଉତ୍ତର କାରୋଲିନାରେ ତାଙ୍କର ଲାଳନ ପାଳନ ହୋଇଥିଲେ। କିନ୍ତୁ ପରେ ସେ ନ୍ୟୁୟର୍କ ସହରକୁ ଚାଲି ଆସିଥିଲେ। ହରମିତ୍ ଡାର୍ଟମାଉଥ୍ କଲେଜରୁ ଇଂରାଜୀରେ ସ୍ନାତକ ହାସଲ କରିଥିଲେ।

## ଆଦାନୀ-ମୋଦି ଭାଇ ଭାଇ ଲେଖାଥିବା ବ୍ୟାଗ୍ ଧରି ପହଞ୍ଚିଲେ ପ୍ରିୟଙ୍କା



**ସଂସଦରେ ବିରୋଧୀଙ୍କ ହଙ୍ଗାମା, ଗୃହ ଅଚଳ**

**ନୂଆଦିଲ୍ଲୀ, ୧୦।୧୨:** ସଂସଦରେ ଜାରି ରହିଛି ସଂଗ୍ରାମ। ଆଦାନୀ ପ୍ରସଙ୍ଗରେ ଉଠୁଛୁ ପଡୁଛି ସଂସଦର ଶୀତକାଳିନ ଅଧିବେଶନ। ବିରୋଧୀଙ୍କ ହଙ୍ଗାମା ଥମିବାର ନାଁ ଧରୁନାହିଁ। ଫଳରେ ଚାଲିପାରୁନି ଗୃହ। ଏହାରି ଭିତରେ ୱାୟନାଡ ସାଂସଦ ପ୍ରିୟଙ୍କା ଗାନ୍ଧି ନିଆରା ଢ଼ଙ୍ଗରେ କରିଛନ୍ତି ବିରୋଧ। ସୋମବାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସାମ୍ବାଦିକ ଭୂମିକାରେ ନଜର ଆସିଥିଲେ। ଆଦାନୀ ପ୍ରସିଙ୍ଗରେ ଶାସକ ଦଳକୁ ଘେରିବା ପାଇଁ ସେ ମୁହଁରେ ମୋଦି ଓ ଆଦାନୀ ମୁଖା ପିନ୍ଧିଥିଲେ। ଆଜି ପ୍ରିୟଙ୍କା ଗାନ୍ଧି ଆଦାନୀ-ମୋଦି ଭାଇ ଭାଇ ଲେଖାଥିବା ବ୍ୟାଗ୍ ଧରି ସଂସଦରେ ପହଞ୍ଚିଥିଲେ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଓ୍ୱାୟନାଡ ସାଂସଦ କାନ୍ଧରେ ଯେଉଁ ବ୍ୟାଗ୍ ପକାଇ ଆସିଥିଲେ ସେଥିରେ ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ପଟେ ଗୌତମ ଆଦାନୀଙ୍କ ଫଟୋ ମଧ୍ୟ ଥିଲା। ପ୍ରିୟଙ୍କା କହିଛନ୍ତି, 'ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଯେ, ଆଦାନୀ ପ୍ରସଙ୍ଗକୁ ନେଇ ସଂସଦ ଚାଲିପାରୁନାହିଁ। ଆଲୋଚନାରେ ବିରୋଧୀ ସାଂସଦମାନେ ଭାଗ ନେଇ ପାରୁନାହାନ୍ତି। ଆମେ ଗୃହ କାର୍ଯ୍ୟରେ ଭାଗ ନେବାକୁ ଚାହୁଁଛୁ କିନ୍ତୁ ସରକାର ଚାହୁଁନି। କୌଣସି ନା କୌଣସି ବାହାନାରେ ଗୃହକୁ ମୁଲତବୀ କରାଯାଉଛି।' ଅନ୍ୟପଟେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବ୍ୟାଗକୁ ଦେଖିବା ମାତ୍ରେ ଖୁବ୍ ସୁନ୍ଦର ବୋଲି କହିଛନ୍ତି। ସେପଟେ ରାହୁଲ ଗାନ୍ଧି ସମସ୍ତ ବିରୋଧୀ ସାଂସଦଙ୍କୁ ଆଲୋଚନାରେ ଭାଗ ନେବା ପାଇଁ କହିଛନ୍ତି। ସେ ଚାହୁଁଛନ୍ତି ଯେ ଗୃହରେ ବିତର୍କ ଏବଂ ପ୍ରସଙ୍ଗ ଉପରେ ଆଲୋଚନା ହେଉ ବୋଲି କହିଛନ୍ତି।

## ଗଣଦୁଷ୍କର୍ମର ଶିକାର ନାବାଳିକାର ଗର୍ଭପାତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଗୌହାଟୀ, ୧୦।୧୨:** ଆସାମରେ ଗଣଦୁଷ୍କର୍ମର ଶିକାର ହୋଇଥିବା ନାବାଳିକାଙ୍କ ଗର୍ଭପାତ କରିବାକୁ ଗୌହାଟି ହାଇକୋର୍ଟ ଦେଇଛନ୍ତି ନିର୍ଦ୍ଦେଶ। ଆସାମ ତିନସୁକିଆ ଜିଲ୍ଲାର ଜଣେ ୧୪ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇ ୬ ମାସର ଗର୍ଭବତୀ ଥିଲେ। ଏନେଇ ଏକ ଗଣମାଧ୍ୟମରେ ଖବର ପ୍ରସାରଣ ପରେ କୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ଏହାର ଶୁଣାଣି କରିଥିଲେ। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ନାବାଳିକାକୁ ୭ଜଣ ଗଣଦୁଷ୍କର୍ମ କରିଥିଲେ। ଏହି ୭ଜଣଙ୍କ ମଧ୍ୟରେ ୪ଜଣ ନାବାଳକ ମଧ୍ୟ ରହିଛନ୍ତି। ତେବେ ଏନେଇ ଗୌହାଟି ଉଚ୍ଚ ନ୍ୟାୟାଳୟ ନିଜ ଆଡୁ ମାମଲା ରୁଜୁ କରିବା ପରେ ସମସ୍ତ ୭ ଅଭିଯୁକ୍ତଙ୍କୁ ପୁଲିସ ଗତ ମାସରେ ଗିରଫ କରିଛି। ଅନ୍ୟପଟେ ନାବାଳିକାଙ୍କର ମେଡିକାଲ ରିପୋର୍ଟ ଗତ ଡିସେମ୍ବର ୭ତାରିଖରେ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଏହାକୁ ତର୍ଜମା କରିବା ପରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ ଓ ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ଗର୍ଭପାତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ପତ୍ନୀଙ୍କ ନିର୍ଯାତନା ପାଇଁ ଜୀବନ ହାରିଲେ

**ବେଙ୍ଗାଲୁରୁ, ୧୦।୧୨:** ପତ୍ନୀ ଘରୋଇ ହିଂସା ମାମଲା କରି ବାରମ୍ବାର ହଇରାଣ କରୁଥିଲେ। ପତ୍ନୀଙ୍କ ସହ ପରିବାର ଲୋକ ମଧ୍ୟ ହାତ ମିଳାଇଥିଲେ। ଦିନକୁ ଦିନ ପତ୍ନୀଙ୍କ ନିର୍ଯାତନା ବଢ଼ିବାରେ ଲାଗିଥିଲା। ଜଣେ ମହିଳା ବିଚାରପତି ମଧ୍ୟ ପତ୍ନୀଙ୍କୁ ଘରୋଇ ହିଂସା ମାମଲାରେ ସହାୟତା କରୁଥିଲେ। ପତ୍ନୀ ମାମଲା ରୁଜୁ କରି ଟଙ୍କା ମାଗି ଚାଲିଥିଲେ। ବାସ୍ ସହିବାର ସୀମା ଅତିକ୍ରମ କରିଯିବାରୁ ବେଙ୍ଗାଲୁରୁରେ ରହୁଥିବା ଜଣେ ୩୪ ବର୍ଷୀୟ ବ୍ୟକ୍ତି ନିଜ ଫ୍ଲାଟରେ ଜୀବନ ହାରି ଦେଇଛନ୍ତି। ତେବେ ଆତ୍ମହତ୍ୟା କରିବା ପୂର୍ବରୁ ସେ ୨୪ ପୃଷ୍ଠାର ସୁଇସାଇଡ ନୋଟ ଓ ଗୋଟିଏ ଦେଢ଼ ଘଣ୍ଟାର ଭିଡିଓ ଛାଡ଼ି ଯାଇଛନ୍ତି। ଏଥିରେ ପତ୍ନୀ କେମିତି ତାଙ୍କ ଜୀବନକୁ ବରବାଦ କରିଦେଇଥିଲେ, ସେକଥା ବିସ୍ତୃତ ଭାବେ ରହିଛି। ଜୀବନ ହାରିଥିବା ବ୍ୟକ୍ତି ଜଣଙ୍କ ହେଲେ ୩୪ ବର୍ଷୀୟ ଅତୁଲ ସୁଭାଷ। ତାଙ୍କ ଘର ବିହାରରେ। ସେ ବେଙ୍ଗାଲୁରୁର ଗୋଟିଏ ଘରୋଇ କମ୍ପାନୀରେ କାମ କରୁଥିଲେ। ମଞ୍ଜୁନାଇ ଲେଆଉଟ ଅଞ୍ଚଳରେ ଥିବା ଫ୍ଲାଟରେ ସେ ରହୁଥିଲେ। ଉକ୍ତ ଫ୍ଲାଟରୁ ଅତୁଲଙ୍କ ଝୁଲନ୍ତା ମୃତଦେହ ପୁଲିସ୍ ଉଦ୍ଧାର କରିଛି। ଜୀବନ ହାରିବା ପୂର୍ବରୁ ଅତୁଲ ୨୪ ପୃଷ୍ଠାର ସୁଇସାଇଡ ନୋଟକୁ ଇ-ମେଲ ଜରିଆରେ ଏକାଧିକ ଲୋକଙ୍କୁ ପଠାଇଛନ୍ତି। ସେ ଯେଉଁ ଏନଜିଓ ସଂସ୍ଥା ସହ ଜଡ଼ିତ ଥିଲେ, ତା'ର ହ୍ୱାଟସଆପ ଗ୍ରୁପରେ ମଧ୍ୟ ସେ ସୁଇସାଇଡ ନୋଟ ଛାଡ଼ିଛନ୍ତି। ମୃତ୍ୟୁ ପୂର୍ବରୁ ସେ ରେକର୍ଡ କରିଥିବା ଭିଡିଓ ମଧ୍ୟ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛି। ସେ ଘର ବାହାରେ ଝୁଲାଇଥିବା ଜଷ୍ଟିସ ଇଜ ଡ୍ୟୁ ଶୀର୍ଷକ ପ୍ଲାକକାର୍ଡକୁ ମଧ୍ୟ ପୁଲିସ୍ ଠାବ କରିଛି। ୨୪ ପୃଷ୍ଠାର ସୁଇସାଇଡ ନୋଟ ମଧ୍ୟରୁ ୪ ପୃଷ୍ଠା ହାତରେ ଲେଖାଯାଇଥିବା ବେଳେ ବାକି ୨୦ ପୃଷ୍ଠା ଟାଇପ ହୋଇଛି। ଏହା ଉପରେ ନ୍ୟାୟ ବାକି ରହିଛି ବୋଲି ଲେଖାଯାଇଛି। ସେ ତାଙ୍କ ନୋଟରେ ନିଜର ପତ୍ନୀ, ତାଙ୍କ ମା', ଭାଇ ଓ ଦାଦାଙ୍କୁ ମୃତ୍ୟୁ ପାଇଁ ଦାୟୀ କରିଛନ୍ତି। ସେମାନେ ସମସ୍ତେ ତାଙ୍କୁ ନିର୍ଯାତନା ଦେଉଥିବା ଅତୁଲ ଅଭିଯୋଗ କରିଛନ୍ତି।

## ନସ୍ତ୍ରାଦମସଙ୍କ ଭବିଷ୍ୟବାଣୀ

# ୨୦୨୫ରେ ମହାମାରୀ: ତୃତୀୟ ବିଶ୍ୱଯୁଦ୍ଧ




**ରୋମ, ୧୦।୧୨:** ଆଉ ମାତ୍ର ଦିନ କେଇଟା ପରେ ଆସିବ ନୂଆ ବର୍ଷ। ନୂଆ ସକାଳର ନୂଆ ସୂରୁଜ ଉଇଁବ। ଲିଭେଇ ଯିବ ୨୦୨୪, ଆଉ ଆରମ୍ଭ ହେବ ୨୦୨୫। ତେବେ ଏହି ବର୍ଷ ୨୦୨୫ କିଭଳି ହେବ। ଏହାକୁ ନେଇ ଫରାସୀ ଜ୍ୟୋତିଷ ତଥା ଭବିଷ୍ୟବକ୍ତା ନସ୍ତ୍ରାଦମସ୍ ଭବିଷ୍ୟବାଣୀ କରିଛନ୍ତି।

ମାଡ଼ି ଆସିବ ଘୋର ବିପଦ। ଆରମ୍ଭ ହେବ ତୃତୀୟ ବିଶ୍ୱଯୁଦ୍ଧ। ମହାନ ଶକ୍ତିମାନଙ୍କ ମଧ୍ୟରେ ଯୁଦ୍ଧ ହେବ, ଯାହା ବିନାଶର କାରଣ ସାଜିବ। ଏଭଳି କିଛି ଭବିଷ୍ୟବାଣୀ କରିଛନ୍ତି ନସ୍ତ୍ରାଦମସ୍। ଆସନ୍ତା ୨୦୨୫ ମସିହାରେ ୟୁରୋପରେ ଏକ ବଡ଼ ବିବାଦ ଆରମ୍ଭ ହେବାକୁ ଯାଉଛି ଏବଂ ଏହା ଦ୍ୱାରା ସମଗ୍ର ବିଶ୍ୱ ପ୍ରଭାବିତ ହେବ। ଏଥିଯୋଗୁ ପୂରା ମହାଦ୍ୱୀପ ନଷ୍ଟ ହୋଇଯିବ। ଲୋକ ୟୁରୋପ ଛାଡ଼ି ପଳାୟନ କରିବେ। ଏଥିସହ ୨୦୨୫ରେ ଦୀର୍ଘ ଦିନ ଧରି ରୁଷ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ଅନ୍ତ ଘଟିପାରେ। ଏହା ପଛର କାରଣ ହେଉଛି ଉଭୟ ଦେଶର ସେନା ଥକି ଯିବେ। ଯୁଦ୍ଧ ବନ୍ଦ କରିବାକୁ ପ୍ରସ୍ତାବ ଦେଇପାରନ୍ତି। କିନ୍ତୁ ଶାନ୍ତି ରହିବ ନାହିଁ ବୋଲି ନସ୍ତ୍ରାଦମସ ନିଜ ଭବିଷ୍ୟବାଣୀରେ କହିଛନ୍ତି। ନସ୍ତ୍ରାଦମସ ଭବିଷ୍ୟବାଣୀ କରିଛନ୍ତି ଯେ ନୂତନ ବର୍ଷ ଇଂଲଣ୍ଡ ଉପରେ ଭାରି ରହିବ। ଇଂଲଣ୍ଡ ଏକ କ୍ରୁର ଯୁଦ୍ଧର ସମ୍ମୁଖୀନ ହୋଇପାରେ। କେବଳ ସେତିକି ନୁହେଁ ପୁରାତନ ମହାମାରୀ ପ୍ଲେଗ ରୋଗ ବ୍ୟାପିପାରେ। ଶତ୍ରୁମାନଙ୍କ ଅପେକ୍ଷା ଏହା ବେଶ୍ କଷ୍ଟଦାୟକ ହେବ। ତାଙ୍କର କୋଭିଡ୍ ମହାମାରୀର ଭବିଷ୍ୟବାଣୀ ସତ ହୋଇଥିବାରୁ ବିଶେଷଜ୍ଞମାନେ ନସ୍ତ୍ରାଦମସ୍‌ଙ୍କ ଏହି ଭବିଷ୍ୟବାଣୀ ଉପରେ ନଜର ରଖିଛନ୍ତି। ୨୦୨୫ରେ ବିଶ୍ୱ ଅର୍ଥନୀତି ଧ୍ୱଂସ ହେବ। ଦେଖାଦେଖି ଘୋର ଆର୍ଥିକ ସଙ୍କଟ। ଏହି ଅର୍ଥନୈତିକ ସଙ୍କଟ ଦ୍ୱାରା ୟୁରୋପ ଏବଂ ଲାଟିନ୍ ଆମେରିକା ଗୁରୁତର ରୂପେ ପ୍ରଭାବିତ ହେବ। ଏହା ଦୁର୍ଭିକ୍ଷ ଓ ଅଶାନ୍ତି ସୃଷ୍ଟି କରିବ। ଏଥି ସହିତ ପ୍ରାକୃତିକ ବିପର୍ଯ୍ୟୟ ଏହି ଅବସ୍ଥାକୁ ଆହୁରି ଖରାପ କରିବ। ଫଳସ୍ୱରୂପ, ସାମାଜିକ ଅଶାନ୍ତି ଏବଂ ବିଶୃଙ୍ଖଳା ସମଗ୍ର ବିଶ୍ୱରେ ବ୍ୟାପିପାରେ ବୋଲି ନସ୍ତ୍ରାଦମସ୍ ପୂର୍ବାନୁମାନ କରିଛନ୍ତି।

ନସ୍ତ୍ରାଦମସ୍ ନିଜ ଭବିଷ୍ୟବାଣୀରେ ଦକ୍ଷିଣ ଆମେରିକାରେ ଆଗ୍ନେୟଗିରି ଉଦ୍‌ଗୀରଣ ଏବଂ ବ୍ରାଜିଲରେ ପ୍ରବଳ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଟେକ୍ନୋଲଜି ଆମ ଦୈନନ୍ଦିନ ଜୀବନ ଓ ଅନ୍ୟାନ୍ୟ କ୍ଷେତ୍ରକୁ ନିୟନ୍ତ୍ରଣ କରିବା ଆରମ୍ଭ କରିବ। ୧୫୦୩ରେ ଫ୍ରାନ୍ସରେ ଜନ୍ମିତ ନସ୍ତ୍ରାଦମସ୍ ସାରା ବିଶ୍ୱରେ ମୁଖ୍ୟତଃ ନିଜ ଭବିଷ୍ୟବାଣୀ ପାଇଁ ପ୍ରସିଦ୍ଧ। ୧୫୬୬ରେ ତାଙ୍କର ମୃତ୍ୟୁ ହୋଇସାରିଥିଲେ ମଧ୍ୟ ସେ କରିଥିବା ଭବିଷ୍ୟବାଣୀ ଆଜି ବି ଲୋକଙ୍କ ମଧ୍ୟରେ ବେଶ୍ ମହତ୍ୱ ରଖେ। ନସ୍ତ୍ରାଦମସ୍‌ଙ୍କ ଦ୍ୱାରା କରାଯାଇଥିବା ଅନେକ ଭବିଷ୍ୟବାଣୀ ଅତିତରେ ସତ ହୋଇଛି।

# ସିରାଜଙ୍କୁ ଦଣ୍ଡିତ କଲା ଆଇସିସି




## ବର୍ତ୍ତିଲେ ଟ୍ରାଭିସ ହେଡ୍

**ନୂଆଦିଲ୍ଲୀ, ୧୦।୧୨:** ଟିମ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ମ୍ୟାଚ୍ ଫି' ୨୦% କାଟ କରିଛି ଆଇସିସି। ଅଷ୍ଟ୍ରେଲିଆ ବ୍ୟାଟର ଟ୍ରାଭିସ ହେଡ ମଧ୍ୟ ଆଇସିସି କଟକଣାର ସାମ୍ନାକୁ କରିଛନ୍ତି। କିନ୍ତୁ ତାଙ୍କ ମ୍ୟାଚ ଫି' କଟା ଯାଇ ନାହିଁ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶେଷ ହୋଇଥିବା ପିଙ୍କ ବଲ ଟେଷ୍ଟରେ ସିରାଜ ଓ ହେଡଙ୍କ ମଧ୍ୟ ଗରମାଗରମି ଦେଖିବାକୁ ମିଳିଥିଲା। ଉଭୟ ପରସ୍ପରକୁ ଆକ୍ଷେପ କରି ବୟାନବାଜୀ କରିଥିଲେ। ଏଥିପାଇଁ ଆଇସିସି ଉଭୟଙ୍କୁ ବିଶୃଙ୍ଖଳା ଆଚରଣ ପାଇଁ ଦଣ୍ଡିତ କରିଛି। ତେବେ ହେଡଙ୍କ ଅପେକ୍ଷା ସିରାଜଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ହୋଇଛି।ଆଇସିସି ପକ୍ଷରୁ କୁହାଯାଇଛି ଯେ ସିରାଜ ଆଇସିସିର ଆଚରଣ ବିଧି ୨.୫କୁ ଉଲ୍ଲଙ୍ଘନ କରିଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାଚ ଫି' ୨୦% କାଟ କରାଯାଇଛି। ହେଡ ମଧ୍ୟ ଧାରା ୨.୧୩ର ଉଲ୍ଲଙ୍ଘନ କରିଛନ୍ତି। ତେଣୁ ତାଙ୍କ ଉପରେ ମଧ୍ୟ କଟକଣା ଲଗାଯାଇଛି।

ସିରାଜଙ୍କ ମ୍ୟାଚ୍ ଫି' ୨୦% କାଟ କରାଯାଇଥିବା ବେଳେ ତାଙ୍କ ଶୃଙ୍ଖଳାଗତ ରେକର୍ଡରେ ଗୋଟିଏ ଡିମେରିଟ ପଏଣ୍ଟ ଯୋଡ଼ି ହୋଇଯାଇଛି। ହେଡଙ୍କୁ ମଧ୍ୟ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି। ୨୪ ମାସ ମଧ୍ୟରେ ଏହା ଉଭୟ ଖେଳାଳିଙ୍କ ପ୍ରଥମ ବିଶୃଙ୍ଖଳା। ଉଭୟ ସେମାନଙ୍କ ଅପରାଧକୁ ସ୍ୱୀକାର କରିଛନ୍ତି ବୋଲି ଆଇସିସି କହିଛି। ଅଷ୍ଟ୍ରେଲିଆ ଇନିଂସର ୮୨ତମ ଓଭର ବୋଲିଂ କରିବାକୁ ସିରାଜ ଆସିଥିବା ବେଳେ ତାଙ୍କୁ ହେଡ୍ ଚୌକା ମାରିଥିଲେ। ତେବେ ସେହି ଓଭରର ୪ର୍ଥ ବଲରେ ସିରାଜଙ୍କ ଫୁଲଟସକୁ ହେଡ ମିସ୍ କରି କ୍ଲିନବୋଲ୍ଡ ହୋଇଯାଇଥିଲେ। ହେଡଙ୍କୁ ବୋଲ୍ଡ କରିବା ପରେ ସେ ଆଗ୍ରେସନ ଦେଖାଇଥିଲେ। ହେଡ୍ ମଧ୍ୟ ତାଙ୍କୁ କିଛି କହିଥିଲେ। ସିରାଜ ତାଙ୍କୁ ହାତ ହଲାଇ ପ୍ୟାଭିଲିୟନ ଫେରିଯିବାକୁ ଇଙ୍ଗିତ କରିଥିଲେ। ଏହାକୁ ନେଇ ଉଭୟଙ୍କ ବିରୋଧରେ ଆଇସିସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



# ଖୋ ଖୋ ବିଶ୍ୱକପ୍: ସମ୍ଭାବ୍ୟ ଦଳରେ ଓଡ଼ିଶାରୁ ୭

**ଭୁବନେଶ୍ୱର, ୧୦।୧୨:** ସ୍ୱଦେଶୀ ଖେଳ ଖୋ ଖୋର ପ୍ରଥମ ବିଶ୍ୱକପ୍ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଜାନୁଆରି ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ୨୪ଟି ଦେଶ ଅଂଶଗ୍ରହଣ କରିବେ। ସାରା ବିଶ୍ୱର ନଜର ଥିବା ଏହି ବିଶ୍ୱକପ୍ ଲାଗି ସୋମବାର ଭାରତୀୟ ସମ୍ଭାବ୍ୟ ଦଳ ଘୋଷିତ ହୋଇଛି। ସେଥିରେ ଭାରତୀୟ ମହିଳା ଦଳରେ ଓଡ଼ିଶାର ୪ଜଣ ଏବଂ ପୁରୁଷ ଦଳରେ ୩ଜଣ ଖେଳାଳି ସ୍ଥାନ ପାଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ୭ଜଣ ଖେଳାଳିଙ୍କ ମଧ୍ୟରୁ ୪ଜଣ (ଜଣେ ପୁରୁଷ, ୩ଜଣ ମହିଳା) କିସ୍ ବିଶ୍ୱବିଦ୍ୟାଳୟର ବୋଲି ଜଣାପଡ଼ିଛି। ଭାରତୀୟ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିଙ୍କୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ଖୋ ଖୋ ସଂଘର ସଂପାଦକ ପ୍ରଦ୍ୟୁମ୍ନ ମିଶ୍ର ଏବଂ ମୁଖ୍ୟ ପ୍ରଶିକ୍ଷକ କାଳିନ୍ଦୀ ଚରଣ ରାଉତ ଶୁଭକାମନା ଜଣାଇଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିମାନେ ହେଲେ (ମହିଳା): ଶୁଭଶ୍ରୀ ସିଂହ, ଅର୍ଚ୍ଚନା ମାଝୀ, ମାଗାଇ ମାଝୀ (କିସ୍), ଅନନ୍ୟା ପ୍ରଧାନ (ପୁରୀ)। ପୁରୁଷ: ପବନୀ ଶବର (କିସ୍), ଭରତ କୁମାର ପ୍ରଧାନ (ପୁରୀ), ଦେବେନ୍ଦ୍ର ନାଥ (ଜଗତସିଂହପୁର)। ଏହି ଖେଳାଳିମାନେ ଚଳିତମାସ ୧୦ରୁ ଜାନୁଆରି ୧୦ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଚୟନ ଶିବିରରେ ଦମ୍ ଦେଖାଇ ଚୂଡ଼ାନ୍ତ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଚେଷ୍ଟା କରିବେ। ଆଜି କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବର ପୁରସ୍କାର ବିତରଣୀ ଉତ୍ସବ ଅବସରରେ ଶ୍ରୀ ସାମନ୍ତ ଏହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ସାମନ୍ତ ଓ ଶ୍ରୀ ମିଶ୍ର ଏତେ ସଂଖ୍ୟାରେ ଓଡ଼ିଆ ଖେଳାଳି ଭାରତୀୟ ସମ୍ଭାବ୍ୟ ଦଳରେ ସ୍ଥାନ ପାଇବା ନେଇ କିଟ୍ ଓ କିସ୍‌ର ମୁଖ୍ୟ ପ୍ରଶିକ୍ଷକ କାଳିନ୍ଦୀ ଚରଣ ରାଉତ ଏବଂ ଓଡ଼ିଶା ଖୋ ଖୋ ଉଚ୍ଚଗୁଣବତ୍ତା କେନ୍ଦ୍ରର ପ୍ରଶିକ୍ଷକ ସଂଜୀବ ଶର୍ମାଙ୍କୁ ସେମାନଙ୍କ ନିରନ୍ତର ପ୍ରୟାସ ଲାଗି କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଓଡ଼ିଶା ମାଷ୍ଟରସ୍ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**କଟକ,୧୦।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ମାଷ୍ଟରସ୍-୨୦୨୪ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆଜି କଟକ ଜବାହାରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ଉଦ୍‌ଘାଟିତ ହୋଇଯାଇଛି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।। ତୃତୀୟ ଥର ପାଇଁ କଟକଠାରେ ଆୟୋଜିତ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର ଉଦ୍‌ଘାଟନୀ ସମାରୋହରେ ବିଧାୟିକା, କଟକ ବାରବାଟୀ ସୋଫିଆ ଫିର୍ଦୋଷ, କ୍ରୀଡ଼ା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ସିଇଓ ଶ୍ରୀ ଦୀପଙ୍କର ମହାପାତ୍ର, କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡି ସି ପି ଶ୍ରୀ ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ ଓ ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନ୍‌ର ମିଳିତ ସହଭାଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଚଳିତ ବର୍ଷ ଭାରତ, ଜାପାନ, ଇଣ୍ଡୋନେସିଆ, ଚୀନ, ଡେ଼ନମାର୍କ ଆଦି ସମୁଦାୟ ୨୯ଟି ଦେଶରୁ ପ୍ରାୟ ୩୦୦ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟର ସମୁଦାୟ ପୁରସ୍କାର ଧନରାଶି ୧୦୦, ୦୦୦ ୟୁଏସ୍ ଡୋଲାର୍ ରହିଛି।

# ଗାବା ଟେଷ୍ଟ ପୂର୍ବରୁ ଆହତ ହେଲେ ପନ୍ତ

**ନୂଆଦିଲ୍ଲୀ,୧୦।୧୨:** ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ସିରିଜର ତୃତୀୟ ଟେଷ୍ଟ ମ୍ୟାଚ ଗାବାରେ ଖେଳାଯିବାକୁ ଯାଉଛି, ଯେଉଁଥିପାଇଁ ସମସ୍ତେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। କିନ୍ତୁ, ଏହି ମ୍ୟାଚ ଆରମ୍ଭ ପୂର୍ବରୁ ଅଭ୍ୟାସ ଅଧିବେଶନରେ ଋଷଭ ଆହତ ହେବାପରେ ଭାରତୀୟ ପ୍ରଶଂସକଙ୍କ ମନ ଖରାପ ହୋଇଯାଇଥିଲା। ଆହତ ହେବା ପରେ ତୁରନ୍ତ ଅଭ୍ୟାସ ବନ୍ଦ ହୋଇଗଲା।

ଷ୍ଟାର ୱିକେଟ କିପର-ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ଗାବା ଟେଷ୍ଟ ପୂର୍ବରୁ ଅଭ୍ୟାସ ଅଧିବେଶନରେ ଆହତ ହେବାପରେ ଭାରତୀୟ କ୍ରିକେଟ ଦଳର ଚିନ୍ତା ବଢ଼ାଇ ଦେଇଥିଲେ। ପନ୍ତ ସଙ୍ଗେ ସଙ୍ଗେ ଅଭ୍ୟାସ ବନ୍ଦ କରି ବାହାରକୁ ଚାଲଇ ଯାଇଥିଲେ। ବାସ୍ତବରେ ବ୍ରିସବେନ ଟେଷ୍ଟ ପାଇଁ ଟିମ ଇଣ୍ଡିଆ ବହୁତ ପରିଶ୍ରମ କରୁଛି। ଯେଉଁଠାରେ, ନେଟ୍‌ରେ



ଥ୍ରୋଡାଉନ ବିଶେଷଜ୍ଞ ରଘୁଙ୍କୁ ସାମ୍ନା କରୁଥିବାବେଳେ ଏକ ବଲ ତାଙ୍କ ଶରୀରର ଉପର ଭାଗରେ ଧକ୍କା ଦେଇଥିଲା। ଏହା ପରେ ସେ ଅନକମ୍ଫର୍ଟେବଲ ଦେଖାଯାଇଥିଲେ ଏବଂ ସେଠାରେ ଅଭ୍ୟାସ ବନ୍ଦ କରିଦେଲେ। ସଙ୍ଗେ ସଙ୍ଗେ ଡାକ୍ତରୀ ଟିମ୍ ତାଙ୍କୁ ଯାଞ୍ଚ କରି ୱିକେଟ କିପର-ବ୍ୟାଟ୍ସମ୍ୟାନଙ୍କର କୌଣସି ଆଘାତ ନଥିବା ସୁନିଶ୍ଚିତ କରିଥିଲେ ଏବଂ ଖୁସି ଖବର ହେଉଛି ପନ୍ତ ଅଭ୍ୟାସ ଆରମ୍ଭ କରିଛନ୍ତି। ଗତ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଭାରତୀୟ ଦଳ ଗବା ଦୁର୍ଗକୁ ଜୟ କରିଥିଲା। ହଁ, ବ୍ରିସବେନରେ ଟିମ ଇଣ୍ଡିଆ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ସେହି ମ୍ୟାଚ ଜିତିବା ପାଇଁ ପନ୍ତ ୧୩୮ ବଲର ସମ୍ମୁଖୀନ ହୋଇଥିଲେ ଏବଂ ୮୯ ରନର ଅପରାଜିତ ମ୍ୟାଚ ଜିତି ଇନିଂସ ଖେଳିଥିଲେ। କଙ୍ଗାରୁ ବୋଲରଙ୍କ ଉପରେ ଆକ୍ରମଣ କରୁଥିବାବେଳେ ସେ ୯ ଚୌକା ଓ ୧ ଛକା ମାରିଥିଲେ। ଏହି ଐତିହାସିକ ବିଜୟର ହିରୋ ଋଷଭ ପନ୍ତଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡବ୍ଲ୍ୟୁଟିସି ଫାଇନାଲଠାରୁ ଗୋଟିଏ ବିଜୟ ଦୂରରେ ଦକ୍ଷିଣ ଆଫ୍ରିକା

**ନୂଆଦିଲ୍ଲୀ, ୧୦।୧୨:** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲ ଖେଳିବାକୁ ଦକ୍ଷିଣ ଆଫ୍ରିକାକୁ ମିଳିଛି ବଡ଼ ବୁଷ୍ଟର। ଆଜି ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଦିନିକିଆକୁ ଦଳ ୧୦୯ ରନରେ ଜିତି ନେଇଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ ମୂଳପୋଛ କରିବା ପରେ ଦକ୍ଷିଣ ଆଫ୍ରିକା ଏବେ ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ପହଞ୍ଚି ଯାଇଛି। ଅଷ୍ଟ୍ରେଲିଆ ଦ୍ୱିତୀୟକୁ ଖସି ଥିବା ବେଳେ ଭାରତ ପୂର୍ବଭଳି ତୃତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ଏବେ ଫାଇନାଲରେ ନିଜର ସ୍ଥାନ ପକ୍କା କରିବା ପାଇଁ ପାକିସ୍ତାନ ବପିକ୍ଷରେ ବାକି ରହିଥିବା ୨ଟି ଟେଷ୍ଟ ମଧ୍ୟରୁ କେବଳ ଗୋଟିଏ ଜିତିବା ଆବଶ୍ୟକ କରୁଛି। ଦକ୍ଷିଣ ଆଫ୍ରିକା ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ୬୩.୩୩% ବିଜୟ ପ୍ରତିଶତ ସହ ୧ନଂରେ ରହିଛି। ପାକିସ୍ତାନ ବିପକ୍ଷରେ ଦଳ ନିଜ ଗଡ଼ରେ ୨ଟି ଟେଷ୍ଟ ଖେଳିବ।

ଯଦି ଏହି ସିରିଜରେ ୧-୧ରେ ଡ୍ର ରହୁଛି, ତା'ହେଲେ ମଧ୍ୟ ଦଳ ଫାଇନାଲ ଖେଳିପାରିବ। ଭାରତ କିମ୍ବା ଅଷ୍ଟ୍ରେଲିଆ ମଧ୍ୟରୁ ଜଣେ ହିଁ ୧ନଂରେ ପହଞ୍ଚିବେ। ଯଦି ଉଭୟ ଟେଷ୍ଟ ଡ୍ର ରହୁଛି, ତା'ହେଲେ ଦକ୍ଷିଣ ଆଫ୍ରିକାର ପଏଣ୍ଟ ୫୮.୩୩କୁ ଖସିବ। ଏପରି ସ୍ଥିତିରେ ଯଦି ଭାରତ ୩-୨ରେ ଅଷ୍ଟ୍ରେଲିଆକୁ ହରାଉଛି ଓ ଅଷ୍ଟ୍ରେଲିଆ ବାକି ଦୁଇଟି ଟେଷ୍ଟରେ ଶ୍ରୀଲଙ୍କାକୁ ମାତ ଦେଇ ପାରିବ, ତା'ହେଲେ ଭାରତ(୫୮.୭୭) ଓ ଅଷ୍ଟ୍ରେଲିଆ(୬୦.୫୩)




ଫାଇନାଲ ଖେଳିବେ। ଯଦି ଦକ୍ଷିଣ ଆଫ୍ରିକା ଘରୋଇ ମାଟିରେ ପାକିସ୍ତାନ ଠାରୁ ୦-୧ରେ ଟେଷ୍ଟ ସିରିଜ ହାରି ଯାଉଛି, ତା'ହେଲେ ଦଳ ଚାହିଁବ ଯେ ଅଷ୍ଟ୍ରେଲିଆ ବାକି ରହିଥିବା ୫ ଟେଷ୍ଟ ମଧ୍ୟରୁ ଗୋଟିଏ ହେଲେ ନ ଜିତୁ। କିମ୍ବା ଭାରତ ବାକି ରହିଥିବା ୩ଟି ଟେଷ୍ଟରୁ ଗୋଟିଏରୁ ଅଧିକ ନ ଜିତୁ କିମ୍ବା ଗୋଟିଏରୁ ଅଧିକ ଡ୍ର ନ ରହୁ ବୋଲି ଦକ୍ଷିଣ ଆଫ୍ରିକା ଚାହିଁବ।

### ଶ୍ରୀଲଙ୍କା: ବିଜୟ ପ୍ରତିଶତ ୪୫.୪୫, ବାକି ରହିଛି ୨ଟି ମ୍ୟାଚ୍

ଯଦି ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କା ନିଜ ମାଟିରେ ଦୁଇଟି ଯାକ ଟେଷ୍ଟ ଜିତୁଛି, ତା'ହେଲେ ଦଳ ସର୍ବାଧିକ ୫୩.୮୫ ବିଜୟ ପ୍ରତିଶତ ପଏଣ୍ଟରେ ପହଞ୍ଚିବ। ଏପରି ସ୍ଥିତିରେ ଦଳକୁ ଅନ୍ୟ ମ୍ୟାଚ ଗୁଡ଼ିକର ରେଜଲ୍ଟ ଉପରେ ନିର୍ଭର କରିବାକୁ ପଡ଼ିବ। ଶ୍ରୀଲଙ୍କା ଚାହିଁବ ଯେ ଭାରତ ଗୋଟିଏରୁ ଅଧିକ ବିଜୟ କିମ୍ବା ଡ୍ର ନ ପାଉ। ଅଷ୍ଟ୍ରେଲିଆ ମଧ୍ୟ ଭାରତ ବିପକ୍ଷରେ ୨ଟି ବିଜୟ ହାସଲ କରୁ। ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକା ଦୁଇଟି ଯାକ ମ୍ୟାଚ୍ ହାରୁ ବୋଲି ଶ୍ରୀଲଙ୍କା ଚାହିଁବ।

### ଭାରତ: ବିଜୟ ପ୍ରତିଶତ ୫୭.୨୯, ବାକି ରହିଛି ୩ଟି ମ୍ୟାଚ୍

ଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ବାକି ରହିଥିବା ୩ଟି ମ୍ୟାଚ୍‌ରୁ ଅତି କମରେ ୨ଟି ଜିତିବାକୁ ପଡ଼ିବ ଓ ଗୋଟିଏକୁ ଡ୍ର କରିବାକୁ ପଡ଼ିବ। ଏହାଦ୍ୱାରା ଭାରତର ବିଜୟ ପ୍ରତିଶତକ ପଏଣ୍ଟ ୬୦.୫୩କୁ ବୃଦ୍ଧି ପାଇବ। ଏପରି ସ୍ଥିତିରେ ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯିବ। ଅଷ୍ଟ୍ରେଲିଆ ଯଦି ଶ୍ରୀଲଙ୍କା ବିପକ୍ଷରେ ୨-୦ରେ ସିରିଜ ଜିତିବ, ତା'ହେଲେ ବି ଦଳର ପଏଣ୍ଟ ସଂଖ୍ୟା ୫୭.୦୨ ହୋଇ ରହିବ। ଭାରତ ୩-୨ରେ ଅଷ୍ଟ୍ରେଲିଆକୁ ଯଦି ବର୍ଡର-ଗାଭାସ୍କର ଟ୍ରଫିରେ ହରାଉଛି, ତା'ହେଲେ ଫାଇନାଲରେ ପହଞ୍ଚିବା ରେସ ଆହୁରି ରୋମାଞ୍ଚକର ହୋଇଯିବ। ଏପରି ସ୍ଥିତିରେ ଭାରତକୁ ଶ୍ରୀଲଙ୍କାର ସହାୟତା ଦରକାର। ଜାନୁଆରୀ ୨୯ରୁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ସିଂହଳ ଟିମ ଅତି କମରେ ଡ୍ର କରିପାରିଲେ, ଭାରତ ଫାଇନାଲ ଯାଇ ପାରିବ। ଯଦି ବର୍ଡର-ଗାଭାସ୍କର ଟ୍ରଫି ୨-୨ରେ ଡ୍ର ରହିଲା, ତା'ହେଲେ ଭାରତ ପାଇଁ ଫାଇନାଲରେ ପହଞ୍ଚିବା ଅତି କଷ୍ଟକର ହୋଇପଡ଼ିବ। ଏପରି ସ୍ଥିତିରେ ଦକ୍ଷିଣ ଆଫ୍ରିକାକୁ ୨-୦ରେ ଶ୍ରୀଲଙ୍କା ଠାରୁ ଜିତିବାକୁ ପଡ଼ିବ, ଯାହା ଦକ୍ଷିଣ ଆଫ୍ରିକା କରି ସାରିଛି ଓ ଅଷ୍ଟ୍ରେଲିଆକୁ ଶ୍ରୀଲଙ୍କା ଠାରୁ ୦-୨ରେ ହାରିବାକୁ ପଡ଼ିବ।

### ଅଷ୍ଟ୍ରେଲିଆ: ବିଜୟ ପ୍ରତିଶତ ୬୦.୭୧, ବାକି ରହିଛି ୫ଟି ମ୍ୟାଚ୍

ଅଷ୍ଟ୍ରେଲିଆକୁ ଭାରତ ବିପକ୍ଷରେ ବାକି ରହିଥିବା ୩ଟି ଟେଷ୍ଟରୁ ଅତି କମରେ ୨ଟି ଜିତିବାକୁ ପଡ଼ିବ। ଏପରି ସ୍ଥିତିରେ ଯଦି ଦଳ ଶ୍ରୀଲଙ୍କା ଠାରୁ ମଧ୍ୟ ୦-୨ରେ ହାରୁଛି, ତା'ହେଲେ ମଧ୍ୟ ୫୫.୨୬ ପଏଣ୍ଟ ସହ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରିବ। କିନ୍ତୁ ଯଦି ଅଷ୍ଟ୍ରେଲିଆ ୨-୩ରେ ଭାରତ ଠାରୁ ପରାସ୍ତ ହେଉଛି, ତା'ହେଲେ ଟିମ ଇଣ୍ଡିଆର ପଏଣ୍ଟ ୫୮.୭୭କୁ ବୃଦ୍ଧି ପାଇବ। ଏହି ସ୍ଥିତିରେ ଅଷ୍ଟ୍ରେଲିଆକୁ ଯେମିତି ହେଲେ ବି ଶ୍ରୀଲଙ୍କା ବିପକ୍ଷ ସିରିଜକୁ ୨-୦ରେ ଜିତିବାକୁ ପଡ଼ିବ। ଏହାବାଦ ଯଦି ଶ୍ରୀଲଙ୍କା ବିପକ୍ଷରେ ଦଳ ଗୋଟିଏରେ ଜିତିଛୁ ଓ ଆଉ ଗୋଟିଏ ମ୍ୟାଚ ଡ୍ର ରହୁଛି, ତା'ହେଲେ ଦକ୍ଷିଣ ଆଫ୍ରିକା ଗୋଟିଏରୁ ଅଧିକ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଡ୍ର ନ କରୁ ବୋଲି ଅଷ୍ଟ୍ରେଲିଆ ଚାହିଁବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକାଶିତ...

ଯେ ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି ଏବଂ କୌଶଳ କ୍ଷେତ୍ରରେ ଶାନମୁଗର୍ଡନମଙ୍କ ଓଡିଶା ଗସ୍ତର ମୁଖ୍ୟ ଆକର୍ଷଣ ହେବ। ହାଇ କମିଶନର ଏବଂ ତାଙ୍କ ଟିମକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଓଡିଶା ଗସ୍ତ ପାଇଁ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ଗ୍ରହଣ କରିଥିବାରୁ ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସିଙ୍ଗାପୁର ଏବଂ ଓଡିଶା ମଧ୍ୟରେ ସହଯୋଗ ପାଇଁ ବହୁତ ସମ୍ଭାବନା ଅଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପେଟ୍ରୋକେମିକାଲ, ସହରୀ ଯୋଜନା, ପର୍ଯ୍ୟଟନ, ଅକ୍ଷୟ ଶକ୍ତି ଏବଂ ଦକ୍ଷତା ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ସ୍ତର ପାଇଁ ଏହି ସମ୍ପର୍କ ପ୍ରସ୍ତୁତ ହୋଇଛି। ତାଙ୍କୁ ତଥା ଟିମ୍ ଓଡିଶାର ଆୟୋଜନ କରିଥିବାରୁ ସେ ସିଙ୍ଗାପୁର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯାହା ଗତ ମାସରେ ଏକ ସଫଳ ଗସ୍ତରେ ଆସିଥିଲା।

ସିଙ୍ଗାପୁର ଏବଂ ଭାରତ ମଧ୍ୟରେ କୂଟନୈତିକ ସମ୍ପର୍କର ୬୦ ବର୍ଷ ପୂର୍ତ୍ତି ଅବସରରେ ଦୁଇ ରାଷ୍ଟ୍ର ପରସ୍ପର ସହ ଦ୍ୱିପାକ୍ଷିକ ବନ୍ଧନକୁ ଅଧିକ ମଜବୁତ କରିବାକୁ ଆସନ୍ତା ମାସରେ ଭାରତ ଗସ୍ତ କରିବେ ଶାନମୁଗର୍ଡନମ। ଉଭୟ ରାଷ୍ଟ୍ର ମଧ୍ୟରେ ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ରହିଛି। ଏହି ସମ୍ପର୍କ ବର୍ତ୍ତମାନ ବାଣିଜ୍ୟ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ବିନିମୟ ପରି କ୍ଷେତ୍ରକୁ ନେଇ ଏକ ରଣନୀତିକ ଭାଗିଦାରୀରେ ପରିଣତ ହୋଇଛି। ସିଙ୍ଗାପୁର ହେଉଛି ଭାରତ ପାଇଁ ବୈଦେଶୀକ ପୁଂଜି ନିବେଶର ସବୁଠାରୁ ବଡ ଉତ୍ସ। ଆଇଟି, ବ୍ୟାଙ୍କିଙ୍ଗ ଏବଂ ଉତ୍ପାଦନରେ ଏହାର କମ୍ପାନୀ ମାଧ୍ୟମରେ ସିଙ୍ଗାପୁରରେ ମଧ୍ୟ ଭାରତର ଏକ ଦୃଢ ଉପସ୍ଥିତି ରହିଛି। ଗଣତନ୍ତ୍ର, ନବସୃଜନ ଏବଂ ନିରନ୍ତର ବିକାଶର ସହଭାଗୀ ମୂଲ୍ୟ ସହିତ ଉଭୟ ଦେଶ ପାରସ୍ପରିକ ଅଭିବୃଦ୍ଧି ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ସମ୍ପର୍କକୁ ମଜବୁତ କରିବାକୁ ଆଗ୍ରହୀ ଅଟନ୍ତି।

ଏହି ବୈଠକରେ ଓଡିଶାର ମୁଖ୍ୟ ଶାସନ ସଚିବ ମନୋଜ ଅହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଏସିଏସ୍ ଗୃହ ସତ୍ୟବ୍ରତ ସାହୁ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମୁଖ୍ୟ ସଚିବ ବିଶାଲ ଦେବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମୁଖ୍ୟ ସଚିବ ଏନବିଏସ୍ ରାଜପୁତ ଉପସ୍ଥିତ ଥିଲେ। ନୂଆଦିଲ୍ଲୀର ଡେପୁଟି ହାଇ କମିଶନର ଆଲିସ୍ ଚେଙ୍ଗ ଏବଂ ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

### ନବୀନଙ୍କ...

ମଧ୍ୟ ପୂର୍ବ ସରକାରଙ୍କ ଉପରେ ବର୍ଷିଛନ୍ତି। କହିଛନ୍ତି, ୨୦୧୯ରେ ମିଶନଶକ୍ତି ମହିଳାଙ୍କ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏପ୍ରିଲ ୨୦୨୪ରେ ଚୁକ୍ତି ସରିଲା ତା ପୂର୍ବରୁ କାହିଁକି ରେନ୍ୟୁ କଲେ ନାହିଁ ତତ୍କାଳୀନ ସରକାର ? କାରଣ ଆଗକୁ ନିର୍ବାଚନ ଥିଲା, ସେଥିପାଇଁ ଚୁକ୍ତିକୁ ଝୁଲେଇ ରଖିଲେ। ମହିଳାମାନଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିଥିଲେ ବିଜେଡି ସରକାର। ମୁଁ ଜଣେ ମହିଳା ଭାବେ ଘଟଣାକୁ ନେଇ ଦୁଃଖିତ। ଆମ ବିଜେପି ସରକାର ବିଜେଡି ଭଳି ନୁହଁ। ଆପଣଙ୍କ ଭୁଲକୁ ଆମେ ସୁଧାରିବୁ'।

### ହୋଟେଲ ମାଲିକ...

ତାଙ୍କ ଝିଅକୁ କେହି ଦୁଷ୍କର୍ମ କରିଥିବା ଅଭିଯୋଗ ଆଣିଥିଲେ। କଥା ରଫାଦଫା କରିବାକୁ ହେଲେ ୨୦ ହଜାର ଟଙ୍କା ମାଗିଥିଲେ। ହେଲେ ହୋଟେଲ ମାଲିକଙ୍କର କୌଣସି ଭୁଲ ନ ଥିବାରୁ ସେ ଟଙ୍କା ଦେବାକୁ ମନା କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଯୁବତୀ ଖଣ୍ଡଗିରି ଥାନାକୁ ଯିବାସହ ଏକ ରେପ୍ କେସ ଦେଇଥିଲେ। ଯୁବତୀଙ୍କ ରଙ୍ଗ ଢଙ୍ଗ ଦେଖି ପୋଲିସ ମଧ୍ୟ ବିଚଳିତ ହୋଇଥିଲେ। ସବୁ ଜାଣି ମଧ୍ୟ ପରିସ୍ଥିତିରେ ପଡ଼ି କେସ ରୁଜୁ କରିଥିଲା ଖଣ୍ଡଗିରି ପୋଲିସ। କାରଣ ବିଧାନସଭା ଚାଲୁଥିବା ବେଳେ ଯଦି ଜଣେ ଯୁବତୀ ଗଣମାଧ୍ୟମରେ ଦୁଷ୍କର୍ମ ନେଇ ଅଭିଯୋଗ ଆଣନ୍ତି, ତେବେ ପୁଣି ଭରତପୁର ଘଟଣାର ପୁନରାବୃତ୍ତି ହେବ ବୋଲି ଭୟ କରି କେସ ରୁଜୁ କରିଥିଲା ପୋଲିସ। ଯାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସେପଟେ ନିଶାସକ୍ତ ଯୁବତୀଙ୍କୁ ଘରକୁ ପଠାଇ ନାମ ନେଇଥିବା ପୋଲିସ ଆଗରେ କ୍ଷୋଭର ସହ କହିଛନ୍ତି ହୋଟେଲ ମାଲିକ।

### ଲୋକଙ୍କ ବେଳକୁ ...

ଛୁଙ୍କ, ଆଉ ତାପରେ ପରସ୍ପରକୁ ଦୋଷ ଦେଇ ହୁଲୁସ୍ଥୁଲ ହୁଏ ଗୃହ। କିଛି ସମୟ ହଟ୍ଟଗୋଳ ପରେ ଯିଏ ଯାହା ବାଟରେ ଚାଲିଯାଆନ୍ତି। ଯେଉଁ ଦଳ ସରକାରରେ ଥାଏ ସେ ନିଜକୁ ସୁହାଇଲା ଭଳି ନିଷ୍ପତ୍ତି ନିଅନ୍ତି ଓ ସଂଖ୍ୟା ଗରିଷ୍ଠତାରେ ତାହା ବିଧାନସଭାର ଅନୁମୋଦନ ମଧ୍ୟ ପାଏ। ବିଧାନସଭାକୁ ବିଧାୟକମାନେ ଯେଉଁ ଭଳି ରାଜନୀତିର ପଶାପାଲି ବନେଇଦେଇଛନ୍ତି ତାକୁ ନେଇ ବୁଦ୍ଧିଜୀବୀମାନେ ଉଦବେଗ ପ୍ରକାଶ କରୁଛନ୍ତି। ହେଲେ ଯେଉଁଭଳି ଭାବେ ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧି ନେଇ ସବୁ ଦଳର ବିଧାୟକ ଏକ ସ୍ୱର ହୋଇଗଲେ ତାକୁ ନେଇ ବୁଦ୍ଧିଜୀବୀ ଓ ରାଜନୀତି ବିଶେଷଜ୍ଞମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ପ୍ରଶାସନିକ ମହଲରୁ ମିଳୁଥିବା ସୂଚନା ଅନୁଯାୟୀ, ଗତ ବିଜେଡି ସରକାର ଅମଳରେ ବିଧାୟକ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ଯେଉଁ ସୁପାରିଶ କରିଥିଲା, ଏ ସରକାର ତାକୁ ଲାଗୁ କରିବାକୁ ଯାଉଛନ୍ତି। କେବଳ ରାଜ୍ୟପାଳ ଏବେ ଭୁବନେଶ୍ୱରରେ ନଥିବାରୁ ବିଧାନସଭାରେ ଘୋଷଣା ହୋଇପାରିନି। ଆସନ୍ତାକାଲି ଏକ ସ୍ପେଶାଲ ମେସେଞ୍ଜର ସ୍ୱତନ୍ତ୍ର ହେଲିକ୍ୟାପ୍ଟର କିମ୍ବା ବିମାନରେ ଏ ସମ୍ପର୍କିତ ଫାଇଲ ନେଇ ରାଜ୍ୟପାଳଙ୍କ ପାଖକୁ ଯିବେ ବୋଲି ଚର୍ଚ୍ଚା ହେଉଛି।

ବିଧାନସଭାକୁ ଆସୁଥିବା ପ୍ରାୟ ତିନି ଚତୁର୍ଥାଂଶ ବିଧାୟକ ପ୍ରତିପତ୍ତିଶାଳୀ। ୧୪୭ ବିଧାୟକଙ୍କ ମଧ୍ୟରୁ ୧୦୩ କୋଟିପତି। ନିର୍ବାଚନ ସମୟରେ ବିଧାୟକମାନେ ଦାଖଲ କରିଥିବ ସତ୍ୟପାଠରୁ ଏ ତଥ୍ୟ ପ୍ରକାଶ କରିଛି ଏଡିଆର। କୋଟିପତି ବିଧାୟକମାନେ କେହି ୪୦-୫୦ ଲକ୍ଷ ତଳକୁ ଗାଡି ବ୍ୟବହାର କରୁନାହାଁନ୍ତି। ତା ସାଙ୍ଗକୁ ପୁଣି ଭୁବନେଶ୍ୱରରେ ସରକାରୀ କ୍ୱାଟର, ସରକାରୀ ପିଏସଓ, ଯେଉଁ ଜିଲ୍ଲାକୁ ଯିବେ ସେଠାରେ ସରକାରୀ ଆଇବିରେ ମାଗଣା ରହିବା ସୁବିଧା, ବିଧାନସଭା ଅଧିବେଶନ ସମୟରେ ଟିଏ ଓ ଡିଏ ସହ ଡେଲି ଆଲାଉନ୍ସ ବି ପାଉଛନ୍ତି ବିଧାୟକ। ଏହାଭିନ୍ନ ବିଧାୟକଙ୍କ ଅନ୍ୟାନ୍ୟ ରୋଜଗାର କଥା ସମସ୍ତେ ଜାଣନ୍ତି। ଏହା ସତ୍ତ୍ୱେ ସେମାନଙ୍କୁ ଦରମା ଅଣ୍ଟୁନାହିଁ। ସଲାସୁତୁରାରେ ଦରମା ବୃଦ୍ଧି ଦାବିରେ ସବୁ ଦଳର ବିଧାୟକ ଏକ ହୋଇଗଲେ। ଏପରିକି ପୂର୍ବ ସରକାର ଅମଳରେ ହୋଇଥିବା ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ରାଜି ହୋଇଯାଉଛନ୍ତି ନୂଆ ସରକାର। ଶାସକ ଓ ବିରୋଧୀ ଦଳ ବିଧାୟକଙ୍କ ଏଭଳି ଆଚରଣ ଓ ଉଚ୍ଚାରଣଗତ ବିଭେଦତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

### ଗ୍ରେଟର...

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର-କଟକ-ପୁରୀ ଇକୋନୋମିକ୍ ରିଜିଅନ ଗଠନ ଏବଂ ଗ୍ରେଟର ଭୁବନେଶ୍ୱର ଗଠନ ସଂପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଥିଲା।

ବୈଠକରେ ଦୁଇ ଉପ-ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭିଭି ଯାଦବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ନୂଆ ରୂପ...

ଓଡ଼ିଶାରେ ଜାହାଜ ଶିଳ୍ପରେ କାମ କରୁଥିବା ଯୁବକ ଯୁବତୀମାନଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପସ୍କିଲିଂ ତଥା ଦକ୍ଷ କରିବା ଉପରେ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଛି । ଓଡ଼ିଶାରେ ସାମୁଦ୍ରିକ କ୍ଷେତ୍ରରେ ଥିବା ଅପାର ସମ୍ଭାବନାକୁ ଉପଯୋଗ କରି ଏହାର ସାମଗ୍ରିକ ଓ ସ୍ଥାୟୀ ବିକାଶ ମାଧ୍ୟମରେ ରାଜ୍ୟରେ ବନ୍ଦର ଆଧାରିତ ଅର୍ଥନୀତିର ବିକାଶ କରିବା ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଶ୍ରୀ ସୋନୱାଲଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

ଶ୍ରୀ ସୋନୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ପାରାଦୀପ ବନ୍ଦରର ସାମଗ୍ରିକ ବିକାଶ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭାରତୀୟ ଜଳମାର୍ଗର ବିକାଶ ନେଇ କଣ ଯୋଜନା କରିହେବ, ସେ ସମ୍ପର୍କରେ ଓଡ଼ିଶାର ସାଂସଦମାନଙ୍କ ସହ ଆଲୋଚନା ହୋଇଥିବା ସେ କହିଛନ୍ତି। ଉତ୍କର୍ଷ ଉତ୍କଳ ନିବେଶ ସମ୍ମିଳନୀରେ ସାମିଲ ହେବା ପାଇଁ ମନ୍ତ୍ରଣାଳୟର ସଚିବ ଓ ଅନ୍ୟାନ୍ୟ ଷ୍ଟେକହୋଲଡର, ନିବେଶକମାନଙ୍କୁ ପଠାଇବା ପାଇଁ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଓଡ଼ିଶାର ସାଂସଦମାନେ ପ୍ରସ୍ତାବ ଦେଇଥିଲେ।

### ସରକାରୀ...

ବିଗିଡିବାରେ ଲାଗିଛି। ବହୁ ଆଡମ୍ବରରେ ପ୍ରତିଷ୍ଠା ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ଏଭଳି ପାଠପଢା ହେଲେ ଆଉ କିଛିଦିନ ପରେ ଛାତ୍ରଛାତ୍ରୀମାନେ ଏଠାକୁ ଆସିବେ ନାହିଁ ନଚେତ ଯେଉଁମାନେ ଅଛନ୍ତି ସେମାନେ ଅନ୍ୟତ୍ର ପଳାଇବେ। ଏହି ଠିକା ଅଧ୍ୟାପକଙ୍କ ମଧ୍ୟରୁ କିଏ ନିଜ ସ୍ୱାମୀଙ୍କ ନାଁ ନେଇ ଧମକାଉଛି ତ ଆଉ କିଏ ସ୍ତ୍ରୀର ନାଁ ନେଇ। ବହୁ ଅତିଥି ଅଧ୍ୟାପକ ସିଧାସଳଖ ଉଚ୍ଚଶିକ୍ଷା ସଚିବଙ୍କ ନାଁ ନେଇ ବି ଧମକ ଦେଉଛନ୍ତି। ଫଳରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ଦିନକୁଦିନ କଳୁଷିତ ହେଉଥିବାବେଳେ ଲକ୍ଷ ଲକ୍ଷ ଟଙ୍କା କିନ୍ତୁ ରାଜକୋଷରୁ ଖର୍ଚ୍ଚ ହେବାରେ ଲାଗିଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ତୁରନ୍ତ ଏହି ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହୋଇଥିବା ଅତିଥି ଅଧ୍ୟାପଙ୍କ ବିଷୟରେ ଖୋଳତାଡ କରିବା ସହିତ ସେମାନେ କେତେ ସମୟ ପାଠ ପଢାଉଛନ୍ତି ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିବା ଆବଶ୍ୟକ ବୋଲି ବହୁ ଛାତ୍ରଛାତ୍ରୀ ମତ ଦେଇଛନ୍ତି।

### ୧୭ରୁ...

କରିବେ ଭକ୍ତ। ଭିତର କାଠରୁ ଦର୍ଶନ ମନା ହେବ। ବିଶେଷ ନୀତିକାନ୍ତି ଥିଲେ କାମ ବନ୍ଦ ରହିବ। ମରାମତି ୩ ମାସ ମଧ୍ୟରେ ସାରିବାକୁ କହିଛି ଏଏସ୍ଆଇ। ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶିକା ଅନୁସାରେ ମରାମତି ହେବ ଏବଂ କାମ ସରିବା ପରେ ଅସ୍ଥାୟୀ ରତ୍ନ ଭଣ୍ଡାରରୁ ଅଳଙ୍କାର ସ୍ଥାନାନ୍ତରଣ କରାଯିବ। ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତରଣ ପରେ ଗଣତି, ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଏହା ପୂର୍ବରୁ ଏଏସ୍ଆଇ ଅଧୀକ୍ଷକ ଡି.ବି ଗଡ଼ନାୟକ କହିଥିଲେ ଯେ ସେମାନେ ଡିସେମ୍ବର ୧୬ ତାରିଖରୁ ରତ୍ନଭଣ୍ଡାର କାମ କରିବାକୁ ପ୍ରସ୍ତୁତ ଅଛନ୍ତି। ମରାମତି ପାଇଁ ଦୈନିକ ସର୍ବନିମ୍ନ ୫/୬ ଘଣ୍ଟା ଆବଶ୍ୟକ। କେବେ ମରାମତି ହେବ ଶ୍ରୀମନ୍ଦିର ପ୍ରଶାସନ ଧାର୍ଯ୍ୟ କରିବ ବୋଲି ସେ କହିଥିଲେ।

### ବିଦେଶରୁ...

ଜରିଆରେ ପ୍ରସ୍ତୁତ କରାଯାଇଥିଲା। ପୁଲିସ ଡିଜି ସମ୍ମିଳନୀ ବେଳେ ଆସିଥିବା ଆତଙ୍କୀ ମେଲ୍ ଯାଞ୍ଚ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। ଧମକପୂର୍ଣ୍ଣ ମେଲ୍ ଓ ଅଡିଓ ରେକର୍ଡ ଆସିବାରେ ଓଡ଼ିଶାର କାହାର ଲିଙ୍କ ନାହିଁ ବୋଲି ଏବେ ସ୍ପଷ୍ଟ ହୋଇଛି।

ସମ୍ମିଳନୀ ବେଳେ ଖଲିସ୍ତାନୀ ଆତଙ୍କବାଦୀ ପନୁର ଫଟୋ ଥାଇ ମେଲ୍ ଓ ଅଡିଓ କଲ୍ ରେକର୍ଡ ଆସିବା ଘଟଣା ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନିଦ ହଜାଇ ଦେଇଥିଲା। କ୍ରାଇମବ୍ରାଞ୍ଚର ସୂଚନା ପରେ ଘଟଣାରେ ଓଡ଼ିଶାର କାହାର ଲିଙ୍କ ନ ଥିବା ସ୍ପଷ୍ଟ ହୋଇଛି।

### ଅଭିଯୋଗକାରୀଙ୍କ...

ମାମଲାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଫସାଇ ଦିଆଯାଇଥିବା ସାଧାରଣରେ ମତ ପ୍ରକାଶ ପାଇଛି। ପୂର୍ବ ସରକାର ଅମଳରେ ତାଙ୍କୁ ମିଛ ମାମଲାରେ ଫସାଇ ଦିଆଯାଇଥିବା ଆଲୋଚନା ହେଉଛି। ପ୍ରଦୀପଙ୍କ ନାଁରେ ଏଫ୍ଆଇଆର୍ କରିଥିବା ଲକ୍ଷ୍ମୀଧର ନାୟକ ଓ ପ୍ରଭାତ କୁମାର ନାୟକ ମଙ୍ଗଳବାର କୋର୍ଟରେ ବୟାନ ଦେଇଛନ୍ତି। ପ୍ରଦୀପଙ୍କ ସହ କୌଣସି ପ୍ରକାର ଅର୍ଥ ନେଣଦେଣ ହୋଇନି ବୋଲି ସେମାନେ କହିଛନ୍ତି । ସୂଚନା ପ୍ରକାରେ ଜିଲ୍ଲାର କିଛି ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ବିଜେଡିର କିଛି ବରିଷ୍ଠ ନେତା ଗୋଳନ୍ଥରା ଥାନାରେ ବସି ସେମାନଙ୍କ ଉପରେ ଚାପ ପକାଇ ମାମଲା ରୁଜୁ କରିଥିଲେ। ଏହି ଚାପ ପାଇଁ ହିଁ ସେମାନେ ମାମଲା ଦାଏର କରିଥିବା କହିଛନ୍ତି ପ୍ରଦୀପଙ୍କ ଓକିଲ। ସେପଟେ ଏହି ଘଟଣାକୁ ନେଇ ବିଜେଡିର କିମ୍ବା ସରକାରୀ ଓକିଲଙ୍କ ପ୍ରତିକ୍ରିୟା ମିଳିପାରିନି। ପୂର୍ବରୁ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ହୋଇଥିବା ଠକେଇ ମାମଲାରେ ପ୍ରଦୀପ ଜେଲ ଯାଇଥିଲେ।

### ସୁଜିତ...

ମାସରେ ସୁଜିତ କୁମାର ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଏହି ଆସନଟି ଖାଲି ପଡ଼ିଥିଲା।

ସେ ରାଜ୍ୟସଭା ପଦ ସହିତ ବିଜେଡିରୁ ମଧ୍ୟ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ। ଖାଲି ଥିବା ଏହି ଗୋଟିଏ ରାଜ୍ୟସଭା ପଦବୀ ପାଇଁ ଉପନିର୍ବାଚନ ହେବାକୁ ଯାଉଥିବା ବେଳେ ବିଜେପି ସୁଜିତ କୁମାରଙ୍କୁ ପ୍ରାର୍ଥୀ କରିଛି। ସୋମବାର ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ନାମାଙ୍କନ କରିଥିଲେ। ସେ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହା ପୂର୍ବରୁ ମମତା ମହନ୍ତ ବିଜେଡି ଛାଡ଼ି ବିଜେପିରେ ମିଶିବା ପରେ ଦଳ ତାଙ୍କୁ ରାଜ୍ୟସଭା ପଠାଇଥିଲା।

ସୂଚନାଯୋଗ୍ୟ, ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନରେ ଉପନିର୍ବାଚନ କରିବା ପାଇଁ ଏବେ ଚାଲିଛି ପ୍ରକ୍ରିୟା।

# ବାଲିଆପାଳବାସୀଙ୍କ ଚିନ୍ତା ବଢ଼ାଇଲାଣି ବେଆଇନ୍ ନିଶା

◆ ଗଳିକନ୍ଦିରେ ଗଞ୍ଜେଇ, ମଦ, ବ୍ରାଉନ ସୁଗାର୍ ◆ ହାତବାନ୍ଧି ବସିଛି ପୁଲିସ୍ ଓ ଅବକାରୀ ବିଭାଗ

**ବାଲିଆପାଳ, ୧୦।୧୨ (ସଂଚାର ବ୍ୟୁରୋ) :** ସଦର ଓ ଜଳେଶ୍ୱର ଭଳି ବାଲିଆପାଳରେ ମଧ୍ୟ ବେଆଇନ ନିଶା କାରବାର ସାଧାରଣ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଲାଣି ଗାଁ ଗାଁରେ ଚୋରା ଦେଶୀ ମଦ ଠାରୁ ଆରମ୍ଭ କରି ଗଞ୍ଜେଇ, ମଦ, ବ୍ରାଉନସୁଗାର ଭଳି ଉତ୍କଟ ନିଶା କବଳରେ ପିଲାଠାରୁ ବୁଢ଼ାଯାଏ କବଳିତ ହୋଇସାରିଲେଣି। ଏହି କାରବାର ବେଆଇନ୍ ହୋଇଥିବା ସତ୍ତ୍ୱେ କମ୍ ପରିଶ୍ରମରେ ଅଧିକ ଲାଭ ପାଇବା ଲୋଭରେ ଯୁବପିଢ଼ି ସେଥିରେ ନିଜକୁ ନିୟୋଜିତ କରିସାରିଲେଣି।

ବେଆଇନ ନିଶା କାରବାରକୁ ରୋକିବାରେ ଅବକାରୀ ଓ ପୁଲିସ ବିଭାଗର ଗୁରୁଦାୟିତ୍ୱ ରହିଥିଲେ ମଧ୍ୟ ବାଲିଆପାଳ ଅଞ୍ଚଳରେ ଉଭୟ ବିଭାଗ ଯେପରି ଆଖି ବୁଜି ଦେଇଥିବା ଅଭିଯୋଗହୋଇଛି। କାରଣ ଯଦି କୌଣସି ସଚେତନ ନାଗରିକ ନିଶା



କାରବାର ସମ୍ପର୍କରେ ପୁଲିସ କିମ୍ବା ଅବକାରୀ ବିଭାଗକୁ ଖବର ଦେଉଛି ତା'ହେଲେ ନିଶା ବ୍ୟବସାୟୀଙ୍କୁ ତୁରନ୍ତ ଖବର ମିଳିଯାଉଛି ଆଉ ସେମାନେ ସତର୍କ ହୋଇଯାଉଛନ୍ତି। ଏଥିସହ ଯେଉଁ କେତେଜଣ ଛୋଟମୋଟ ବ୍ୟବସାୟୀଙ୍କୁ ଧରାଯାଉଛି, ସେମାନଙ୍କୁ କୋହଳ ଦଫା ଲଗେଇ ସହଜରେ ଜାମିନରେ ଖସିଯିବାର ବ୍ୟବସ୍ଥା କରାଯାଉଥିବା ନେଇ ଅଭିଯୋଗ ହେଉଛି। ଜାମିନରେ ଆସିବାପରେ ସେମାନେ ପୁଣି ବେଧଡ଼କ କାରବାର କରୁଛନ୍ତି। ପ୍ରଶାସନ ଉପରେ କୌଣସି ରାଜନୈତିକ ଦଳ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ଚାପ ସୃଷ୍ଟି କରି ପାରୁନାହାଁନ୍ତି। ବାଲିଆପାଳର ଇଡକୋ ଛକ, ବ୍ଲକ ଛକ, ପାରୁଳିଆ ଛକ, ହନୁମାନମନ୍ଦିର ଛକ, ଅସ୍ଥିପୋଲ, କୋଷ୍ଟ କେନାଲ ରାସ୍ତା, ବାଲିଆପାଳ-କମର୍ଦା ରାସ୍ତା, ବାସୁଦେବପୁର ଛକ, ତାରିଣୀ ଛକ, ପାରୁଲିଆ ହାଟ, ସାନ ମର୍ଗଞ୍ଜସାଦି ସ୍କୁଲ ଛକ, ସିମୁଳିଆ ମାର୍କେଟ, ପଞ୍ଚୁରି,ନେତାଜୀ ଷ୍ଟାଡିୟମ, ବଡ଼ାପାଳନାଟ, ବାଲିଆଦାନ ଛକ ପ୍ରଭୃତି ସ୍ଥାନ ଏବେ ନିଶାସକ୍ତ ଯୁବକମାନଙ୍କ ନିରାପଦ ସ୍ଥାନ ପାଲଟିଛି। ସନ୍ଧ୍ୟା ହେଲେ ଏହିସବୁ ସ୍ଥାନମାନଙ୍କରେ ନିଶାସକ୍ତ ଯୁବକମାନେ ଦେଶୀ-ବିଦେଶୀ ମଦଠାରୁ ଆରମ୍ଭ କରି ଗଞ୍ଜେଇ ଓ ଧଳାପାଉଡର ଇତ୍ୟାଦି ବିଭିନ୍ନ ଉତ୍କଟ ମାଦକ ଦ୍ରବ୍ୟ ସେବନ କରୁଥିବା ଦେଖାଯାଉଛି।

ପ୍ରତ୍ୟେକ ଦିନ ଜଳେଶ୍ୱରରୁ ପଶ୍ଚିମବାଡ଼ ରାସ୍ତା ଦେଇ ବାଲିଆପାଳକୁ ମଟର ସାଇକେଲ ସାହାଯ୍ୟ ଧଳାପାଉଡର ସହିତ ବିଭିନ୍ନ ନିଶାଦ୍ରବ୍ୟ ଆସୁଛି। ବାଲିଆପାଳରେ ଥିବା କିଛି ନିର୍ଦ୍ଦିଷ୍ଟ ଦୋକାନରେ ରଖାଯାଇ ବିକ୍ରି ପାଇଁ ପଠାଯାଇଛି। ପ୍ରଶାସନ ଏବିଷୟରେ ଖବର ନରହିବା ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ସୃଷ୍ଟି କରିଛି।

## ବିବାହର ପ୍ରଲୋଭନ ଦେଖାଇ ମହିଳାଙ୍କୁ ଚେନ୍ନାଇ ଚାଲାଣ

**ବାଲିଅନ୍ତା, ୧୦।୧୨ (ସଂଚାର ବ୍ୟୁରୋ) :** ବିବାହର ପ୍ରଲୋଭନ ଦେଖାଇ ଜଣେ ମହିଳାଙ୍କ ଚେନ୍ନାଇ ଚାଲାଣ କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ମା' ବାସନ୍ତୀ ଘଡ଼ାଇ ଆଜି ବାଲକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁସାରେ ବାସନ୍ତୀ ତାଙ୍କର ସ୍ୱାମୀ ପରିତ୍ୟକ୍ତା ଝିଅ ଓ ୬ ବର୍ଷର ନାତି ସହ ପୁରଣ ପଞ୍ଚାୟତ ଅଞ୍ଚଳରେ ରୁହନ୍ତି । ପଞ୍ଚାୟତ ରୋଡ଼ ନିକଟରେ ଥିବା ଏକ ଘରୋଇ ସଂସ୍ଥାରେ କାମ କରନ୍ତି । ସେମାନଙ୍କର ଏହି ସଂସ୍ଥାରେ କାମ କରୁଥିବା ପିଙ୍କି ନାମ୍ନୀ ଜଣେ ମହିଳାଙ୍କ ସହିତ ପରିଚୟ ହୋଇଥିଲା। ପିଙ୍କି ମଧ୍ୟସ୍ଥିତିରେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳର କୈଳାଶ ଚନ୍ଦ୍ର ସାହାଣୀଙ୍କ ସହ ଝିଅର ପରିଚୟ ହୋଇଥିଲା। ଏହାପରେ ଯୁବକ ମହିଳାଙ୍କୁ ବିବାହର ପ୍ରଲୋଭନ ଦେଖାଇ ନେଇଯାଇଥିବା ଅଭିଯୋଗ ହୋଇଛି । ତେଣୁ ଝିଅ ଓ ନାତିକୁ ଉଦ୍ଧାର କରିବା ନେଇ ସେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି।

## ବଲାଙ୍ଗି ପାର୍କ ସୌନ୍ଦର୍ଯ୍ୟରେ ବିମୋହିତ ବିଦେଶୀ ପର୍ଯ୍ୟଟକ



**ନୟାଗଡ଼, ୧୦।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ବଲାଙ୍ଗି ପାର୍କରେ ଦିନକୁ ଦିନ ଭୀଡ ଦେଖିବାକୁ ମିଳିଛି । ପଥରର କାରୁକାର୍ଯ୍ୟ ସମସ୍ତଙ୍କ ମନ କିଣି ନେଉଛି । ଦୈନିକ ରାଜ୍ୟର ଅନେକ ଜିଲ୍ଲାର ପର୍ଯ୍ୟଟକ ଆସୁଥିବା ବେଳେ ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳୁଛି । ସୁଦୁର ଆମେରିକାରୁ ସପରିବାରେ ବଲାଙ୍ଗି ପାର୍କ ଦେଖିବା ପାଇଁ ଆସିଥିଲେ ପର୍ଯ୍ୟଟକ । ଟନ ଟନ ପଥରେ ଖୋଦେଇ ହୋଇଥିବା ବିଭିନ୍ନ କାରୁକାର୍ଯ୍ୟ ଦେଖି ମନ୍ତ୍ରମୁଗ୍ଧ ହେବା ସହ ନିର୍ମାଣ କରିଥିବା ଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ । ଫଟୋ ସେଲ୍‌ଫି ନେବା ସହ ବିଭିନ୍ନ ସ୍ଥାନରେ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ବଲାଙ୍ଗି ପାର୍କ ଏବେ ଦିନକୁ ଦିନ ପର୍ଯ୍ୟଟକ ମାନଙ୍କର ମନ ମୋହୁଛି । ଗତ ଦୁଇଦିନ ଭିତରେ ବିହାର ଓ ଛତିଶଗଡ଼ର ପର୍ଯ୍ୟଟକ ମାନେ ଦେଖିବାକୁ ଆସିଥିଲେ । ଏଥି ସହିତ ଅନୁଗୁଳ, ସାଲେପୁର, ଭବାନୀପାଟଣା, କୋରାପୁଟ, ଭଞ୍ଜନଗର, ଗଜପତି ଓ ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟକ ମାନଙ୍କୁ ଦେଖିବାକୁ ମିଳିଥିଲା। ଏଥି ସହିତ ଦୈନିକ ଚିଲ୍‌ଡ୍ରେନ ପାର୍କର ମଜା ନେଉଛନ୍ତି ପର୍ଯ୍ୟଟକ ।

## କଣାସରେ ନୂତନ ତହସିଲଦାରଙ୍କ ଯୋଗଦାନ

**କଣାସ, ୧୦।୧୨ (ସଂଚାର ବ୍ୟୁରୋ) :** କଣାସ ତହସିଲି କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା ତହସିଲିଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସତ୍ୟବାଦ୍ୟ ତହସିଲିକୁ ବଦଳିହେବାପରେ କଣାସ ତହସିଲି ଦୀର୍ଘ ଏକ ମାସ ହେଲା କାର୍ଯ୍ୟ ବ୍ୟାଘାତ ହେବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ।ଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲିରେ କାର୍ଯ୍ୟକରୁଥିବା ତହସିଲିଦାର ହିମାଂଶୁଶେଖର ଗିରିଙ୍କୁ କଣାସ ତହସିଲିଦାର ଭାବେ ବଦଳି କରାଯାଇଥିବାରୁ ଶ୍ରୀ ଗିରି ଆଜି କଣାସ ତହସିଲିଦାର ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ପାର୍କିଂ ଫି ଆଦାୟକୁ ନେଇ ହିଞ୍ଜିଳି ବସ୍ ଟର୍ମିନାଲରେ ତୁମୁଳକାଣ୍ଡ

**ହିଞ୍ଜିଳିକାଟୁ, ୧୦।୧୨ (ସଂଚାର ବ୍ୟୁରୋ) :** ପାର୍କିଙ୍ଗ ଫି ଆଦାୟକୁ କେନ୍ଦ୍ର କରି ହିଞ୍ଜିଳି ବସ ଟର୍ମିନାଲ ପରିସରରେ ପ୍ରଥମେ କଥା କଟାକଟି ଓ ପରେ ସଂଘବଦ୍ଧ ଆକ୍ରମଣ ଘଟି ୪ ଯୁବକ ଆହତ ହୋଇଛନ୍ତି। ଏକ ବାହାଘର ଭୋଜିରେ ଯୋଗ ଦେବାକୁ ଆସିଥିବା ବ୍ରହ୍ମପୁର ଅଂଚଳର କିଛି ଯୁବକ ହିଞ୍ଜିଳି ବସଷ୍ଟାଣ୍ଡରେ ପାର୍କିଙ୍ଗ କରିଥିଲେ। ସେମାନେ ବିଜେପି କାର୍ଯ୍ୟକର୍ତ୍ତା ବୋଲି ଜଣାପଡିଛି। ଆକ୍ରମଣ ଘଟଣା ପରେ ପୋଲିସ ପହଂଚି ଆକ୍ରମଣକାରୀଙ୍କୁ ଥାନାକୁ ନେଇଥିଲେ। ପୌର ପରିଷଦ ତରଫରୁ ଆବଶ୍ୟକ ପାର୍କିଙ୍ଗ ସ୍ଥାନ ନିରୂପଣ ନ କରି ପାର୍କିଙ୍ଗ ଫି ଆଦାୟ ଘଟଣାକୁ ନେଇ ଅଂଚଳବାସୀ ନାପସନ୍ଦ କରିଛନ୍ତି।

## ତିରିଂ ଅଂଚଳରେ ଯୁବକ ମୃତ ; ହତ୍ୟା ସନ୍ଦେହ

**ବାରିପଦା, ୧୦।୧୨ (ସଂଚାର ବ୍ୟୁରୋ) :** ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ତିରିଂ ଥାନା ଅନ୍ତର୍ଗତ ଧୋବାଧୋବଣୀ ଗ୍ରାମର ଜନୈକ ଯୁବକର ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଧୋବାଧୋବଣୀ ଗ୍ରାମର ମାଞ୍ଜୁର ଶୁଙ୍ଗି (୨୫) ସୋମବାର ଦିନ ପୂର୍ବାହ୍ନ ୯ ଘଟିକାରେ କୌଣସି କାମରେ ବାହାରକୁ ଯାଇଥିଲେ । ପରେ ଅପରାହ୍ନ ୩ ଟା ବେଳେ ଘରକୁ ଫେରିଥିଲେ । ପରେ ପୁଣି ବୁଲିବାକୁ କାମ କରୁଥିବା ଟେଣ୍ଟ ମାଲିକଙ୍କ ଘରୁକୁ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ରାସ୍ତାରେ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। କେହି ମାଞ୍ଜୁରକୁ ଦେଖି ଘର ଲୋକଙ୍କୁ ଏବଂ ତିରିଂ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ଆଜି ବାରିପଦାରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରି ଫେରି ଯାଇଛନ୍ତି । ପୋଲିସ ଏକ ମାମଲା କେଶ ନମ୍ବର ୧୭୮/୨୪ ରୁଜୁ କରି ଶବଟିକୁ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସପିଟାଲକୁ ପଠାଇଥିଲେ । ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ,ଏସଡିପିଓ ଗୋକୁଳାନନ୍ଦ ସାହୁ,ତିରିଂ ଥାନାଧିକାରୀ ପ୍ରମୁଖ ତଦନ୍ତ ଜାରିରଖିଛନ୍ତି ।




## ନାହାଁନ୍ତି ଥାନା ଅଧିକାରୀ, କାର୍ଯ୍ୟ ବାଧାପ୍ରାପ୍ତ

**ନାଉଗାଁ, ୧୦।୧୨ (ସଂଚାର ବ୍ୟୁରୋ):** ନାଉଗାଁ ଥାନାରେ ନାହାନ୍ତି ଥାନା ଅଧିକାରୀ ଗତ ଏକମାସ ହେବ ଏହି ଥାନାରେ ଥିବା ଥାନା ଅଧିକାରେଣୀ ସଂଘମିତ୍ରା ନାୟକଙ୍କ ପୁରୀ ଜିଲ୍ଲାକୁ ଅନ୍ୟତ୍ର ବଦଳି ହେବାପରେ ଏହି ପଦବୀଟି ଖାଲି ପଡିଛି। ତେବେ ଯଦିଓ ଏହି ଥାନାରେ ଅତିରିକ୍ତ ଥାନା ଅଧିକାରୀ ନୀଳମଣି ନାୟକ ଦାୟିତ୍ୱରେ ଅଛନ୍ତି କିନ୍ତୁ ଥାନା ଅଧିକାରୀ ନଥିବାରୁ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ତେଣୁ ତୁରନ୍ତ ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ଛୁଆ ହାତୀ ମୃତ୍ୟୁର ତଦନ୍ତ

**ନୟାଗଡ଼, ୧୦।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଖୋର୍ଦ୍ଧା ବନଖଣ୍ଡ ରଣପୁର ବନାଞ୍ଚଳ ଅଧିନସ୍ଥ ମୟୁରଝାଲିଆ ପଞ୍ଚାୟତ ବୋରବର ଝର ବନ୍ଧ ନିକଟରୁ ଛୁଆ ହାତୀ ମୃତ ଦେହ ଉଦ୍ଧାର ହୋଇଛି। କାଲି ରାତିରେ ବିଲକୁ ଧାନ ଖାଇବାକୁ ଆସିଥିବା ବେଳେ କୌଣସି କାରଣରୁ ଛୁଆ ହାତୀଟି ମରି ପଡିଥିବାର ଗ୍ରାମବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ରଣପୁର ବନ ବିଭାଗ ଓ ଖୋର୍ଦ୍ଧା ଏସିଏଫ ସ୍ୱତି ମହାନ୍ତି ପହଞ୍ଚି ତଦନ୍ତ କରିଛନ୍ତି ।

# ଖୋର୍ଦ୍ଧାରେ ସ୍ଥଗିତ ରହିଲା କ୍ୟାବିନ ଉଚ୍ଛେଦ

**ଖୋର୍ଦ୍ଧା, ୧୦।୧୨ (ସଂଚାର ବ୍ୟୁରୋ) :** ଦୀର୍ଘଦିନ ଧରି କ୍ୟାବିନ ସହର ଖୋର୍ଦ୍ଧାର ବ୍ୟବସାୟୀ ମାନଙ୍କୁ ଥଇଥାନ କରିବା ନେଇ ପକ୍ରିୟା ଚାଲିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବ୍ୟବସାୟୀ ମାନଙ୍କୁ ସଠିକ ରୂପେ ଥଇଥାନ କରାଯାଇପାରୁନି। ତେବେ ଗତକାଲି ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ ଖୋର୍ଦ୍ଧା ସହରର ମାରୱାଡ଼ି ପଛି ପୁରୁଣା ଆଲ୍ଲାହବାଦ ବ୍ୟାଙ୍କ ଠାରୁ ଟ୍ରାଫିକ ଛକ, ସମବାୟ ବ୍ୟାଙ୍କ



ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପଟେ ଥିବା ଦୋକାନକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇ ନୋଟିସ ଜାରି କରିଥିଲା। ଏମିତିକି ଦୋକାନୀମାନଙ୍କୁ ନିଜ ନିଜ ଦୋକାନରୁ ସାମଗ୍ରୀ ନେଇ ଦୋକାନ ଭାଙ୍ଗିବାକୁ କହିଥିଲେ।

ହେଲେ ଆଜି ସକାଳୁ ସକାଳୁ ୫୦୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀମାନେ ଏକତ୍ର ହୋଇ ପରିବାର ସହିତ ଖୋର୍ଦ୍ଧା ଟ୍ରାଫିକ ଛକରେ ବସି ଆନ୍ଦୋଳନ କରିଥିଲେ। ସେମାନଙ୍କ କହିବା କଥା ପ୍ରଶାସନ ଗତକାଲି କହି ଆଜି ଉଚ୍ଛେଦ କରିବା ଠିକ ନୁହେଁ। ସେଭଳି ସେମାନଙ୍କୁ ପୂର୍ବ ନିଷ୍ପତି ଅନୁସାରେ ସଠିକ ରୂପେ ଥଇଥାନ କରୁ। କାରଣ ଖୋର୍ଦ୍ଧାର ବିକାଶ ହେବାକୁ ବ୍ୟବସାୟୀ ମାନେ ଚାହୁଁଥିଲେ ମଧ୍ୟ ପ୍ରଶାସନ ଯେଉଁଭଳି ନିଜ ମନଇଚ୍ଛା ଟିଏଲସି ମଶାଣି ପାଖରେ ଲୁହା ଓ ଟିଣରେ ନିର୍ମିତ ଭେଣ୍ଡିଂ ଜୋନ କରି କ୍ୟାବିନ ଦେଉଛି ତାହା ବିପଦ ଜନକ। ସେଠାକୁ ସାଧାରଣ ଲୋକେ ତଥା-ମହିଳା,ବୟସ୍କ ଯିବାକୁ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସହରର ଗୋଟେ ୱାନ ସାଇଟିରେ ଭେଣ୍ଡିଂ ଜୋନ ହେଉଛି। ତେଣୁ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରି ସେମାନଙ୍କୁ ଘର ଦେବାକୁ ଦାବି କରିଛନ୍ତି। ବ୍ୟବସାୟୀଙ୍କ ଏହି ଆନ୍ଦୋଳନ ଫଳରେ ଖୋର୍ଦ୍ଧାରେ ଦୋକାନ ବଜାର ବନ୍ଦ ହୋଇଥିବା ବେଳେ ସାଧାରଣ ଲୋକମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଆଜିର ଉଚ୍ଛେଦ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ବ୍ୟବସାୟୀଙ୍କ ପକ୍ଷରୁ ଆନ୍ଦୋଳନ ସ୍ଥଳରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ଜଟଣୀର ପୂର୍ବତନ ବିଧାୟକ ସୁରେଶ ରାଉତରାୟ,ଖୋର୍ଦ୍ଧା କଂଗ୍ରେସ ବିଧାୟିକା ପାର୍ଥିନି ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ, ଖୋର୍ଦ୍ଧା ପୌର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ଆନ୍ଦୋଳନରେ ବ୍ୟବସାୟୀଙ୍କ ସାଙ୍ଗରେ ସାମିଲ ହୋଇ ବ୍ୟବସାୟୀଙ୍କ ପ୍ରଥମେ ଥଇଥାନ କର ପରେ ଉଚ୍ଛେଦ କର ବୋଲି ନାରା ଦେଇଥିଲେ।

ପରିସ୍ଥିତି ଅସମ୍ଭାଳ ହେବାରୁ ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠି,ତହସିଲଦାର ବିଭସ ରଞ୍ଜନ ପାଣିଗ୍ରାହୀ,ଖୋର୍ଦ୍ଧା ପୌର ପରିଷଦ ନିର୍ବାହୀ ଅଧିକାରୀ ରିଜୱାନ କଅକବ ଆନ୍ଦୋଳନ ସ୍ଥଳକୁ ଆସିବା ସହିତ ବ୍ୟବସାୟୀଙ୍କୁ ବୁଝା ସୁଝା କରି ଆନ୍ଦୋଳନରୁ ଓହରି ଖୋର୍ଦ୍ଧା ବିକାଶ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି କହିଥିଲେ। ଏମିତିକି ସରକାରୀ ନିୟମ ଅନୁସାରେ ବ୍ୟବସାୟୀ ମାନଙ୍କୁ ଦିଆଯାଇଥିବା ଦୋକାନରେ ନିଜର ବ୍ୟବସାୟ କରନ୍ତୁ ବୋଲି ଅନୁରୋଧ କରିଥିଲେ। ହେଲେ ବ୍ୟବସାୟୀମାନେ କୌଣସି ପରିସ୍ଥିତିରେ ଓହରି ନ ଥିଲେ। ଶେଷରେ ଉପଜିଲ୍ଲାପାଳ ଓ ଉପସ୍ଥିତ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ,ସୁରେଶ ରାଉତରାୟଙ୍କ ସହିତ ତାଙ୍କ କାର୍ଯ୍ୟାଳୟରେ ଦୀର୍ଘ ସମୟ ଧରି ବୈଠକରେ ଆଲୋଚନା କରିଥିଲେ। ବୈଠକ ପରେ ଦୋକାନ ଉଚ୍ଛେଦ ପକ୍ରିୟା ୫ ଦିନ ପାଇଁ ବନ୍ଦ କରାଯାଇଥିଲା। ଏହି ୫ ଦିନ ମଧ୍ୟରେ ବ୍ୟବସାୟୀ ମାନେ ନିଜ ନିଜ କ୍ୟାବିନ ଭାଙ୍ଗିବାକୁ ନିଷ୍ପତି ହୋଇଥିଲା। ତେବେ ଆଗକୁ ପ୍ରଶାସନ ନିଜ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରୁଛି କି ବ୍ୟବସାୟୀ ମାନେ ପୁନଃ ଆନ୍ଦୋଳନ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

# ଭୂୟାଁରୋଇଡ଼ା ପଞ୍ଚାୟତବାସୀ ବୁଲିବେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ

**ଯୋଡ଼ା, ୧୦।୧୨ (ସଂଚାର ବ୍ୟୁରୋ) :**ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନନ୍ଦିନ ଲକ୍ଷାଧିକ ଶ୍ରଦ୍ଧାଳୁ ପୁରୀ ଆସି ଜଗନ୍ନାଥଙ୍କୁ ଦର୍ଶନ କରି ଫେରିଯାଉଥିବା କାହାକୁ ଆଛପା ନାହିଁ । ସେହିପରି ଭାବେ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଭୂୟାଁରୋଇଡା



ଗ୍ରାମପଞ୍ଚାୟତର ମହିଳା ସରପଞ୍ଚ ତୁଳସୀ ବବଙ୍ଗାଙ୍କ ଏକ ମହତ କାର୍ଯ୍ୟ ପାଇଁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟୁଛି । ଜୀବନକାଳ ମଧ୍ୟରେ ପୁରୀ ଯାଇନଥିବା ଓ କିଛି ଶ୍ରଦ୍ଧାଳୁଙ୍କ ଇଚ୍ଛାକୁ ଗୁରୁତ୍ୱ ଦେବାକୁ ଯାଇ ସରପଞ୍ଚ ନିଜସ୍ୱ ଉଦ୍ୟମରେ ଓ ନିଜସ୍ୱ ଖର୍ଚ୍ଚରେ ଭୂୟାଁରୋଇଡା ପଞ୍ଚାୟତର ଭୂୟାଁରୋଇଡା, କୁନ୍ଦୁରୁପାଣି, ମୁଣ୍ଡା ବସ୍ତି,ଡି- ବ୍ଲକ, କ୍ୟାମ୍ପ ହାଟିଂ, ରୋଇଡା କ୍ୟାମ୍ପ, କ୍ୟାଥ ହାଟିଂ ଭଳି ଗ୍ରାମରୁ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଭକ୍ତଙ୍କୁ ଟ୍ରେନ ଯୋଗେ ପୁରୀ ନେବାର ସୁ ବନ୍ଦୋବସ୍ତ କରାଇବା ପରେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଖୁସି କହିଲେ ନସରେ ।

ଏହି ୪ ଦିନିଆ ଯାତ୍ରରେ ପୁରୀଧାମ ସହିତ କୋଣାର୍କ, ଚନ୍ଦ୍ରଭାଗା, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ନନ୍ଦନକାନନ, ଧଉଳି ଆଦି ବୁଲିବାର କାର୍ଯ୍ୟକ୍ରମ ରହିଛି । ଜୟଜଗନ୍ନାଥ ନାରା ଦେଇ ଜରୋଳି ରେଳ ଷ୍ଟେସନରୁ ବଡବିଲ-ପୁରୀ ଇଣ୍ଟପସିଟି ଏକ୍ସପ୍ରେସ ରେଳ ଯୋଗେ ମଙ୍ଗଳବାର ମଧ୍ୟାହ୍ନରେ ଯାତ୍ରା ଆରମ୍ଭ କରିଥିଲେ । ଏହି ଶ୍ରଦ୍ଧାଳୁମାନଙ୍କୁ ନିମନ୍ତେ ଯାତାୟତ, ରହଣି ଏବଂ ଖାଇବାର ସମସ୍ତ ଖର୍ଚ୍ଚ ସରପଞ୍ଚ ବହନ କରିବେ । ତେବେ ଶୁକ୍ରବାର ଦିନ ଏହି ଯାତ୍ରୀ ପୁନଃର୍ବାର ଇଣ୍ଟରସିଟି ରେଳ ଯୋଗେ ଜରୋଳି ରେଳ ଷ୍ଟେସନରେ ପହଞ୍ଚିବେ ବୋଲି ଜଣାପଡିଛି ।

# ନୟାଗଡ଼ର ୭ ଗାଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ

**ନୟାଗଡ଼, ୧୦।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ ଗୃହରେ ପ୍ରଧାନମନ୍ତ୍ରୀ ଅନୁସୂଚୀତ ଜାତି ଅଭ୍ୟୁଦୟ ଯୋଜନାରେ ନୟାଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ ଅନ୍ତର୍ଗତ କୋରଡ଼ା ପଞ୍ଚାୟତର ମହିତମା ଗ୍ରାମ ଏବଂ ସିଙ୍ଗାରପଲ୍ଲୀ ପଞ୍ଚାୟତର ସିଙ୍ଗାରପଲ୍ଲୀ ଗ୍ରାମ, ନୟାଗଡ଼ ବ୍ଲକର ଲକ୍ଷ୍ମିପ୍ରସାଦ ପଞ୍ଚାୟତର ଯଦୁପୁର ଗ୍ରାମ ଏବଂ ମୁଥାଗାଡ଼ିଆ ପଞ୍ଚାୟତର ମୁଥାଗାଡ଼ିଆ ଗ୍ରାମ, ଭାପୁର ବ୍ଲକର ଫତେଗଡ଼ ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମ ଏବଂ ପଦ୍ମାବତୀ ପଞ୍ଚାୟତର ହାତୁଆରି ଗ୍ରାମ, ଖଣ୍ଡପଡ଼ା ବ୍ଲକର ବନମାଳିପୁର ପଞ୍ଚାୟତର ବାହାଡ଼ା ଗ୍ରାମ ଇତ୍ୟାଦି ୭ ଗୋଟି ଗ୍ରାମର ଅନୁସୂଚିତ




ଜାତିର ଲୋକମାନଙ୍କ ସଂଖ୍ୟା ୫୦%ରୁ ଅଧିକ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରିକୃତ ୩୬ ଗୋଟି ମାନଦଣ୍ଡରେ ଯୋଗ୍ୟ ବିବେଚିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସେହି ଗ୍ରାମଗୁଡ଼ିକର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆସିଥିବା ଯୋଜନା ଗୁଡ଼ିକ ଜିଲ୍ଲାସ୍ତରୀୟ ପ୍ରକଳ୍ପ ଅନୁମୋଦନ କମିଟି ଦ୍ୱାରା ଅନୁମୋଦନ କରାଯାଇଥିଲା। ଏତଦ୍ ବ୍ୟତୀତ ନୟାଗଡ଼ ଜିଲ୍ଲାରେ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକର ବିନିଯୋଗ ପ୍ରମାଣ ପତ୍ର ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅନୁରୋଧ କରିଥିଲେ । ସମସ୍ତ କାର୍ଯ୍ୟର ଷ୍ଟାଟସ୍ ରିପୋଟ୍ର ସହ ନୂତନ କାର୍ଯ୍ୟ ପାଇଁ ଯୋଜନା ଓ ଅଟକଳ ଦେବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ସଂପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସଂପୃକ୍ତ ପଞ୍ଚାୟତ ଗୁଡ଼ିକର ସରପଞ୍ଚମାନେ ଉପସ୍ଥିତ ଥିଲେ । ଏହାପରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଚୋରି

**ବୈଶିଙ୍ଗା, ୧୦।୧୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମର ରବୀନ୍ଦ୍ର ସେଠୀ ନିଜ ପରିବାରବର୍ଗଙ୍କ ସହ ସୋମବାର ରାତିରେ ଯାତ୍ରା ଦେଖିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ଚୋର ମାନେ ମାତ୍ର ଦୁଇ ଘଣ୍ଟା ମଧ୍ୟରେ ଘରେ ପଶି ନଗଦ ଲକ୍ଷାଧିକ ଟଙ୍କା ସହ ସୁନାଗହଣା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି । ସୂଚନାଯୋଗ୍ୟ ରବୀନ୍ଦ୍ର ସେଠୀଙ୍କ ପରିବାର (ସ୍ତ୍ରୀ, ବଡପୁଅ, ବଡ଼ବୋହୂ, ଝିଅ ଓ ଜ୍ୱାଇଁ) ସୋମବାର ରାତି ପ୍ରାୟ ୧୧ଟା ସମୟରେ ଘରେ ଓ ଘରର ମୁଖ୍ୟ ଫାଟକରେ ତାଲା ଝୁଲାଇ ଗାଁ ମୁଣ୍ଡ ପଡ଼ିଆରେ ଆୟୋଜିତ ଅପେରା ଦେଖିବାକୁ ବାହାରି ଯାଇଥିଲେ । ରାତି ପ୍ରାୟ ୧ଟା ୩୦ରେ ବଡପୁଅ ଘରକୁ ଫେରି ଆସି ସେ ଦେଖିବାକୁ ପାଇଥିଲେ କି ଘରର ମୁଖ୍ୟ ଫାଟକର ତାଲା ଭଙ୍ଗା ଯାଇଛି। ଏହା ପରେ ଭିତରକୁ ପଶି ପୁଣି ଦେଖିଲେ



ଯେ, ଘରର ମୁଖ୍ୟ କବାଟର ତାଲା ମଧ୍ୟ ଭଙ୍ଗା ଯାଇଛି ଏବଂ ଘର ର ଜିନିଷ ପତ୍ର ସମ୍ପୂର୍ଣ୍ଣ ମୁକୁଳା ହୋଇ ପଡିଛି।

ଏନେଇ ସେ ଘଟଣା ସଂପର୍କରେ ସେ ରବୀନ୍ଦ୍ରଙ୍କୁ ଖବର ଦେଇଥିଲେ। ରବୀନ୍ଦ୍ର ସାହି ପଡିଶାଙ୍କ ସହିତ ଆସି ଘଟଣାସ୍ଥଳରେ ପହଞ୍ଚି ଦେଖିବାକୁ ପାଇଥିଲେ ଯେ ଶୋଇବା କୋଠାରୀଗୁଡିକର ତାଲା ଭଙ୍ଗାଯିବା ସହିତ ୨ଟି ଲୁହା ଆଲମିରା, ଗୋଟେ କାଛ ଆଲମିରା ଓ ଏକାଧିକ ବାକ୍ସର ତାଲା ଭଙ୍ଗା ଯାଇଛି ଏବଂ ଭିତରେ ଥିବା ଆସବାପତ୍ର ସବୁ ଛିନ୍‌ଭିନ୍ ହୋଇ ପଡ଼ି ରହିଛି। ଏହା ସହ ତାଙ୍କ ଦୁଇ ପୁଅଙ୍କ ତାଲା ଭଙ୍ଗା ଯାଇ ୨ଟି ଲୁହା ଆଲମିରା ଭିତରେ ଥିବା ଏକାଧିକ ସୁନା ହାର, ମଙ୍ଗଳସୂତ୍ର, କାନଫୁଲ, ମୁଦି, ପଦକ ସହିତ ଅନେକ ରୁପା ତିଆରି ଗହଣା ଲୁଟ୍ ହୋଇଯାଇଛି। ଏ ନେଇ ରବୀନ୍ଦ୍ର ଥାନାକୁ ଜଣାଇବା ପରେ ପୁଲିସ ତତକ୍ଷଣାତ ରାତିରେ ହିଁ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ଏନେଇ ରବୀନ୍ଦ୍ରଙ୍କ ଲିଖିତ ଅଭିଯୋଗ ପାଇବା ପରେ ୪୬୩/୨୪ନଂରେ ଏକ ମାମଲା ରୁଜୁ କରି ଖୋଦ ଥାନା ଅଧିକାରୀ ତପନ କୁମାର ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହା ସହିତ ମଙ୍ଗଳବାର ଅପରାହ୍ନରେ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି।

# ହୋଟେଲରେ ଯୋଗାଣ ବିଭାଗର ଚଢ଼ାଉ, ଗ୍ୟାସ ଟାଙ୍କି ଜବତ

ସଂଚାର ମହାପ୍ରଭାବ

**କାକଟପୁର/ଅସ୍ତରଙ୍ଗ, ୧୦।୧୨ (ସଂଚାର ବ୍ୟୁରୋ):** ଗତ ଅକ୍ଟୋବର ମାସ ୨୮ତାରିଖରେ ଦୈନିକ ଖବର କାଗଜ ସଂଚାରରେ ପ୍ରକାଶିତ ହୋଇଥିଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ବେଆଇନି ଗ୍ୟାସ ଫିଲିଂ। ଯାହାକୁ ନେଇ ତତ୍ପର ଯୋଗାଣ ବିଭାଗ।ମଙ୍ଗଳବାର ଦିନ ପୁରୀ ଜିଲ୍ଲା ଯୋଗାଣ ବିଭାଗ ତରଫରୁ କାକଟପୁର ଓ ଅସ୍ତରଙ୍ଗ ବଜାର ର ବିଭିନ୍ନ ଖାଦ୍ୟ ଦୋକାନ ଓ ହୋଟେଲରେ ୫ଜଣିଆ ଟିମ୍‌ର ଅଚାନକ ଚଢ଼ାଉ। ଅନ୍ୟପଟେ ଲୋକଦେଖାଣିଆ ଚଢ଼ାଉରେ ବର୍ତ୍ତିଗଲେ ବେଆଇନି ଗ୍ୟାସ ଫିଲିଂ ଦୋକାନ।



ଲୋକଦେଖାଣିଆ ଚଢ଼ାଉ, ବର୍ତ୍ତିଗଲେ ବେଆଇନ ଗ୍ୟାସ ଫିଲିଂ ଦୋକାନ ହୋଟେଲ, ଫାଷ୍ଟଫୁଡ ଦୋକାନରେ ତାଲା

ସୂଚନା ମୁତାବକ ମଙ୍ଗଳବାର ମଧ୍ୟାହ୍ନ ସମୟରେ ପୁରୀ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ୫ଜଣିଆ ଟିମ୍ ମଧ୍ୟରେ ପୁରୀ ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ, ସହକାରୀ ଯୋଗାଣ ଅଧିକାରୀ ଜି. ପ୍ରଶାନ୍ତ ରାଓ, ପୁରୀ ସଦର ଯୋଗାଣ ନିରୀକ୍ଷକ ପ୍ରଦୀପ୍ତ ସେଠି, କାକଟପୁର ଯୋଗାଣ ନିରୀକ୍ଷକ ଦେବଜ୍ୟୋତି ଦାଶ ଓ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ଅସ୍ତରଙ୍ଗ ବଜାରରେ ଥିବା ଖାଦ୍ୟ ଦୋକାନ ସହ ବିଭିନ୍ନ ହୋଟେଲରେ ଅଚାନକ ଚଢ଼ାଉ କରି ଖାଦ୍ୟ ପ୍ରସ୍ତୁତ ହେଉଥିବା ସ୍ଥାନ ବୁଲିବା ସହ କେଉଁ ଗ୍ୟାସ ହୋଟେଲରେ ବ୍ୟବହାର ହେଉଛି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କିଛି ହୋଟେଲରୁ ଗ୍ୟାସ ଟାଙ୍କି ଜବତ କରିଥିଲେ। ଚଢ଼ାଉ ହେବା ଜାଣି ଅସ୍ତରଙ୍ଗ ବଜାରରେ ଥିବା ଅନେକ ଖାଦ୍ୟ ଦୋକାନ, ଫାଷ୍ଟଫୁଡ ଓ ହୋଟେଲରେ କିଛି ସମୟ ଚଢ଼ାଉ ଭୟରେ ତାଲା ଝୁଲିଥିଲା। ଅନେକ ବ୍ୟବସାୟୀଙ୍କୁ ବିଭାଗୀୟ ଅଧିକାରୀ ମାନେ ଗ୍ୟାସ ସମ୍ପର୍କ ରେ ସଚେତନ କରିବା ସହ ନିୟମ ଉଲ୍ଲଘନ କଲେ ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଥିଲେ।

ଜନଗହଳି ପୂର୍ଣ୍ଣ ମାର୍କେଟ ଉପରେ ଚାଲିଛି ନିଆଁ ସହ ଖେଳ। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଖୋଲିଛି ଗ୍ୟାସ ଫିଲିଂ ଦୋକାନ। ଏଭଳି ଗ୍ୟାସ ଫିଲିଂ ଦୋକାନ ଗୁଡିକ ସରକାରୀ ନିୟମ ଅନୁଯାୟୀ ଖୋଲିଛି ନା ବେଆଇନ ଭାବେ ଚାଲିଛି ଏହାର ଉତ୍ତର କାହା ନିକଟରେ ନାହିଁ। କୌଣସି କାରଣ ବଶତଃ ଯଦି କିଛି ଅଘଟଣ ଘଟେ ତେବେ ସେଥିପାଇଁ ଦାୟି କିଏ ବୋଲି ପ୍ରଶ୍ନ ଉଠିଛି। କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଦୋକାନ ବଜାର ଗୁଡିକର ଅବସ୍ଥା ଯାହା ସେଥିରେ ଯଦି କୌଣସି ଗୋଟିଏ ଦୋକାନରେ କିଛି ଅଘଟଣ ଘଟିଲେ ତାହା ଚାରିଆଡ଼େ ବ୍ୟାପି ପୂରା ବଜାର ଜଳି ପୋଡି ପାଉଁଶ ହୋଇଯିବାର ଆଶଙ୍କା ରହୁଛି। ଏଭଳି କ୍ଷେତ୍ରରେ ଯୋଗାଣ ବିଭାଗ ଠାରୁ ଆରମ୍ଭ କରି ଗ୍ୟାସ ବିତରକ କମ୍ପାନୀ, ପୁଲିସ ଓ ଅଗ୍ନିଶମ ବିଭାଗ କାହାର ଏଥି ପ୍ରତି ନିଘା ନଥିବା ପରି ମନେ ହେଉଛି। ପ୍ରଶାସନିକ କଟକଣା ଅଭାବରୁ ଏବେ କାକଟପୁର ଓ ଅସ୍ତରଙ୍ଗ ଅଂଚଳ ବିଭିନ୍ନ ପଂଚାୟତରେ ଲଗାମ୍ ଛଡା ବେଆଇନ ଗ୍ୟାସ କାରବାର ଦିନକୁ ଦିନ ବଢ଼ିଚାଲିଛି।

ସରକାର ଲୋକଙ୍କ ପାଇଁ୧୬କେଜି ସିଲିଣ୍ଡର ଠାରୁ ଆରମ୍ଭ କରି ଅନ୍ୟ ଛୋଟ ବଡ଼ ଗ୍ୟାସ ଟାଙ୍କି ଯୋଗାଇ ଦେଉଛନ୍ତି। ଏପରିକି ୩କେଜି ସିଲିଣ୍ଡର ମଧ୍ୟ ବଜାରରେ ମିଳୁଛି। ଏହି ସବୁ ଲାଇସେନ୍ସଧାରୀ ଦୋକାନୀ ଓ ଡିଲର ମାନେ ବିକ୍ରି କରିବାର ନିୟମ ରହିଛି। ହେଲେ ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ଶତାଧିକ ଲୋକଙ୍କ ଗ୍ୟାସ କାର୍ଡ ନ ଥିବା ବେଳେ ବିଭିନ୍ନ ହୋଟେଲ, ହଷ୍ଟେଲ ଠାରୁ ଆରମ୍ଭ କରି ଭଡାରେ ରହୁଥିବା ଛାତ୍ର ଛାତ୍ରୀଙ୍କ ସମେତ କର୍ମଜୀବିଙ୍କ କୌଣସି ସ୍ୱତନ୍ତ୍ର ସୁବିଧା ନାହିଁ। ଖୁଚୁରା ଗ୍ୟାସ ପାଇଁ ସରକାରୀ ସ୍ତରରେ ବିଶେଷ ସୁବିଧା ନାହିଁ। ଫଳରେ ଗ୍ୟାସ ଫିଲିଂ ପାଇଁ ଏମାନେ ଛୋଟ ମୋଟ ଦୋକାନୀଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ବଡ଼ ଟାଙ୍କିରୁ ଗ୍ୟାସ ବିପଦପୂର୍ଣ୍ଣ ଭାବେ ଛୋଟ ଟାଙ୍କି ଗୁଡ଼ିକୁ ବେଫିକର ଭାବେ ଫିଲିଂ ହେଉଛି। ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ଗୋଟିଏ କିମ୍ବା ୨ଟି ନୁହେଁ ଅନେକ ଦୋକାନ ଚୋରାରେ ଗ୍ୟାସ ଫିଲିଂ କରୁଥିବା ଅଭିଯୋଗ ହେଉଛି। ଏହି ସବୁ ଛୋଟ ଦୋକାନ ଗୁଡିକରେ ସରକାରୀ ଦର ଠାରୁ ଅଧିକ ଦରରେ ଗ୍ୟାସ ବିକ୍ରି କରାଯାଉଥିବା ବେଳେ ଗ୍ୟାସର ମାପକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ହଠାତ କିଛି ଅଘଟଣ ଘଟିଲେ ତା'ର ମୁକାବିଲା କରିବା ପାଇଁ ଏହି ଦୋକାନ ଗୁଡିକରେ ଆନୁସଙ୍ଗିକ ସୁବିଧା ମଧ୍ୟ ନାହିଁ। ଅନ୍ୟ ପଟେ ମଙ୍ଗଳବାର ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ ହୋଇଥିଲେ ମଧ୍ୟ ଆଖି ଦୃଶିଆ ସେମିତି ଚଢ଼ାଉରୁ ଅନେକ ବର୍ତ୍ତୀଯାଇଥିଲେ।

## ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ଉଦ୍ୟମ

# ଟାସ୍କ ଫୋର୍ସ ରିପୋର୍ଟ ଆଧାରରେ ପଦକ୍ଷେପ



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଆସିକା ଚିନି କଳର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯିବ। ଏହି ଟାସ୍କ ଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ସଦସ୍ୟ ଭାବେ ରହିବେ। ମଙ୍ଗଳବାର ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ନିମନ୍ତେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଚିନି କଳ ଏକ ପୁରାତନ ଚିନି କଳ। ଏହା ଉପରେ ଅନେକ ଚାଷୀ ନିର୍ଭର କରନ୍ତି। ତେଣୁ, ଏହାର ଉନ୍ନତୀକରଣ ଓ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଏହି ଟାସ୍କ ଫୋର୍ସ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟଗୁଡ଼ିକୁ ପରିଦର୍ଶନରେ ଯାଇ ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବା ପରେ ଏହାର ରିପୋର୍ଟ ଆଧାରରେ ଚିନି କଳର ପୁନରୁଦ୍ଧାର କରାଯିବ। ସୂଚନାଯୋଗ୍ୟ, ଆସିକା ସମବାୟ ଚିନି କଳ ୧୯୫୬ ମସିହାରେ ସ୍ଥାପିତ ହୋଇଥିଲା। ୧୯୬୩ରେ ଏଠାରେ ଚିନି ଉତ୍ପାଦନ ଆରମ୍ଭ ହୋଇଥିଲା। ପରେ ଏହାର କ୍ଷମତା ବୃଦ୍ଧି ହୋଇ ଚିନି ସହ ଅନ୍ୟାନ୍ୟ ପଦାର୍ଥ ମଧ୍ୟ ଉତ୍ପାଦନ କରାଯାଉଛି। ତେବେ ବର୍ତ୍ତମାନ ଏହା ଲାଭଜନକ ସ୍ଥିତିରେ ନାହିଁ। ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଅବକାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ହସ୍ତ ତନ୍ତ, ବୟନ, ହସ୍ତ ଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।



ବାଚସ୍ପତି ସୁରମା ପାଢ଼ୀଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଗୋଆ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ।

## ୭୮ ବାଂଲାଦେଶୀ ମତ୍ସ୍ୟଜୀବୀ ଅଟକ





**ପାରାଦ୍ୱୀପ,୧୦।୧୨ (ସଂଚାର ବ୍ୟୁରୋ):** ବିଗତ କିଛି ମାସ ହେଲା ଭାରତ-ବାଂଲାଦେଶର ସଂପର୍କରେ ମଧୁରତା ନାହିଁ। ହିନ୍ଦୁଙ୍କ ଉପରେ ଆକ୍ରମଣ ନେଇ ନେଇ ଉଭୟ ଦେଶ ମଧ୍ୟରେ ସଂପର୍କ ଭଲ ନଥିବା ବେଳେ ଏଥିରେ ସୁଧାର ଆଣିବା ପାଇଁ ଉଦ୍ୟମ କରାଯାଉଛି। ଏହାରି ମଧ୍ୟରେ ଭାରତୀୟ ସାମୁଦ୍ରିକ ସୀମାରୁ ୨ଟି ବାଂଲାଦେଶୀ ମାଛଧରା ଟ୍ରଲର ଜବତ ହୋଇଛି। ଏହି ଟ୍ରଲରେ ୭୮ ଜଣ ମତ୍ସ୍ୟଜୀବୀ ଥିଲେ। ମତ୍ସ୍ୟଜୀବୀମାନଙ୍କୁ ଅଟକ ରଖି ତଟରକ୍ଷୀ ବାହିନୀ ଖୋଳତାଡ଼ କରିବା ପରେ ସାମୁଦ୍ରିକ ଥାନାକୁ ହସ୍ତାନ୍ତର କରିଛି। ଅଟକ ମତ୍ସ୍ୟଜୀବୀମାନେ ସୁସ୍ଥ ଅଛନ୍ତି। ଏଫ୍‌ବି ଲୈଲା-୨ ଓ ମେଘନା-୫ ଟ୍ରଲରରେ ସେମାନେ ମାଛ ଧରିବାକୁ ଆସିଥିବା ବେଳେ ଭାରତୀୟ ସୀମାକୁ ଚାଲିଆସିଥିବା ସନ୍ଦେହ କରାଯାଉଛି। ମତ୍ସ୍ୟଜୀବୀମାନେ ସାମୁଦ୍ରିକ ସୀମା ଅତିକ୍ରମ କରିବା ନୂଆ କଥା ନୁହେଁ। ବାଂଲାଦେଶୀ ମତ୍ସ୍ୟଜୀବୀମାନେ ଜାଣିଶୁଣି ଭାରତୀୟ ସମୁଦ୍ର ସୀମାରେ ମାଛ ଧରୁଥିଲେ କି ଅଜାଣତରେ ପ୍ରବେଶ କରିଥିଲେ, ତଦନ୍ତ ପରେ ଜଣାପଡ଼ିବ। ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା

## ୨୬ରେ 'ଚଇତି' ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୧୦।୧୨(ସଂଚାର ବ୍ୟୁରୋ): ଆସନ୍ତା ୨୬ରେ ରାୟଗଡ଼ା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭାଜପା ଜିଲ୍ଲା ସଭାପତି ଶିବ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ଚଇତିରେ ଯୋଗଦେବା ପାଇଁ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରି, ବିଜେପି ଜିଲ୍ଲା ସଭାପତି ପଟ୍ଟନାୟକ, କାଳିରାମ ମାଝି ଏବଂ କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରମୁଖ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ସୂର୍ଯ୍ୟବଂଶୀ ସୁରଜ, ବିଭୂତି ଜେନା, ରବି ନାୟକ ପ୍ରମୁଖ ଉପସ୍ଥିତ ରହିବେ। ମୁଖ୍ୟମନ୍ତ୍ରୀ ୨୬ରେ ଚଇତିକୁ ଉଦ୍‌ଘାଟନ କରିବା ସହ ରାୟଗଡ଼ା ଜିଲାବାସୀଙ୍କୁ ସମ୍ବୋଧନ କରିବେ ଏବଂ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିବେ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସରକାର ଗଠନ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କର ଏହା ପ୍ରଥମ ଜିଲ୍ଲା ଗସ୍ତ ହୋଇଥିବାରୁ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

## କଟକଣା ମାନୁନି କଟକ

**ଭୁବନେଶ୍ୱର,୧୦।୧୨ (ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷରେ ନଭେମ୍ବର ୪ତାରିଖ ସୁଦ୍ଧା କେବଳ କଟକ ଜିଲ୍ଲାରୁ ୧୮୦୦ କେଜି ଏକକ ବ୍ୟବହୃତ ପ୍ଲାଷ୍ଟିକ ଜବତ ହୋଇଛି। ଝାରସୁଗୁଡା ଜିଲ୍ଲାରେ ଏହି ପରିମାଣ ୧୫୦ କେଜି ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଥମେ ୨୦୧୮ ସେପ୍ଟେମ୍ବର ୨୯ ତାରିଖ ଠାରୁ ଓ ପରବର୍ତ୍ତୀ ସମୟରେ ୨୦୧୯ ସେପ୍ଟେମ୍ବର ଓ ୨୦୨୨ ଫେବୃୟାରୀରେ ରାଜ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ସମେତ ଅନ୍ୟାନ୍ୟ ନିମ୍ନମାନର ପ୍ଲାଷ୍ଟିକ ଉତ୍ପାଦନ ଓ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। କଟକଣା ଲାଗିବାପରେ ମଧ୍ୟ ନିଷିଦ୍ଧ ଏକକ ବ୍ୟବହୃତ ପ୍ଲାଷ୍ଟି



ରାଜ୍ୟରେ ବ୍ୟବହାର ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଏଭଳି ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୩-୨୪ ରେ ଖୋର୍ଦ୍ଧା ଜିଲ୍ଲାରେ ୪୦୧୯ କିଲୋ ଏକକ ବ୍ୟହହୃତ ପ୍ଲାଷ୍ଟିକ ଜବତ ହୋଇଥିବା ବେଳେ ସମ୍ବଲପୁରରୁ ୧୭୭ କେଜି, କୋରାପୁଟରୁ ୨୫୧ କେଜି, ଗଜପତିରୁ ୨୨୮ କେଜି ଜବତ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ତରଫରୁ ୨୦୨୩-୨୪ରେ ୧୭୬ ପ୍ରମୁଖ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ପଦକ୍ଷେପ ନିଆଯାଇଛି। ଦୁଇଟି ଦର୍ଶନୀୟ ସ୍ଥଳୀ ଯଥା ଦାରିଂବାଡ଼ି ଓ ଚନ୍ଦ୍ରଭାଗାକୁ ପାଇଲଟ ପ୍ରୋଜେକ୍ଟ ରୂପେ ନିଆଯାଇଛି ଓ ପଲିଥିନମୁକ୍ତ ପାଇଁ ସଚେତନତା ସହିତ ସ୍ଥାନୀୟ ଜନସାଧାରଣ, ସ୍କୁଲ, କଲେଜ ଛାତ୍ର ଛାତ୍ରୀ ଏବଂ ବନ ବିଭାଗ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ତରଫରୁ ୧୬୨ ଗୋଟି ବୃହତ ଶିଳ୍ପ କାରଖାନାମାନଙ୍କୁ ସେମାନଙ୍କ ଆବାସିକ ତଥା ଶିଳ୍ପାଞ୍ଚଳଙ୍କୁ ପଲିଥିନ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଜାମସେଦପୁର ରେଞ୍ଜରେ ଜିନ୍ନତ

# ଲୋକଙ୍କୁ ସଚେତନ କଲା ବନବିଭାଗ

**ବାରିପଦା,୧୦।୧୨(ସଂଚାର ବ୍ୟୁରୋ):** ମିଶିପାଳ ଅଭୟାରଣ୍ୟରେ କିଛି ଦିନ ରହିବା ପରେ ବାଘୁଣୀ 'ଜିନ୍ନତ' ଏବେ ଜାମସେଦପୁର ରେଞ୍ଜରେ ଘୁରି ବୁଲୁଛି। ସେଠାରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଉଛି। ସତର୍କ ରହିବାକୁ ସଚେତନ କରାଯାଉଛି। ଶିମିଳିପାଳ ଅଭୟାରଣ୍ୟରେ ବାଘ ବଂଶ



ବୃଦ୍ଧି ପାଇଁ ମହାରାଷ୍ଟ୍ରରୁ ଆସିଥିଲା ବାଘୁଣୀ 'ଜିନ୍ନତ'। କିଛି ଦିନ କ୍ୱାରେଣ୍ଟିନ୍‌ରେ ରହିବା ପରେ ଶିମିଳିପାଳ କୋର ଏରିଆ ଭିତରକୁ ଯାଇଥିଲା। ତା'ର ଗତିବିଧି ଉପରେ କଡ଼ା ନଜର ରଖିଥିଲେ ଶିମିଳିପାଳ ଅଭୟାରଣ୍ୟ କର୍ତ୍ତୃପକ୍ଷ। କୋର ଏରିଆକୁ ଗଲା ପରେ 'ଜିନ୍ନତ' ମନଇଚ୍ଛା ଶିକାର କରିଥିଲା। ପରବର୍ତ୍ତୀ ସମୟରେ ବାହାରକୁ ଆସିଥିଲା 'ଜିନ୍ନତ'। ରବିବାର ସେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ଓ ରାଇରଙ୍ଗପୁର ରେଞ୍ଜ ଦେଇ ଝାରଖଣ୍ଡର ଜାମ୍‌ସେଦପୁର ଜଙ୍ଗଲକୁ ପଳାଇଛି। ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ଆର୍‌ସିସିଏଫ୍ ପ୍ରକାଶ ଚାନ୍ଦ ଗୋଗିନେନି ଏନେଇ ଝାରଖଣ୍ଡ ବନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିନ୍ନତ ଗଳାରେ କଲର ଆଡି ଲଗାଯାଇଛି। ତେଣୁ ତା'ର ଗତିବିଧି ଉପରେ ବନ ବିଭାଗର ୩ ଟିମ୍ ନଜର ରଖିଛି। ତାକୁ ଫେରାଇ ଆଣିବାକୁ କୌଣସି ଯୋଜନା ନ ଥିବା କହିଛନ୍ତି ପ୍ରକାଶ ଚାନ୍ଦ ଗୋଗିନେନି।

## ଗଡ଼ିବ ଡବଲ ଡେକର ବସ

**ଭୁବନେଶ୍ୱର,୧୦।୧୨ (ସଂଚାର ବ୍ୟୁରୋ):** ଏଣିକି ଯାତାୟାତ ହେବ ଆହୁରି ସରଳ । ବସ ଭିଡ ପାଇଁ ହନ୍ତସନ୍ତ ହେବେନି ଯାତ୍ରୀ । ଖୁବଶୀଘ୍ର ଭୁବନେଶ୍ୱରରେ ଚାଲିବାକୁ ଯାଉଛି ଡବଲ୍ ଡେକର୍ ଇ-ବସ୍। ଡବଲ୍ ଡେକର୍ ଇ-ବସ୍ ପାଇଁ ଟେଣ୍ଡର ଆହ୍ୱାନ କରିଛି କ୍ରୁଟ । ପ୍ରାରମ୍ଭିକ ପର୍ଯ୍ୟାୟରେ ଖୋର୍ଦ୍ଧା, ପୁରୀ, କଟକ ଜିଲ୍ଲାରେ ଏହି ବସ ଚାଲିବ ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ଆସିବ ୫ଟି ଡବଲ୍ ଡେକର୍ । ଡବଲ୍ ଡେକର୍ ଇ-ବସ୍ ପାଇଁ ୧୦ ବର୍ଷିଆ ଚୁକ୍ତି ହେବ। ସପ୍ଲାଏ, ଅପରେସନ୍, ମେଣ୍ଟେନାନ୍ସ ଓ କର୍ମଚାରୀ ସଂପୃକ୍ତ ସଂସ୍ଥା ଯୋଗାଇବ। ଆବଶ୍ୟକ ପଡ଼ିଲେ ଆହୁରି ୨ ବର୍ଷ ଚୁକ୍ତି ବଢ଼ା ଯାଇପାରେ ବୋଲି ସୂଚନା ମିଳିଛି। ବେଷ୍ଟ ଦ୍ୱାରା ପରିଚାଳିତ ଲାଲ ରଙ୍ଗର ଡବଲ୍ ଡେକର୍ ବସ୍ ୧୯୩୭ ମସିହାରୁ ଅର୍ଥାତ ବ୍ରିଟିଶ ସରକାରଙ୍କ ଶାସନ କାଳରୁ ପ୍ରଥମେ ମୁମ୍ବାଇ ସହରର ରାଜରାସ୍ତାରେ ଗଡୁଥିଲା। ବେଷ୍ଟ ଦ୍ୱାର ପରିଚାଳିତ ଏହି ଡିଜେଲ ଚାଳିତ ଡବଲ୍-ଡେକର୍ ବସକୁ ମୁମ୍ବାଇ ସହରର ପରିଚୟ ଭାବରେ ବିବେଚନା କରାଯାଉଥିଲା। କିନ୍ତୁ ଗତବର୍ଷ ମୁମ୍ବାଇରେ ଏହି ବସ ସେବାକୁ ବନ୍ଦ କରିଥିଲେ ସରକାର।



## ଜେଲ ଗଲେ ମହିଳା କିରାଣି



**ଭୁବନେଶ୍ୱର,୧୦।୧୨ (ସଂଚାର ବ୍ୟୁରୋ):** ୨୦ ହଜାର ଟଙ୍କା ଲାଞ୍ଚନେଇ ଧରାପଡ଼ିଥିବା ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସ କନିଷ୍ଠ କିରାଣି ଦେବଜାନି କରଙ୍କୁ ଗିରଫ କରିଛି ଭିଜିଲାନ୍ସ। ସୋମବାର ସେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ଅଫିସରେ ଯାଞ୍ଚ କରି୧୫ ଲକ୍ଷରୁ ଅଧିକ ଟଙ୍କା ପାଇଥିଲା। ଏତେ ଟଙ୍କା ଦେବଜାନି କେଉଁଠୁ ଆଣିଲେ ଭିଜିଲାନ୍ସ ପ୍ରଶ୍ନରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ରୁପା ଛାଉଣୀ ହେବ ଶ୍ରୀଲୋକନାଥ ମନ୍ଦିର ଦ୍ୱାର

ପୁରୀ, ୧୦।୧୨ (ସଂଚାର ବ୍ୟୁରୋ): ରତ୍ନଭଣ୍ଡାର ରକ୍ଷକ ଭଣ୍ଡାର ଲୋକନାଥଙ୍କ ମନ୍ଦିର ଦ୍ୱାରରେ ହେବ ରୂପା ଛାଉଣୀ। ଖିଲଣ ଓ ପ୍ରଭାରେ ମଧ୍ୟ ରୂପା ଆଚ୍ଛାଦିତ ହେବ। ଅନ୍ୟପଟରେ ୬୨ ଲକ୍ଷ୍ୟରେ ଖର୍ଚ୍ଚରେ ନବକଳେବର ପାଇବ ଶ୍ରୀମନ୍ଦିର ଉପବନ ଫୁଲ ଗୁଛାଘର। ଅର୍ପଣ ଚାଉଳ ଖାଲି ହେବା ପରେ ବେହାଲ ହୋଇଥିବା ଉପବନକୁ ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ସେହିପରି ମଦନ ମୋହନ, ଶ୍ରୀଦେବୀ ଭୂଦେବୀଙ୍କ ସମେତ ଦୋଳଗୋବିନ୍ଦ ପ୍ରଭୃତି ଠାକୁର ମାନଙ୍କ ୭ଟି ପ୍ରଭାକୁ ରୂପା ଛାଉଣୀ କରାଯିବ। ପତିତପାବନ



ମନ୍ଦିର, ଖିଲଣ, ମହାପ୍ରଭୁଙ୍କ ଅଣସର ଖଟ ଆଦି କୁ ମଧ୍ୟ ରୂପା ଛାଉଣୀ କରାଯିବ। ଭଣ୍ଡାର ଘର ଦ୍ୱାର ପ୍ରାୟ ୬ ଫୁଟ୍ ଉଚ୍ଚ ଓ ସାଢ଼େ ତିନି ଫୁଟ ପ୍ରସ୍ଥ ହେବ। ଶ୍ରୀମନ୍ଦିର ପ୍ରଶାସନର ଏହି ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଉଛି। ତେବେ ସିଂହଦ୍ୱାର ଭଳି ଅନ୍ୟ ତିନି ଦ୍ୱାର ମଧ୍ୟ ରୂପା ଛାଉଣୀ କରିବାକୁ ଦାବି କରିଛନ୍ତି ସେବାୟତ। ଅନ୍ୟପଟରେ ୬୨ ଲକ୍ଷ ଟଙ୍କା ଖର୍ଚ୍ଚରେ ନୂଆ ରୂପ ପାଇବ ଶ୍ରୀମନ୍ଦିର ଉପବନ ଫୁଲ ଗୁଛା ଘର। ଅର୍ପଣ ଚାଉଳ ରଖାଯିବା ଯୋଗୁଁ ଉପବନ ତାର ସୌନ୍ଦର୍ଯ୍ୟ ହରାଇଥିଲା। ହେଲେ, ଏବେ ଅର୍ପଣ ଚାଉଳ କଢ଼ାଯିବା ପରେ ଉପବନର ପୁର୍ନରୁଦ୍ଧାର କରିବାକୁ ନିଷ୍ପତି ହୋଇଛି। ଅନ୍ୟପଟେ ଉପବନର ପୁନରୁଦ୍ଧାର ପରେ ଫୁଲ ଗୁଛାକୁ ସ୍ଥାନାନ୍ତର କରି ନୀଳାଦ୍ରି ମ୍ୟୁଜିଅମ୍କୁ ନୂଆ ରୂପ ଦେବାକୁ ଦାବି କରିଛନ୍ତି ସେବାୟତ। ବର୍ତ୍ତମାନ ସରକାର କ୍ଷମତାକୁ ଆସିବା ପରେ ଶ୍ରୀମନ୍ଦିରକୁ ୫୦୦ କୋଟିର କର୍ପସ ଫଣ୍ଡ ଦେଇଥିବା ବେଳେ ଶ୍ରୀମନ୍ଦିରରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି।

## ତିନି ଶ୍ରମିକଙ୍କ ଉପରେ ମାଡ଼ିଗଲା ବସ

**ଢେଙ୍କାନାଳ,୧୦।୧୨(ସଂଚାର ବ୍ୟୁରୋ):** ତିନିଜଣ ଶ୍ରମିକଙ୍କ ଉପରେ ମାଡ଼ିଗଲା ବସ୍। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ୫୩ ନମ୍ବର ଜାତୀୟ ରାଜପଥର ଖଇରାମୁଣ୍ଡା ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ନାଉପାଳକାଟେଣୀ ଗାଁର ସାଗର ପ୍ରଧାନ, ପିନୁ ସାହୁ ଏବଂ ସୁମନ୍ତ ପରିଡ଼ା। ଖଇରାମୁଣ୍ଡା ଗାଁରେ ଜଣେ ବ୍ୟକ୍ତିଙ୍କର ଛାତ ପକାଇବା ପାଇଁ ଏହି ଶ୍ରମିକମାନେ ଏକ ବାଇକ୍ ଯୋଗେ ଯାଉଥିଲେ। ଏହି ସମୟରେ ଭୋଳାନାଥ ନାମକ ବସ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସାଗରଙ୍କ ମୃତ୍ୟୁ ହୋଇଥିବା ବେଳେ ପିନୁ ଏବଂ ସୁମନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ତାଳଚେର-ଡୁବୁରୀକୁ ଯାତାୟତ ବନ୍ଦ ହୋଇଯାଇଛି।

## ୮୦ ଲକ୍ଷର ଗହଣା ଜବତ
## ବାଙ୍ଗାଲୁରୁରୁ ଚୋରି : ବାଲେଶ୍ୱରରୁ ଧରାପଡ଼ିଲା



**ବାଲେଶ୍ୱର,୧୦।୧୨(ସଂଚାର ବ୍ୟୁରୋ):** ବାଙ୍ଗାଲୁରୁରୁ ପ୍ରାୟ ୮୦ ଲକ୍ଷ ଟଙ୍କାର ହୀରା ଓ ସୁନା ଅଳଙ୍କା ଧରି ପଳାଇ ଆସିଥିବା ଜଣେ ଯୁବକଙ୍କୁ ଖଇରା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନିକଟରୁ ଅଳଙ୍କାର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲା ଖଇରା ଥାନା ସାରକୋଣା ଗାଁର ବନମାଳି ସ୍ୱାଇଁ। ସେ ବାଙ୍ଗାଲୁରୁରେ ପଦ୍ମା ରେଡ୍ଡୀ ନାମକ ଜଣେ ମହିଳାଙ୍କ ଘରେ ରହି କାମ କରୁଥିଲା। କିଛି ଦିନ କାମ କରିବା ପରେ ତାଙ୍କ ଘରୁ ହୀରା ମୁଦି, ହୀରା ଖଞ୍ଜିତ ବ୍ରେସ୍‌ଲେଟ୍ ସମେତ ଦୁଇଟି ସୁନା ଚେନ, ଗୋଟେ ସୁନା ମୁଦି, ଗୋଟେ ସୁନା ଲକେଟ, ୫ ସୁନା କାନଫୁଲ, ସୁନା ନୋଥ ଆଦି ଚୋରି କରି ଗାଁକୁ ପଳାଇ ଆସିଥିଲା। ଦୁଇଦିନ ତଳେ ସେ ସବୁ ଅଳଙ୍କାର ଧରି ଖଇରା ବଜାରରେ ଜରେ ଅଳଙ୍କାର ଦୋକାନୀଙ୍କୁ ବିକିବା ଲାଗି କହିଥିଲା। ହେଲେ ଏତେ ପରିମାଣରେ ହୀରା ଓ ସୁନା ଅଳଙ୍କର ଦେଖି ଦୋକାନୀ ମାଲିକ ମମତା ସାହୁ କେଉଁଠୁ ଆଣିଲ ବୋଲି ପ୍ରଶ୍ନ କରିଥିଲେ। ମମତା ସାହୁଙ୍କ ପ୍ରଶ୍ନ ଶୁଣି ବନମାଳି ସବୁ ଅଳଙ୍କାର ଧରି ଦୌଡ଼ିଥିଲା। ମମତା ଖଇରା ଥାନାକୁ ଖବର ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଦୋକାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିଥିଲେ। ଏହା ଅଧାରରେ ପୁଲିସ୍ ସୋମବାର ବିଳମ୍ବିତ ରାତିରେ ବନମାଳିକୁ ଘରୁ ଗିରଫ କରିଥିଲା।



## ବିଧାନସଭା ଖବର

### ଆସନ୍ତା ମାସରେ ପକ୍ଷୀ ଗଣନା



ଭୁବନେଶ୍ୱର, ୧୦।୧୨ (ସଂଚାର ବ୍ୟୁରୋ): ଆସନ୍ତା ମାସରେ ଆରମ୍ଭ ହେବ ପକ୍ଷୀ ଗଣନା। ସାଧାରଣତଃ ଶୀତ ଋତୁରେ ବିଦେଶାଗତ ପକ୍ଷୀମାନେ ଚିଲିକାର ଚତୁପାର୍ଶ୍ୱରେ ଥିବା ଜଳାଶୟ ଯଥା ମଙ୍ଗଳାଯୋଡି, ଭୁଷଣ୍ଡପୁରୁ, ବାଲିପାଟପୁର, ନଇରି, ବଉଳାବନ୍ଧ, ବଡଗୋଠ, ଟୁଆଗମ୍ଭାରୀ, ଗୁରୁବାଇ, ସିପିଆ, ନଳବଣ, ମଧୁରଚୁଆ, ସମଲନାସୀ, ପାଣ୍ଡାନାସୀ, ପଞ୍ଚକୁଦୀ, ସୁନନ୍ଦା ଓ କାଲୁରୀ ଅଞ୍ଚଳରେ ଥିବା ଜଳାଶୟ ମାନଙ୍କରେ ଦେଖାଯାଇଥାନ୍ତି। ନମଭେମ୍ବର ସୁଦ୍ଧା ଓଡିଶା ଆସିଛନ୍ତି ୪ ଲକ୍ଷ ୯୪ ହଜାର ୩୬୬ ସଂଖ୍ୟକ ବିଦେଶାଗତ ପକ୍ଷୀ। କେବଳ ନଳବଣକୁ ୨ ଲକ୍ଷ ୧୭ ହଜାର ୧୭୦ ବିଦେଶାଗତ ପକ୍ଷୀ ଆସିଛନ୍ତି। ବିଦେଶାଗତ ପକ୍ଷୀ ମାନଙ୍କ ପାଇଁ ପ୍ରତି ବର୍ଷ ଅକ୍ଟୋବର ରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ୨୧ ଗୋଟି ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର, ୨ ଗୋଟି ଭ୍ରାମ୍ୟମାଣ ଦଳ ଗଠନ କରାଯାଇ ପ୍ରତି ଶିବିରରେ ତିନି ଜଣ ସ୍ଥାନୀୟ ଯୁବକ ଏବଂ ଜଣେ ବନରକ୍ଷୀଙ୍କ ଦ୍ୱାରା ଦିବାରାତ୍ର ପ୍ରହରା ଦେଇ ପକ୍ଷୀ ମାନଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।

### ୧୦ ବର୍ଷରେ ମଲେଣି ୮୫୭ ହାତୀ

ହାତୀ ମୃତ୍ୟୁ ପରିବେଶପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି। ଏହାରିମଧ୍ୟରେ ହାତୀ ମୃତ୍ୟୁ ଉପରେ ବିଧାନସଭାରେ ସୂଚନା ଦିଆଯାଇଛି। ଗତ ୧୦ ବର୍ଷରେ ୮୫୭ ହାତୀ ପ୍ରାଣ ହରିଛନ୍ତି। ସେଥିମଧ୍ୟରୁ ୩୦୫ ହାତୀ ରୋଗର ଶିକାର ହୋଇ ମୃତ୍ୟୁ ବରଣ କରିଥିବା ବେଳେ ୧୪୯ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ପ୍ରାକୃତିକ କାରଣରୁ ୨୨୯ ହାତୀ ମୃତ୍ୟୁବରଣ କରିଛନ୍ତି। ସେହିପରି ଶିକାରୀଙ୍କ ଦ୍ୱାରା ୩୦ ହାତୀ, ରେଳ ଦୁର୍ଘଟଣାରେ ୨୯, ପ୍ରତିହିଂଶା ପରାୟଣ ଦ୍ୱାରା ୧୬ ହାତୀଙ୍କ ମୃତ୍ୟୁ ଘଟିଛି। ଏହାସହିତ ୨୦୨୪ ନମଭେମ୍ବ ସୁଦ୍ଧା ରାଜ୍ୟରେ ହାତୀ ସଂଖ୍ୟା ରହିଛି ୨୧୦୩। ୨୦୧୫ରେ ଥିଲେ ୧୯୫୪ ହାତୀ, ୨୦୧୭ରେ ସଂଖ୍ୟା ବଢ଼ି ୧୯୭୬ ପଡଞ୍ଚିଥିଲା। ୨୦୨୪ରେ ସଂଖ୍ୟା ବଢ଼ି ୨୦୯୮ ହାତୀ ରହିଥିଲେ ବୋଲି ହାତୀ ଗଣନା ରିପୋର୍ଟ ଆଧାରରେ ଜଣାପଡ଼ିଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ।

### ବସ୍ତିରେ ୧୯୫୦୯୫ ପରିବାର

ରାଜ୍ୟର ୫ ମହାନଗର ନିଗମରେ ଥିବା ବସ୍ତିରେ ୧୯୫୦୯୫ ପରିବାର ରହୁଛନ୍ତି। ଯେଉଁଥିରେ ଭୁବନେଶ୍ୱରରେ ସର୍ବାଧିକ ବୋଲି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର। ସେ କହିଛନ୍ତି, ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ବସ୍ତିରେ ରହୁଛନ୍ତି ୮୦ ହଜାର ୫୨୦ ପରିବାର। ସେହିପରି ବ୍ରହ୍ମପୁର ମହାନଗର ନିଗମ ଅଧୀନ ବସ୍ତିରେ ୧୫ ହଜାର ୫୬୪ ପରିବାର, କଟକ ମହାନଗର ନିଗମ ଅଧୀନ ବସ୍ତିରେ ୨୩ ହଜାର ୨୯୬ ପରିବାର, ରାଉରକେଲା ମହାନଗର ନିଗମ ଅଧୀନ ବସ୍ତିରେ ୩୮ ହଜାର ୯୭୦ ପରିବାର ଓ ସମ୍ବଲପୁର ମହାନଗର ନିଗମ ଅଧୀନ ବସ୍ତିରେ ରହୁଛନ୍ତି ୩୬ ହଜାର ୭୪୫ ପରିବାର।

### ୧୧୭ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଗତ ୧୦ ବର୍ଷ ମଧ୍ୟରେ ୩୪ ଜଣ ବିଡିଓଙ୍କପ୍ରତି ଦଣ୍ଡବିଧାନ କରାଯାଇଛି। ବର୍ତ୍ତମାନ ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା ଓ ପୂର୍ବରୁ କାର୍ଯ୍ୟ କରିଥିବା ୧୧୭ଜଣ ବିଡିଓଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ। ମନ୍ତ୍ରୀ କହିଛନ୍ତି ଯେ ୧୧୭ଜଣ ବିଡିଓଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଛି ଏବଂ ୨୦୧୪ରୁ ୨୦୨୪ ମଧ୍ୟରେ ୩୪ ଜଣ ବିଡିଓଙ୍କ ପ୍ରତି ଦଣ୍ଡବିଧାନ କରାଯାଇଛି। ଏଥି ସହିତ ବ୍ଲକଗୁଡିକରେ ଅର୍ଥ ହେରଫେର ରୋକିବାପାଇଁ ସରକାର ଉଚିତ ପଦକ୍ଷେପ ଗ୍ରହଣ କରୁଛନ୍ତି।

### ୩୫୭ କିଶୋର ଉଦ୍ଧାର

ସଂଶୋଧିତ ଆଇନ୍ - ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍, ୧୯୮୬ ରେ ୧୫ ରୁ ୧୮ ବର୍ଷ ବୟସର ୩୫୭ ଜଣ କିଶୋର ଶ୍ରମିକ ବିଭିନ୍ନ ଜିଲ୍ଲାରେ ଉଦ୍ଧାର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ସର୍ବାଧିକ ୭୭ଜଣ ଖୋରଧା ଜିଲ୍ଲାରୁ ଉଦ୍ଧାର ହୋଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି ଯେ ଗତ ୧୦ବର୍ଷ ମଧ୍ୟରେ ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬ ଓ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍, ୧୯୮୬ର ଖିଲାପ ହେତୁ ୭୨୭ ଗୋଟି ମାମଲା ରୁଜୁ ହୋଇଛି ଏବଂ ୭ଟି ମାମଲାରେ ଦୋଷୀଙ୍କୁ ଦଣ୍ଡବିଧାନ ହୋଇଛି। ଶିଶୁ ଓ କିଶୋର ଶ୍ରମିକଙ୍କୁ ଉଦ୍ଧାର ପରେ ଜିଲ୍ଲାରେ ଥିବା ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ଉପସ୍ଥିତ କରାଯାଇଥାଏ। ଶିଶୁ ମଙ୍ଗଳ କମିଟି ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକମାନଙ୍କର ପରବର୍ତ୍ତୀ ଥଇଥାନ ନିମେନ୍ତ ପଦକ୍ଷେପ ନେଇଥାନ୍ତି।

### ମିଶନ ଶକ୍ତି ପ୍ରସଙ୍ଗରେ ବିରୋଧୀ-ଶାସକ ତୁତୁ ମେମେ

ମିଶନ ଶକ୍ତିକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ସୁଭଦ୍ରା ବାଣ୍ଟିଦେଲେ ମହିଳା ସ୍ୱାବଲମ୍ବୀ ହେବେ ନାହିଁ। ଯଦି ତାଙ୍କର ଚୁକ୍ତି ସରିଯାଇଛି ତେବେ ଛଅମାସ ହେଲାଣି ସରକାରକୁ, ରିନ୍ୟୁଆଲ କରନ୍ତୁ। କାହିଁକି ତାଙ୍କୁ ରାଜରାସ୍ତାରେ ଛାଡି ଦେଇଛନ୍ତି ସରକାର ବୋଲି କହି ସରକାରଙ୍କୁ ଘେରିଲେ ବିଜେଡି ବିଧାୟକ ଧ୍ରୁବ ସାହୁ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଡବଲ ଇଞ୍ଜିନ ସରକାର ତାଙ୍କ ପାଇଁ ଆଗେଇ ଆସିବା କଥା ଓ ତାଙ୍କ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସେତ ଭୁଲ କରି ପଳାଇଲେ। ତୁମେ କାହିଁ ଭୁଲ କରୁଛ। ମା'ମାନଙ୍କୁ ନ୍ୟାୟ ଦିଅ ଦାବି କଲେ ରାମଚନ୍ଦ୍ର। ରାଜନୈତିକ ହତିଆର ଭାବେ ବ୍ୟବହାର କରୁଛି ବିଜେଡି। ବିଜେପି ଷଡ଼ଯନ୍ତ୍ର କରିବା କଥା କହୁଛନ୍ତି। ଆମେ ତ ସରକାରକୁ ଆସିବା ପାଞ୍ଚ ମାସ ହେଲା, କିନ୍ତୁ ତା ପୂର୍ବରୁ ତ ଆପଣମାନେ ଥିଲେ। କାହିଁକି ତାଙ୍କୁ ଦରମା ଦେଇନାହାନ୍ତି। ବେବିନା ଇତିଶ୍ରୀଙ୍କ ସମୟରେ ତାଙ୍କ ସମ୍ବେଦନଶୀଳତା କୁଆଡେ ଯାଇଥିଲା। ୨୪ ବର୍ଷ ଧରି ମା'ମାନଙ୍କୁ ବ୍ୟବହାର କରି ରାଜନୀତି ରୁଟି ସେକିବା ଠିକ୍ ନୁହେଁ। ବିରୋଧୀ ଦଳ ନେତା ଗୃହ ବାହାରେ କହିବା ପୂର୍ବରୁ ନିଜେ କରୁଥିବା ଭୁଲ ସ୍ୱୀକାର କରନ୍ତୁ। ମହିଳାଙ୍କୁ ମଝି ଦରିଆରେ ବସାଇ ଦେଲ। ଏମାନଙ୍କ କୁମ୍ଭୀର କାନ୍ଦଣା ଆଉ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ। ମହିଳାଙ୍କ ପଛରୁ ଛୁରି ଭୂଷିଛନ୍ତି, ଧୋକା ଦେଇଛନ୍ତି। ସେଥିପାଇଁ ଓଡ଼ିଶାବାସୀ ତାଙ୍କୁ ପ୍ରତ୍ୟାଖାନ କରିଛନ୍ତି। ଏବେବି ମହିଳାଙ୍କୁ ନେଇ ରାଜନୀତି କରିବା ଛାଡୁନାହାନ୍ତି। ବିଜେଡିକୁ କେବେ କ୍ଷମା ଦେବେ ନାହିଁ ରାଜ୍ୟବାସୀ କହି ବିରୋଧୀଙ୍କୁ ସମାଲୋଚନା କଲେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ।

### ପୋଲ ଖୋଲିଲେ ରାଜା

ସୁଭଦ୍ରା ଯୋଜନାରେ ୨ ବର୍ଷରେ ୫୦ ହଜାର ଟଙ୍କା ଦେବେ ବୋଲି କହିଲେ। ସରକାରକୁ ଆସିଲା ପରେ ୫ ବର୍ଷରେ ୫୦ ହଜାର ଦେବ ବୋଲି କହିଲା ଏବେ। ଏହା କଣ ମହିଳାଙ୍କୁ ଭଣ୍ଡାଇବା ନୁହେଁକି ? ବିଜେପି ସରକାର ଯେଉଁଠି ଡବଲ ଇଞ୍ଜିନ ସରକାର ଅଛି, ସେଠି ମହିଳାଙ୍କ ପାଇଁ ଡବଲ ଷ୍ଟାଣ୍ଡାର୍ଡ ନୀତି ଗ୍ରହଣ କରୁଛନ୍ତି। ହରିୟାଣାରେ ଡବଲ ଇଞ୍ଜିନ ସରକାର ୨୧୦୦ ଶହ ଦେଉଛନ୍ତି, ଓଡ଼ିଶାରେ ଦିନକୁ ୨୭ ଟଙ୍କା ଦେଉଛନ୍ତି। ୨୭ ଟଙ୍କାରେ କେଉଁ ମହିଳା ଉଦ୍ୟୋଗୀ ହେବେ। ବିଜେପିର ଯେଉଁ ମୁଁହରେ ଅରୁଆ ସେହି ମୁଁହରେ ଉଷୁନା। ଉପ ମୁଖ୍ୟମନ୍ତ୍ରୀ ଓ ସରକାରୀ ଦଳର ସଦସ୍ୟମାନେ ବାହାବହା ନେଉଛନ୍ତି। ହେଲେ ମାସକୁ ମାତ୍ର ୮୮୩ ଟଙ୍କା ଦେଇ କିପରି ସଶକ୍ତ କରିବେ ବୋଲି କହିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ (ରାଜା) ସ୍ୱାଇଁ।

### ୪ ବର୍ଷରେ ସରିବ ମେଟ୍ରୋ ରେଳ ପ୍ରକଳ୍ପ

ଓଡ଼ିଶାରେ ମେଟ୍ରୋ ରେଳ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଡିପିଆର କାର୍ଯ୍ୟ ପରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମାଟି ପରୀକ୍ଷା କରାଯାଇଛି। ଏହାରି ମଧ୍ୟରେ ବିଧାନସଭାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମେଟ୍ରୋ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ଚାରି ବର୍ଷ ମଧ୍ୟରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ବଜାରରେ ଟିଭିଏସ୍ ରୋନିନ୍



ନୂଆଦିଲ୍ଲୀ,୧୦।୧୨: ଟିଭିଏସ୍ ମୋଟର କମ୍ପାନିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଦ ୨୦୨୫ ଟିଭିଏସ୍ ରୋନିନ୍‌ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହି ମଡେଲରେ ସମସ୍ତ ପ୍ରକାରର ଆଧୁନିକ ସୁରକ୍ଷା ବ୍ୟବସ୍ଥା ସହିତ ସର୍ବୋତ୍ତମ ଫିଚର ସାମିଲ ରହିଛି। ଉଲ୍ଲେଖଯୋଗ୍ୟ, ଗୋଆର ଭାଗାଟୋରଠାରେ ଆୟୋଜିତ ମୋଟରସାଇକେଲ୍ ଉତ୍ସବ 'ଟିଭିଏସ୍ ମୋଟୋସୌଲ ୪.୦'ରେ କମ୍ପାନୀର ଦ ୨୦୨୫ ଟିଭିଏସ୍ ରୋନିନ୍‌କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଏହି ମୋଟରସାଇକେଲ୍ ଦୁଇଟି ନୂଆ ରଙ୍ଗ ଗ୍ଲାସିୟର ସିଲ୍‌ଭର୍ ଏବଂ ଚାର୍‌କୋଲ୍ ଏମ୍ବର କଲର (ରଙ୍ଗ) ରେ ଉପଲବ୍ଧ ହେଉଛି, ଯାହା ରେଟ୍ରୋ ଡିଜାଇନ୍ ଓ ଆଧୁନିକ ସୁବିଧାସୁଯୋଗର ଏକ ଚମତ୍କାର ମିଶ୍ରଣ ବୋଲି କୁହାଯାଉଛି। ଏପରିକି ଏହାର ଜୀବନ୍ତ ରଙ୍ଗ, ଗ୍ରାଫିକ୍ସ ଓ ଉନ୍ନତ ପ୍ରଯୁକ୍ତି ଯେକୌଣସି ପ୍ରକାର ମନୋଭାବକୁ ସୁହାଇବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ (ପ୍ରିମିୟମ୍) ବିମଲ ସୁମ୍ବଲି କହିଛନ୍ତି, ଫିଲ ଦି ଆଡ୍ରେନାଲିନ୍, ଫିଲ ଦି ଇନସ୍ପିରେସନ୍, ଫିଲ୍ ଦି ଗ୍ରୋଭ୍ ବିଷୟବସ୍ତୁ ଉପରେ ଆଧାରିତ ଟିଭିଏସ୍ ମୋଟୋସୌଲ-୨୦୨୪ ହେଉଛି, ଅଭିଳାଷ, ନବସୃଜନତାର ଏକ ବାସ୍ତବ ଉତ୍ସବ। ପ୍ରତିଟି ସଂସ୍କରଣରେ ଆମେ ମୋଟରସାଇକେଲ୍ ରେସିଂର ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବାବେଳେ ରାଇଡର ଓ ଉତ୍ସାହୀମାନଙ୍କୁ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିଛୁ। ମୋଟରସାଇକେଲ୍ ଗୋଷ୍ଠୀ ସଫଳ ହେବା ଦେଖିବା ବେଶ୍ ଉତ୍ସାହଜନକ ଏବଂ ସ୍ୱତନ୍ତ୍ର ସୃଷ୍ଟି କରିବାକୁ ଉତ୍ସର୍ଗୀକୃତ। ଯାହା ମଣିଷ ଓ ମୋଟରସାଇକେଲ୍ ଭିତରେ ସମ୍ପର୍କକୁ ସୁଦୃଢ଼ କରିବ। ସେହିପରି ୨୦୨୫ ଟିଭିଏସ୍ ରୋନିନ୍‌ରେ ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ସାମିଲ ରହିଛି, ଯାହା ରାଇଡରଙ୍କ ସୁରକ୍ଷା ଓ ସ୍ଥିରତାକୁ ବଢ଼ାଇବ।

# ବ୍ୟାଙ୍କ ହଟାଇଲେ ୪୨,୦୦୦ କୋଟି ଋଣ

ନୂଆଦିଲ୍ଲୀ, ୧୦।୧୨: ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ସରକାରୀ ବ୍ୟାଙ୍କଗୁଡ଼ିକ ନିଜ ଋଣ ଖାତାରୁ ୪୨ ହଜାର କୋଟି ଟଙ୍କା ରାଇଟ୍ ଅଫ୍ କରିଛନ୍ତି। ରାଇଟ୍ ଅଫ୍ ହେଉଛି ସେହି ପ୍ରକ୍ରିୟା ଯେଉଁଥିରେ ଅସୁଲ ହେବାରେ ଅସୁବିଧା ହେଉଥିବା ଋଣଗୁଡ଼ିକ ଲାଗି ପାଣ୍ଠିର ବ୍ୟବସ୍ଥା କରିବା ପରେ ତାହାକୁ ହିସାବ ଖାତାରୁ ହଟାଇ ଦିଆଯାଏ। ତେବେ ସେହି ଋଣଗୁଡ଼ିକୁ ଅସୁଲ କରିବା ଲାଗି ପ୍ରକ୍ରିୟା କିନ୍ତୁ ପୂର୍ବଭଳି ଜାରି ରହିଥାଏ। ସଂସଦରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୮,୩୧୨ କୋଟି ଟଙ୍କା, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ୮୦୬୧ କୋଟି ଟଙ୍କା, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ୬୩୪୪ କୋଟି ଟଙ୍କା ଓ ବ୍ୟାଙ୍କ ଅଫ୍ ବରୋଦା ୫୯୨୫ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରିଛନ୍ତି। ଏ ସମ୍ପର୍କରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ରାଇଟ୍ ଅଫ୍‌ରେ ଗ୍ରାହକଙ୍କ ପାଇଁ ଋଣ ଛାଡ଼ ହୁଏ ନାହିଁ। ଏଥିରେ ଗ୍ରାହକଙ୍କୁ କିଛି ଲାଭ ମିଳେ ନାହିଁ। ପୂର୍ବଭଳି ବିଭିନ୍ନ ଉପାୟରେ ଗ୍ରାହକଙ୍କଠାରୁ ଋଣ ଅସୁଲ କରିବା ପ୍ରକ୍ରିୟା ଜାରି ରହିଥାଏ। ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରୀ ବ୍ୟାଙ୍କଗୁଡ଼ିକ ୧.୧୪ ଲକ୍ଷ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରିଥିଲେ। ୨୦୨୨-୨୩ରେ ସେମାନେ ୧.୧୮ ଲକ୍ଷ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରିଥିଲେ। ଚଳିତ ବର୍ଷର ଏପ୍ରିଲ୍‌ରୁ ସେପ୍ଟେମ୍ବର ମଧ୍ୟରେ ବ୍ୟାଙ୍କଗୁଡ଼ିକ ଆଉ ୪୨,୦୩୫ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରିଥିବା ସହିତ ୩୭,୨୫୩ କୋଟି ଟଙ୍କା ଅସୁଲ କରିଛନ୍ତି।






## ସାଓମିର ଇଭି ଏସ୍ୟୁଭି 'ୟୁ-୭'

ନୂଆଦିଲ୍ଲୀ, ୧୦।୧୨: ସାଓମି ଏହାର ପ୍ରଥମ ଏସ୍ୟୁଭି ଅଲ୍ ଇଲେକ୍ଟ୍ରିକ୍ ୟୁ-୭କୁ ଉନ୍ମୋଚନ କରିଛି। କମ୍ପାନୀ ୨୦୨୫ରେ ଚୀନର ଘରୋଇ ବଜାରରେ ଉତ୍ପାଦନ ଆରମ୍ଭ କରିବାକୁ ଥିବା ମଡେଲ ସହିତ ଆଗାମୀ ଏସୟୁଭିର ଫଟୋ ଅନଲାଇନରେ ପ୍ରକାଶ କରିଛି । କମ୍ପାନୀ କହିଛି ଯେ ଏସୟୁଭିର ସମ୍ପୂର୍ଣ୍ଣ ବିବରଣୀ କେବଳ ୨୦୨୫ ମଧ୍ୟଭାଗରେ ପ୍ରଦାନ କରାଯିବ । ଏସ୍ୟୁ୭ ଦ୍ୱାରା ଆରମ୍ଭ ହୋଇଥିବା ଲୁକକୁ ଏହା ଅନୁସରଣ କରୁଛି। ଏସୟୁଭି ସହିତ ୟୁ୭ ଏକ ଏସୟୁ୭ ଭଳି ଦେଖାଯାଉଛି ଏବଂ ଫେରାରି ପୁରୋସାଙ୍ଗୁ ସହିତ ମଧ୍ୟ ଏହାର କିଛି ସମାନତା ରହିଛି । ସାମ୍ନାରେ, ୟୁ-୭କୁ ଏଲଇଡି ଡିଆରଏଲ ଦ୍ୱାରା ବିଭାଜିତ ୟୁନିଟ୍ ସହିତ ସେଡାନ୍ ଭଳି ସମାନ ହେଡଲ୍ୟାମ୍ପ ପ୍ରଦାନ କରାଯାଇଛି। ସାମ୍ନାରେ ବମ୍ପର ଡିଜାଇନ ମଧ୍ୟ ସମାନ । ପାର୍ଶ୍ୱକୁ ଯିବା ପରେ ୟୁ-୭ରେ କିଛି ଡିଜାଇନ୍ ପରିବର୍ତ୍ତନ ହୋଇଥାଏ ଯେପରିକି ଫ୍ଲସ୍ ସିଟିଂ ସିଟିଂ ପପ୍-ଆଉଟ୍ ଡୋର ହ୍ୟାଣ୍ଡେଲ୍, ସମ୍ମୁଖ ଚକ ପଛରେ ଅଧିକ କୋଣୀୟ ଫ୍ରଣ୍ଟ ଫେଣ୍ଡର ଭେଣ୍ଟ୍। ଝରକା ରେଖା ମଧ୍ୟ ସାଓମି ସେଡାନ୍ ଭଳି ଦେଖାଯାଉଛି ଯେଉଁଥିରେ ୱିଣ୍ଡସିଲ୍ଡ ଉପରେ ଛାତ ଉପରେ ଲଗାଯାଇଥିବା ଏକ ଲିଡାର ମଡ୍ୟୁଲ ରହିଛି। ପଛ ପଟରେ, ୟୁ୭ ପୁନର୍ବାର ଏହାର ସେଡାନ୍ ପରି କିଛି ସମାନ ଡିଜାଇନ୍ ଉପାଦାନ ରହିଛି ଯେଉଁଥିରେ ବମ୍ପରର ଆକୃତି ମଧ୍ୟ ଅନ୍ତର୍ଭୁକ୍ତ । ଉପରକୁ ପ୍ରବାହିତ ବାହ୍ୟ ପାର୍ଶ୍ୱ ସହିତ ଲାଇଟଟାର ଶୈଳୀର ଲେଜ୍ ଲ୍ୟାମ୍ପ ମଧ୍ୟ ସମାନ ଅଟେ । ସେଡାନ୍ ଭଳି ଏହି ଏସୟୁଭିରେ ପଛ ୱିଣ୍ଡସ୍କ୍ରିନ୍ ଉପରେ ଛାତ ଲାଗିଥିବା ସ୍ପୋଇଲର ସହ ଟେଲେଟଟ୍ ରେ ଦ୍ୱିତୀୟ ଲିପ୍ ସ୍ପୋଇଲର ରହିଛି। ବର୍ତ୍ତମାନ ପାଇଁ ଇଣ୍ଟେରିୟର ଗୁପ୍ତ ରହିଛି ଯଦିଓ ଆମେ ଆଶ୍ଚର୍ଯ୍ୟ ହେବେ ନାହିଁ ଯଦି ଏହା ମଧ୍ୟ ସେଡାନ୍ ଭଳି ଏକ ସମାନ ଡିଜାଇନ୍ ପ୍ରଦାନ କରୁଛି।

## ଆମାଜନ, ଫ୍ଲିପ୍‌କାର୍ଟ ବିରୋଧରେ ସୁପ୍ରିମ୍‌କୋର୍ଟ ଗଲା ସିସିଆଇ

ନୂଆଦିଲ୍ଲୀ,୧୦/୧୨: ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ(ସିସିଆଇ) ଆମାଜନ ଏବଂ ଫ୍ଲିପ୍‌କାର୍ଟ ବିରୋଧରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଅସ୍ୱଚ୍ଛ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ଉଭୟ କମ୍ପାନିଙ୍କ ବିରୋଧରେ ଯାଞ୍ଚ ଚାଲିଛି । ତେବେ ଯାଞ୍ଚ ପ୍ରକ୍ରିୟାରେ ଆଇନଗତ ଚ୍ୟାଲେଞ୍ଜଗୁଡ଼ିକ ଉପରେ ଶୁଣାଣି କରିବା ପାଇଁ ଅନୁରୋଧ କରିଛି ସିସିଆଇ । ଏହା ପ୍ରକାଶ କରିଛି ଯେ, ସାମ୍‌ସଙ୍ଗ୍, ଭିଭୋ ଏବଂ ଅନ୍ୟ କମ୍ପାନିଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଯାଞ୍ଚକୁ ରୋକିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ କୋର୍ଟରେ ଚ୍ୟାଲେଞ୍ଜ କରୁଛନ୍ତି । ସିସିଆଇ ଡିସେମ୍ବର ୩ରେ କୋର୍ଟରେ ଫାଇଲିଂ ଦାଏର୍ କରିଥିଲା, ଯାହାକୁ ସାର୍ବଜନୀନ କରାଯାଇ ନ ଥିଲା । ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ କୋର୍ଟ ଆଗରେ ଅନୁରୋଧ କରିଛି ଯେ, ସାମ୍‌ସଙ୍ଗ୍, ଭିଭୋ, ଆମାଜନ ଏବଂ ଫ୍ଲିପ୍‌କାର୍ଟ ବିରୋଧରେ ଭେଣ୍ଡର୍‌ମାନଙ୍କ ୨୩ଟି ଅଭିଯୋଗ ଉପରେ ଶୁଣାଣି ହେଉ । ଏହା ଦ୍ୱାରା ମାମଲାରେ ଶୀଘ୍ର ଶୁଣାଣି ହୋଇପାରିବ ବୋଲି ଏହା ପ୍ରକାଶ କରିଛି।

# ରାଜସ୍ଥାନରେ ଲକ୍ଷେ କୋଟି ନିବେଶ କରିବ ବେଦାନ୍ତ

ନୂଆଦିଲ୍ଲୀ,୧୦।୧୨: ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜସ୍ଥାନର ଜୟପୁରଠାରେ ଏକ ୩ ଦିନିଆ ନିବେଶ ସମ୍ମିଳନୀ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ୨୦୨୪ ଡିସେମ୍ବର ୧୧ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ରାଇଜିଂ ରାଜସ୍ଥାନ ସମ୍ମିଳନୀରେ ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ବା ଶିଳ୍ପପତିମାନେ ସାମିଲ ହୋଇ ବହୁ କୋଟିର ନିବେଶ କରିବେ ବୋଲି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଗ୍ରୁପର ଚେୟାରମ୍ୟାନ (ଅଧ୍ୟକ୍ଷ) ଅନିଲ ଅଗ୍ରୱାଲ୍ ରାଇଜିଂ ରାଜସ୍ଥାନ ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ଆଗାମୀ ଦିନରେ ବେଦାନ୍ତ ରାଜ୍ୟରେ ଅତିରିକ୍ତ ଏକ ଲକ୍ଷ କୋଟି ଟଙ୍କା ନିବେଶ କରିବ। ଏପରିକି ଏକ ଅଣ ଲାଭଦାୟକ ଶିଳ୍ପ ପାର୍କ 'ଜିଭ୍‌କ ପାର୍କ' ସ୍ଥାପନ କରିବାକୁ ଅନିଲ ଘୋଷଣା କରିଛନ୍ତି। ଯାହା ଶତାଧିକ ଏସ୍‌ଏମ୍‌ଇଗୁଡ଼ିକୁ ଜମି, କଞ୍ଚାମାଲ ଓ ଶକ୍ତି ଯୋଗାଇବ। ଫଳରେ ପାଖାପାଖି ୩୦୦ ନୂଆ ଶିଳ୍ପ ସ୍ଥାପନ ହୋଇପାରିବ। ସେହିପରି ରାଜସ୍ଥାନରେ ତୈଳ, ପଟାସ, ପଥର, ଫସଫେଟ, ଲିଡ, ଜିଙ୍କ ଓ ସିଲଭର ଭଳି ପ୍ରାକୃତିକ ବିପର୍ଯ୍ୟୟର ବିପୁଳ ସମ୍ପତ୍ତି ରହିଛି। ସେହିଭଳି ଦୁନିଆର ସମସ୍ତ ସଫଳ ଦେଶ ଭୂତଳ ସମ୍ପଦ ପାଇଁ ବିକଶିତ ହୋଇଛନ୍ତି। ଏପରିକି ଆମକୁ ସେହି ବାଟରେ ଆଗକୁ ବଢ଼ିବାକୁ ପଡ଼ିବ। ରାଜସ୍ଥାନକୁ ଭାରତର ଆକର୍ଷଣୀୟ ସ୍ଥାନ ଭାବେ ଅଭିହିତ କରିଥିବା ସହ ସ୍ଥାୟୀ ଅନ୍ୱେଷଣ ଦ୍ୱାରା ରାଜ୍ୟର ଅଭିବୃଦ୍ଧି ବହୁ ଗୁଣା ବଢ଼ିପାରିବ। ଏଠାରେ ଇଟାଲି ତୁଳନାରେ ତିନି ଗୁଣା ଅଧିକ କୋଠା ପଥର ଗଚ୍ଛିତ ରହିଥିବାବେଳେ ସବୁଠୁ ଶିଳ୍ପୋନ୍ନତ ରାଜ୍ୟ ଗୁଜରାଟର ପଡ଼ୋଶୀ ଭାବେ ଉପକୃତ ହେବା ଲାଗି ରାଜସ୍ଥାନ ପାଖରେ ବିପୁଳ ସୁଯୋଗ ରହିଛି। ଅପରପକ୍ଷରେ ତୈଳ, ଗ୍ୟାସ୍, ପଟାସ, ରକ୍ ଫସଫେଟ୍, ଲିଡ୍, ଜିଙ୍କ ଓ ସିଲଭର୍ ଭଳି ପ୍ରାକୃତିକ ସମ୍ପଦ ରାଜ୍ୟରେ ରହିଛି, ଯଦି ଆଶାୟୀ ନିବେଶକମାନେ ରାଜସ୍ଥାନରେ ନିବେଶ କରୁଛନ୍ତି, ତେବେ ସେମାନେ ଶୀଘ୍ର ଲାଭ ପାଇପାରିବେ ବୋଲି ଅଗ୍ରୱାଲ୍ ମତପ୍ରକାଶ କରିଛନ୍ତି।

ରାଜସ୍ଥାନ ପ୍ରତି ବେଦାନ୍ତର ଦୃଢ଼ ଓ ଦୀର୍ଘକାଳୀନ ପ୍ରତିବଦ୍ଧତା ଏହାର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଏବଂ ୨୦୩୦ସୁଦ୍ଧା ୩୫୦ବିଲିଅନ ଡଲାରର ଏକ ଅର୍ଥନୀତି ହେବାର ଅଭିଳାଷ ପୂରଣ କରିବାକୁ କମ୍ପାନୀ ଶକ୍ତି ଦେଉଛି। ଏହା ରାଜ୍ୟକୁ ଧାତବ, ଖଣିଜ ଓ ଶିଳ୍ପ ନବସୃଜନର ବିଶ୍ୱସ୍ତରୀୟ ହବ୍ ଭାବେ ଉପସ୍ଥାପିତ କରିବ। ରାଜସ୍ଥାନର ଅଭିବୃଦ୍ଧି ପ୍ରତି କମ୍ପାନୀର ଯୋଗଦାନ ଉପରେ ଆଲୋକପାତ କରି ସେ କହିଛନ୍ତି, ୨୦୦୨ ପରଠାରୁ ରାଜସ୍ଥାନରେ ଆମେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ କରିଛୁ, ଯାହା ଦ୍ୱାରା ଏକ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ୫୦୦୦ ରୁ ଅଧିକ କମ୍ପାନିକୁ ବାହ୍ୟ ସମର୍ଥନ ମିଳିଛି। ରାଜସ୍ଥାନର ସର୍ବବୃହତ ଟିକସଦାତା ଭାବେ ଆମେ ଗର୍ବିତ ଓ ଜାତୀୟ ରାଜକୋଷକୁ ବାର୍ଷିକ ୫୦,୦୦୦ କୋଟି ଟଙ୍କାର ଯୋଗଦାନ ପ୍ରଦାନ କରୁଛୁ। ଆମେ ଆଗାମୀ ଦିନରେ ଯୋଗଦାନ ତିନି ଗୁଣା ବଢ଼ାଇବାକୁ ଯୋଜନା ରଖିଛୁ।




## ଏୟାରବସରୁ ଆହୁରି ୧୦୦ ନୂଆ ବିମାନ କିଣିବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୧୦।୧୨: ଫ୍ରାନ୍ସ ବିମାନ ନିର୍ମାତା କମ୍ପାନି ଏୟାରବସକୁ ୧୦୦ ନୂଆ ବିମାନ କିଣିବା ପାଇଁ ଏୟାର ଇଣ୍ଡିଆ ଅର୍ଡର ଦେଇଛି। ଏହି ବିମାନଗୁଡ଼ିକ ମଧ୍ୟରେ ୧୦ଟି ୱାଇଡ୍‌ବଡି ଏ୩୫୦ ଏବଂ ୯୦ଟି ନାରୋବଡି ଏ୩୨୦ ଫ୍ୟାମିଲି ବିମାନ ଏବଂ ଏ୩୨୧ ନିୟୋ ସାମିଲ ରହିଛି। ୧୦୦ ନୂଆ ବିମାନର ଅର୍ଡର ପୂର୍ବରୁ ଦିଆଯାଇଥିବା ୪୫୦ ବିମାନ ଅର୍ଡର ଠାରୁ ଅତିରିକ୍ତ ରହିବ। ଗତ ବର୍ଷ ଏୟାରବସ ଏବଂ ବୋଇଙ୍ଗଠାରୁ ୪୫୦ ବିମାନ କିଣିବା ପାଇଁ ଏୟାର ଇଣ୍ଡିଆ ଅର୍ଡର ଦେଇଥିଲା। ନୂଆ ଅର୍ଡର ପରେ ଏୟାର ଇଣ୍ଡିଆ ପକ୍ଷରୁ ଏୟାରବସକୁ ଅର୍ଡର ଦିଆଯାଇଥିବା ମୋଟ ବିମାନ ସଂଖ୍ୟା ୩୫୦ ହୋଇଛି। ଗତ ବର୍ଷ ଭାରତୀୟ ବିମାନ କମ୍ପାନି ଏୟାରବସକୁ ୨୫୦ ବିମାନ ଅର୍ଡର ଦେଇଥିଲା। ଏଥିରେ ୪୦ ୱାଇଡ୍‌ବଡି ଏ୩୫୦ ଏବଂ ୨୧୦ ଏ୩୨୦ ଫ୍ୟାମିଲି ବିମାନ ସାମିଲ ଥିଲା। ଟାଟା ସନ୍ସ ଏବଂ ଏୟାର ଇଣ୍ଡିଆର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ କହିଛନ୍ତି, 'ଦୁନିଆ ତୁଳନାରେ ଭାରତରେ ବିମାନ ଯାତ୍ରୀଙ୍କ ସଂଖ୍ୟା ଅଧିକ। ତେଣୁ ଭିତ୍ତିଭୂମିରେ ସୁଧାରର ଆବଶ୍ୟକତା ରହିଛି। ଦେଶର ଯୁବ ଜନସଂଖ୍ୟା ଦ୍ରୁତ ଗତିରେ ବିଶ୍ୱର ବିଭିନ୍ନ କୋଣକୁ ଯାତ୍ରା କରୁଛନ୍ତି। ସେହି ଦୃଷ୍ଟିରେ ଏୟାର ଇଣ୍ଡିଆ ଦ୍ୱାରା ଗତ ବର୍ଷ ଦିଆଯାଇଥିବା ୪୭୦ ବିମାନ ଅର୍ଡର ଭବିଷ୍ୟତରେ ବଡ଼ ବିସ୍ତାର ପାଇଁ ଜରୁରି। ସେ କହିଛନ୍ତି, 'ଅତିରିକ୍ତ ୧୦୦ ଏୟାରବସ ବିମାନ ଏୟାର ଇଣ୍ଡିଆକୁ ବିକାଶ ରାସ୍ତାରେ ନେବାରେ ସହାୟକ ହେବ। ଏହାସହ ଏୟାର ଇଣ୍ଡିଆକୁ ବିଶ୍ୱସ୍ତରୀୟ ଏୟାରଲାଇନ କରିବାର ଆମ ମିଶନରେ ଯୋଗଦାନ ଦେବେ। ଭାରତକୁ ଦୁନିଆର ସବୁ କୋଣକୁ ଯୋଡ଼ିବ।' ଏୟାରବସ ସିଇଓ ଗିଲୋମ ଫୌରୀ କହିଛନ୍ତି, 'ଗତ କିଛି ମାସରେ ଭାରତୀୟ ବିମାନ କ୍ଷେତ୍ରରେ ଜବରଦସ୍ତ ବୃଦ୍ଧିକୁ ବ୍ୟକ୍ତିଗତ ଭାବେ ଦେଖିବା ପରେ, ଏୟାର ଇଣ୍ଡିଆର ଏହି ଅତିରିକ୍ତ ଅର୍ଡର ପାଇଁ ଏୟାରବସ ଭରସା ଜିତିଥିବାରୁ ମୁଁ ଖୁସି। ଏହି ନିରନ୍ତର ସହଭାଗୀତା ଜରିଆରେ ଆମେ ଟାଟାର ଭିଜନ୍ ଏବଂ ନେତୃତ୍ୱରେ ଏୟାର ଇଣ୍ଡିଆର ପରିବର୍ଦ୍ଧିତ ଯୋଜନାର ସଫଳତାରେ ନିଜ ଯୋଗଦାନ ପାଇଁ ପ୍ରତିବଦ୍ଧ ଅଛୁ।'




## ସାଉଥ୍ ଏସିଆ ସମିଟ-୨୦୨୪ ଉଦ୍‌ଘାଟିତ

ନୂଆଦିଲ୍ଲୀ,୧୦।୧୨: ପ୍ରଥମ ଥର ପାଇଁ ଭାରତର ଚେନ୍ନାଇଠାରେ ଏକ ଦୁଇ ଦିନିଆ ଶିଖର ସମ୍ମିଳନୀ 'ସାଉଥ ଏସିଆ ସମିଟ-୨୦୨୪' ସୋମବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏପରିକି ଏସିଆର ସାମାଜିକ ନିବେଶକଙ୍କ ସର୍ବବୃହତ ନେଟୱର୍କ ଏଭିପିଏନ୍ ପକ୍ଷରୁ ଏହି ଶିଖର ସମ୍ମିଳନୀ ଆରମ୍ଭ କରାଯାଇଛି। ନୂଆ ବାସ୍ତବତା, ନୂତନ ସୁଯୋଗ' ଶୀର୍ଷକ ବିଷୟ ବସ୍ତୁ ଉପରେ କେନ୍ଦ୍ରିତ ଏହି ଶିଖର ସମ୍ମିଳନୀ ଜଳବାୟୁ ପଦକ୍ଷେପ, ସ୍ୱାସ୍ଥ୍ୟ ପ୍ରଭାବ, ଯୁବ ସଶକ୍ତୀକରଣ ଏବଂ ଜୀବିକା ଏବଂ ଲିଙ୍ଗଗତ ସମାନତା କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନକୁ ଆଗେଇ ନେଇ ଦକ୍ଷିଣ ଏସିଆର ସାମାଜିକ ଆହ୍ୱାନଗୁଡ଼ିକର ମୁକାବିଲା ଉପରେ ଗୁରୁତ୍ୱାରୋପ କରୁଛି। ଉକ୍ତ ଅଞ୍ଚଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଅର୍ଥନୈତିକ ଏବଂ ପରିବେଶଗତ ସମସ୍ୟାକୁ ଲକ୍ଷ୍ୟ କରି ସମାଧାନ ଏବଂ ସାମାଜିକ ବିନିଯୋଗକୁ ତ୍ୱରାନ୍ୱିତ କରିବା ଲାଗି ଏହି ଦୁଇ ଦିନିଆ ଶିଖର ସମ୍ମିଳନୀରେ ପ୍ରଭାବଶାଳୀ ବିଶ୍ୱନେତା, ସାମାଜିକ ନିବେଶକ, ନୀତି ନିର୍ଦ୍ଧାରକ ଏବଂ ପ୍ରଭାବଶାଳୀ ନେତାମାନେ ଯୋଗ ଦେବେ। ଏହି ଶିଖର ସମ୍ମିଳନୀରେ ଭାରତ ସରକାର, ନୀତି ଆୟୋଗ, ସିଙ୍ଗାପୁର ୟୁନିଭର୍ସିଟି ଅଫ୍ ସୋସିଆଲ ସାଇନ୍ସ, ବ୍ଲୁ ପ୍ଲାନେଟ୍, ରିଲାଏନ୍ସ ଫାଉଣ୍ଡେସନର ବରିଷ୍ଠ ଅଧିକାରୀଙ୍କ ସମେତ ୪୦ରୁ ଅଧିକ ଅଧିବେଶନରେ ବିଶ୍ୱର ୯୦ରୁ ଅଧିକ ବକ୍ତା ଅଂଶଗ୍ରହଣ କରିବେ।

## ଆର୍‌ବିଆଇର ସଫଳ ଯାତ୍ରାର ସାଥୀ ଶକ୍ତିକାନ୍ତ ଦାସ

# ବିମୁଦ୍ରୀକରଣ-କରୋନା-ବୈଶ୍ୱିକ ଅସ୍ଥିରତା ମୁକାବିଲାରେ ଦକ୍ଷ ପରିଚାଳକ

ନୂଆଦିଲ୍ଲୀ, ୧୦।୧୨: ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ୨୫ତମ ଗଭର୍ଣ୍ଣର ଭାବେ ନିଜ କାର୍ଯ୍ୟକାଳ ଡିସେମ୍ବର ୧୦ରେ ପୂରଣ କରିବେ। ତେବେ ଶକ୍ତିକାନ୍ତ ଦାସ ନିଜ ପଛରେ ଏକ ବଡ଼ ସଫଳ ଯାତ୍ରା ଛାଡ଼ି ଯାଇଛନ୍ତି। ଏଥିରେ ସଂକଟ ସମୟରେ ଦକ୍ଷ ପରିଚାଳନା, ସ୍ଥିର ନୀତି ନିର୍ମାଣ ଏବଂ ଭାରତର ଆର୍ଥିତ ସ୍ଥିରତା ଉପରେ ଧ୍ୟାନ କେନ୍ଦ୍ରୀତ କରିବା ସାମିଲ ରହିଛି। ୨୦୧୮ ଡିସେମ୍ବରରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡରେ ଶକ୍ତିକାନ୍ତ ଦାସଙ୍କ ନିଯୁକ୍ତି ହୋଇଥିଲା। ବିମୁଦ୍ରୀକରଣ ପରର ଆହ୍ୱାନଠାରୁ ଆରମ୍ଭ କରି ବୈଶ୍ୱିକ ମହାମାରୀର ସାମନା କରିଛନ୍ତି। କରୋନା ମାହମାରୀ ସାରା ଦୁନିଆ ଅର୍ଥନୀତିକୁ ଅସ୍ଥିର କରିଥିବା ବେଳେ ଭାରତକୁ ସମ୍ଭାଳିବାରେ ଶକ୍ତିକାନ୍ତଙ୍କ ଭୂମିକା ସବୁବେଳେ ମନେ ରହିବ।

### ଅସ୍ଥିର ସମୟରେ ସ୍ଥିର ହାତ

ଆରବିଆଇରେ ଶକ୍ତିକାନ୍ତ ଦାସଙ୍କ ନିଯୁକ୍ତି ବି ବିବାଦରୁ ଅଛୁଆଁ ନଥିଲା। ତାଙ୍କ ପୂର୍ବରୁ ଉର୍ଜିତ୍ ପଟେଲ, ଆରବିଆଇ ଏବଂ ସରକାରଙ୍କ ମଧ୍ୟରେ ବଢୁଥିବା ବ୍ୟକ୍ତିଗତ କାରଣକୁ ଦର୍ଶାଇ ଇସ୍ତଫା ଦେଇଥିଲେ। ଦାସଙ୍କ ନିଯୁକ୍ତି ସମୟରେ ଅନେକ ପ୍ରଶ୍ନ ଉଠିଥିଲା। ଜଣେ ଦକ୍ଷ ପ୍ରଶାସକ, ଯାହାଙ୍କ ମୁଦ୍ରାନୀତି ଉପରେ ପୂର୍ବରୁ କୌଣସି ଅଭିଜ୍ଞତା ନାହିଁ, ସେ କେନ୍ଦ୍ରୀୟ ବ୍ୟାଙ୍କର ପରିଚାଳନାରେ ସଫଳ ହେବେ ? ତେବେ ଶକ୍ତିକାନ୍ତ ଦାସ ଆରବିଆଇର ସ୍ୱାୟତ୍ତତାକୁ ବଜାୟ ରଖି ସହଯୋଗ ଉପରେ ଜୋର ଦେଇ ସମାଲୋଚକଙ୍କ ମୁହଁ ତୁରନ୍ତ ବନ୍ଦ କରିଦେଇଥିଲେ। ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଗୁରୁତ୍ୱ ଦେଇ ଆରବିଆଇ ନୀତି ବିକଶିତ କଲା। ଗଭର୍ଣ୍ଣର ଭାବେ ନିଜର ପ୍ରଥମ ଭାଷଣରେ ଶକ୍ତିକାନ୍ତ ଆର୍ଥିକ ସ୍ଥିରତାକୁ ବଜାୟ ରଖିବା ପାଇଁ ନିଜର ପ୍ରତିବଦ୍ଧତାକୁ ରେଖାଙ୍କିତ କରିଥିଲେ।

### କୋଭିଡ୍-୧୯ ସଂକଟ

କରୋନା ମହାମାରୀ ହୁଏତ ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳର ସବୁଠୁ ଆହ୍ୱାନପୂର୍ଣ୍ଣ ସମୟ ଥିଲା। ସାରା ଦୁନିଆର ଅର୍ଥବ୍ୟବସ୍ଥା ଆଣ୍ଠେଇ ଥିବା ବେଳେ, ଶକ୍ତିକାନ୍ତ ଜଣେ ଦକ୍ଷ ସଂକଟ ପରିଚାଳକ ରୂପେ ସାମନାକୁ ଆସିଥିଲେ। ଆରବିଆଇ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ମାହାମାରୀ ପ୍ରଭାବକୁ କମ କରିବା ପାଇଁ ଅନେକ ପଦକ୍ଷେପ ନେଇଥିଲା। ଏଥିରେ ସୁଧ ହାର ହ୍ରାସ, ଋଣ ପରିଶୋଧ ଉପରେ ରୋକ ଏବଂ ଅର୍ଥନୀତିକୁ ନମନୀୟ କରି ନଗଦ ବଢାଇବା ସାମିଲ ରହିଛି। ମହାମାରୀ ସମୟରେ ଶକ୍ତିକାନ୍ତ ଦାସଙ୍କ ବ୍ୟବହାରିକ ଏବଂ ସହାନୁଭୂତିକୁ ଦୃଷ୍ଟିକୋଣ ସାମନାକୁ ଆସିଥିଲା। ପରିବାର ଏବଂ ବ୍ୟବସାୟୀ ସାମନା କରୁଥିବା ଆର୍ଥିକ ସମସ୍ୟାକୁ ଅନୁଭବ କରିଥିଲେ। ଶକ୍ତିକାନ୍ତଙ୍କ ନେତୃତ୍ୱରେ ଆରବିଆଇ ଏହା ଉପରେ କାମ କରି ଋଣ ପ୍ରବାହ ଯେପରି ସ୍ଥିର ରହିବ ଏବଂ ଆର୍ଥିକ ପ୍ରଣାଳୀ ଯେପରି ପ୍ରଭାବିତ ନହେବ ତାହା ସୁନିଶ୍ଚିତ କରିଥିଲେ। ସାମ୍ବାଦିକ ସମ୍ମିଳନୀ ବେଳେ ତାଙ୍କ ଶାନ୍ତ ବ୍ୟବହାର ଏବଂ ଆରବିଆଇର ନୀତି ଉପରେ ତାଙ୍କ ସ୍ପଷ୍ଟ ଚିନ୍ତାଧାରା ଯୋଗୁଁ ଏକ ଅସାଧାରଣ ପରିସ୍ଥିତିରେ ସେ ଜନତାଙ୍କ ବିଶ୍ୱାସ ଜିତି ପାରିଥିଲେ।



### ଆର୍ଥିକ ସମାବେଶ ଉପରେ ଗୁରୁତ୍ୱ

ସଂକଟମୋଚକ ହେବା ସହ ଭାରତର ଆର୍ଥିକ ଶୃଙ୍ଖଳାକୁ ଆଧୁନିକୀକରଣରେ ଶକ୍ତିକାନ୍ତ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ଆରବିଆଇ ଫିନଟେକ୍ ଇନୋଭେସନ ପାଇଁ ନିୟାମକ ସ୍ୟାଣ୍ଡବକ୍ସ, ଡିଜିଟାଲ୍ ପେମେଣ୍ଟ, ଅଫଲାଇନ ଡିଜିଟାଲ୍ ପେମେଣ୍ଟ, ୟୁପିଆଇକୁ ନେଇ ଲୋକଙ୍କ ଭରସା ଜିତିବା ଏବଂ ଘରେ ଘରେ ପହଞ୍ଚାଇବାରେ ଅନେକ ସଫଳତା ପାଇଛି। ଶକ୍ତିକାନ୍ତ ଦାସ ବ୍ୟାଙ୍କିଂ ଏବଂ ନନ୍‌ବ୍ୟାଙ୍କିଂ ଫାଇନାନସିଆଲ୍ ସେକ୍ଟରରେ ସଂସ୍କାର ପାଇଁ ଜୋର ଦେଇଆସିଛନ୍ତି। ସମବାୟ ବ୍ୟାଙ୍କକୁ ସଶକ୍ତ କରିବା, ଆସେଟ୍ କ୍ୱାଲିଟିକୁ ମୁଖ୍ୟଧାରାରେ ଆଣିବାରେ ମଧ୍ୟ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

### ମୁଦ୍ରାନୀତି ଆହ୍ୱାନର ମୁକାବିଲା କରିବା

ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଶକ୍ତିକାନ୍ତ ଦାଶଙ୍କ କାର୍ଯ୍ୟକାଳର ଅନ୍ୟ ଏକ ଆହ୍ୱାନପୂର୍ଣ୍ଣ ଘଟଣା। ବିଶେଷ କରି ବୈଶ୍ୱିକ ସାମଗ୍ରୀର ମୂଲ୍ୟରେ ଅସ୍ଥିରତା ଏବଂ ଯୋଗାଣ ଶୃଙ୍ଖଳାରେ ବାଧା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏଭଳି ସ୍ଥିତିରେ ଶକ୍ତିକାନ୍ତଙ୍କ ନେତୃତ୍ୱରେ ମୁଦ୍ରାନୀତି କମିଟି ସଠିକ୍ ନିଷ୍ପତ୍ତି ନେଇ ମୁଦ୍ରାସ୍ଫୀତିକୁ ୨-୬% ଟାର୍ଗେଟ୍ ରେଞ୍ଜ ମଧ୍ୟରେ ରଖିବାରେ ବହୁମାତ୍ରାରେ ସଫଳ ହୋଇଛି। କରୋନା ପରବର୍ତ୍ତୀ ପର୍ଯ୍ୟାୟରେ ମୁଦ୍ରାସ୍ଫୀତି ବୃଦ୍ଧି ଏକ ବଡ଼ ଚାପ ରହିଥିଲା, ପୁଣି ବୈଶ୍ୱିକ ଅସ୍ଥିରତା ଏବଂ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇ ନିଆଁରେ ଘିଅ ଢାଳିବା କାମ କରିଥିଲା। ଏହି ସବୁ ଚ୍ୟାଲେଞ୍ଜ ସତ୍ତ୍ୱେ ଶକ୍ତିକାନ୍ତ ଦାସ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପ୍ରତିବଦ୍ଧ ଥିବା ବାର୍ତ୍ତାକୁ ଦୋହରାଇଥିଲେ। ୨୦୨୩ ଆର୍ଥିକ ବର୍ଷରେ ତାଙ୍କର ଆର୍ଥିକ ନୀତି ଯୋଗୁଁ ଦେଶର ଜିଡିପି ୭.୬ ପ୍ରତିଶତ ରହିଥିଲା।

### ନିର୍ବାଚନ ସରି ୬ ମାସ ବିତିଗଲା

# ହିଞ୍ଜିଳିବାସୀଙ୍କୁ ଧନ୍ୟବାଦ ଜଣାଇବାକୁ କେବେ ଆସିବେ ନବୀନ ?

**ହିଞ୍ଜିଳିକାଟୁ, ୧୦।୧୨ (ସଂଚାର ବ୍ୟୁରୋ):** ସାଧାରଣ ନିର୍ବାଚନ ସରି ୬ ମାସ ସମୟ ବିତିଗଲାଣି କିନ୍ତୁ ନିଜ ନିର୍ବାଚନ ମଣ୍ଡଳୀରେ ବିରୋଧୀ ଦଳ ନେତା ତଥା ବିଧାୟକ ନବୀନଙ୍କ ଦେଖାନାହିଁ। ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ୫ ଥର ମୁଖ୍ୟମନ୍ତ୍ରୀ ହେଲେ, ୬ଥର ବିଧାୟକ ହେଲେ କିନ୍ତୁ ଦୀର୍ଘ ମାସ ପରେ ମଧ୍ୟ ନିଜ ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ଧନ୍ୟବାଦ ଦେବା ସହ ସମସ୍ୟା ବୁଝିବାକୁ ଆସିନାହାନ୍ତି ବିଧାୟକ ନବୀନ ପଟ୍ଟନାୟକ ।

ଅନ୍ୟପଟେ ନବନିର୍ବାଚିତ ବିଧାୟକମାନେ ନିଜ ନିଜର ନିର୍ବାଚନ ମଣ୍ଡଳୀରେ ବୈଠକ କରି ଲୋକଙ୍କ ସମସ୍ୟା ବୁଝିବା ସହ ସମସ୍ୟାର ସମାଧାନ କରୁଛନ୍ତି। ସେପଟେ ନଭେମ୍ବରରୁ ନବୀନ ଜିଲ୍ଲା ବୁଲିବେ ବୋଲି ଘୋଷଣା କରିଥିବା ବେଳେ ନଭେମ୍ବର ସରି ଡିସେମ୍ବର ହେଇଗଲାଣି କିନ୍ତୁ ତାହା ସମ୍ଭବ ହେଲାନି। କିଛି ଦିନ ତଳେ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ଼ ଅଜିତ କୁମାର ମିଶ୍ର ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ



ଯୋଗ ଦେଇ ସମୀକ୍ଷା ବୈଠକରେ କେଉଁ କାରଣରୁ ବିଜେଡ଼ିର ଭୋଟ ହାର କମିଲା ଓ ସଂଗଠନକୁ କେମିତି ମଜବୁତ କରିବା ଏବଂ ବିରୋଧୀ ଦଳ ନେତାଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ନେଇ ଆଲୋଚନା କରିଥିଲା ବେଳେ କର୍ମୀଙ୍କ ମହଲରେ ଟିକେ ଉତ୍ସାହ ଦେଖିବାକୁ ମିଳିଲା କିନ୍ତୁ ପରବର୍ତ୍ତୀ ସମୟରେ କର୍ମୀଙ୍କ ସେଭଳି ଆଉ ଉତ୍ସାହ ଦେଖିବାକୁ ମିଳି ନ ଥିଲା।

୨୦୨୪ ସାଧାରଣ ନିର୍ବାଚନରେ ଗଂଜାମ ଜିଲ୍ଲାର ୧୩ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବିଜେପି ୧୧ଟି ନିର୍ବାଚନ ମଣ୍ଡଳୀ କବଜା କରିଥିବା ବେଳେ ବିଜେଡି ଓ କଂଗ୍ରେସ ଗୋଟିଏ ଲେଖାଏଁ ନିର୍ବାଚନ ମଣ୍ଡଳୀରେ ବିଜୟୀ ହେଇଥିଲେ । ଛଅ ଥର ବିଧାୟକ ଭାବେ ନିର୍ବଚନ ବୈତରଣୀ ପାର ହୋଇଥିବା ନବୀନ ପାଞ୍ଚଥର ପଚାଶ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ ହେଲେ ଚଳିତ ନିର୍ବାଚନରେ ମାତ୍ର ଚାରି ହଜାର ଭୋଟ ବ୍ୟବଧାନ ବିଜୟୀ ହେବା ନିଜ ନିର୍ବାଚନ ମଣ୍ଡଳୀ କର୍ମୀଙ୍କ ପାଇଁ ଅଭିମାନ ବୋଲି ଚର୍ଚ୍ଚା ହେଉଛି।

ନିଜ ଗଡ଼କୁ ବିଜେଡ଼ି ରକ୍ଷା ପାଇଁ ପୁଣି ସଦସ୍ୟ ଅଭିଯାନ ଆରମ୍ଭ କରିଥିବା ବେଳେ ବିଜେପି ଆଉ ପାଦେ ଆଗେଇ ବୁଥ ସ୍ତରୀୟ ନିର୍ବାଚନ ଜାରି ଥିବା ସୂଚନା ମିଳୁଛି। ଏବେ ବି ବିଜେଡି କର୍ମୀ ନିଜ ବିଧାୟକଙ୍କୁ ଅତି ନିକଟରୁ ଦେଖିବାକୁ ଚାହିଁ ବସିଥିବା ବେଳେ ହିଞ୍ଜିଳିବାସୀଙ୍କୁ ଧନ୍ୟବାଦ ଜଣାଇବାକୁ କେବେ ଆସିବେ ନବୀନ ତାହା ଦେଖିବାକୁ ବାକି ରହିଲା।

## ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କ ଭଷ୍ମା ଥାନା ପରିଦର୍ଶନ

**ସୁନ୍ଦରଗଡ, ୧୦।୧୨ (ସଂଚାର ବ୍ୟୁରୋ):** ଆଜି ଭଷ୍ମା ଥାନାକୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ପରିଦର୍ଶନ କରିଛନ୍ତି। ତାଙ୍କ ସାଥିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୃଷ ଦିବାକର ଓ ଆଇପିଏସ ଶିକ୍ଷାନୁବିତ ଅନନ୍ୟା ଅଭସ୍ତି ତାଙ୍କ ସହିତ ଉପସ୍ଥିତ ଥିଲେ। ସେ ଥାନା ପରିସରକୁ ପରିଦର୍ଶନ କରି ବୁଲି ଦେଖିଛନ୍ତି। ପରେ ଆମ ପୋଲିସ ସଭ୍ୟଙ୍କ ସହିତ ଆଲେଚନା କରିଥିଲେ। ସଭ୍ୟମାନେ ଥାନା ପରିସରକୁ ପାଚେରି ନିର୍ମାଣ, ସୌନ୍ଦର୍ଯ୍ୟକରଣ ନିମନ୍ତେ ବଗିଚାର ନିର୍ମାଣ, ଅଧିକ ଥାନା କର୍ମଚାରୀଙ୍କ ନିଯୁକ୍ତ କରାଇବା ନିମନ୍ତେ ଅନୁରୋଧ କରିଥିଲେ। ଅଞ୍ଚଳରେ ଥିବା ବଜାର ହାଟ ଗୁଡିକର ସୁରକ୍ଷାକୁ




ଦୃଷ୍ଟି ରଖି ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁରେଧ କରିଥିଲେ। କୁଣ୍ଡୁକୋଲା ସ୍ଥିତ ସିସି କେମେରାକୁ ଠିକ ଭାବରେ ଚାଲୁନଥିବାରୁ ଏହାକୁ ଠିକ କରିବାକୁ ଅନୁରୋଧ କରିଥିଲେ। ଭଷ୍ମା ଥାନାଟି ଇଂରେଜ ଶାସନ ସମୟର ଥାନା ହୋଇ ଥିବାରୁ ଏଠାରେ ଆଇଆଇସି ଓ ଅଫିସ କର୍ମଚାରୀଙ୍କ ନିମନ୍ତେ ପୁରୁଣା ଗୃହ ରହିଛି ଯାହାକି ସମସ୍ତ ଙ୍କ ପାଇଁ ଉପଲବ୍ଧ ନାହିଁ । ଏଣୁ କରି ତାଙ୍କ ରହିବା ପାଇଁ ନିତ୍ୟାନ୍ତ କ୍ୱାଟର ଆବଶ୍ୟକ ରହିଛି। ଥାନା ଅଧିନସ୍ଥ ଅଞ୍ଚଳରେ ହୋଇଥିବା ବିଭିନ୍ନ ଅପରାଧ,ନିଶା କାରବାର, ଚୋରୀ, ଡକାୟତି, ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ସମସ୍ୟା ଗୁଡିକ ଉପରେ ତଦାରଖ କରିଥିବା କହିଛନ୍ତି।

## ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଜଳର ଗୁଣାତ୍ମକ ମାନ ଯାଞ୍ଚ



**କାକଟପୁର/ଅସ୍ତରଙ୍ଗ, ୧୦।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ସହ ବିଭିନ୍ନ ସ୍ଥାନ ପରିଦର୍ଶନ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଜଳ ଗୁଣାତ୍ମକ ମାନ ଯାଞ୍ଚ କରିଛନ୍ତି।

ସୂଚନା ମୁତାବକ ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରଣ ଆଜି ବିଶ୍ୱର ଏକ ବଡ଼ ଆହ୍ୱାନ। ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବେଦନାର ସହିତ ଏହି ଆହ୍ୱାନ କୁ ସାମ୍ନା କରିବା ପାଇଁ ବିସ୍ତୃତ ରଣନୀତି ପ୍ରସ୍ତୁତ କରିଛି। ମାନବ ସମାଜର ସ୍ୱାସ୍ଥ୍ୟରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି। ପ୍ରଦୂଷଣ କମାଇବା ପାଇଁ ପ୍ରତିକାର ଏବଂ ହ୍ରାସ ସମ୍ବନ୍ଧିୟ ବ୍ୟବସ୍ଥା ହେଉଛି ପ୍ରମୁଖ ଅସ୍ତ୍ର। ମଙ୍ଗଳବାର ପୂର୍ବାହ୍ନ ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶରେ କୋଷ୍ଟାଲ ମ୍ୟାନେଜମେଣ୍ଟ ସେଲ (ଆଇ. ସି. ଜେ.ଏମ୍. ପି /ଓ ଏସ ପି ସି ବି )ର ଚାରିଜଣିଆ ଟିମ୍ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ପରିଦର୍ଶନ ସହ ଦେବୀନଦୀ ଏହାର ଶାଖାନଦୀ ଅଞ୍ଚଳ ପରିଦର୍ଶନ କରିଥିଲେ। ପରିଦର୍ଶନ ଟିମ୍ ମଧ୍ୟରେ କନିଷ୍ଟ ଗବେଷକ ମଳୟ ରଞ୍ଜନ ମଲ୍ଲିକ, ଲ୍ୟାବ ଟେକ୍ନିସିଆନ ନିରଞ୍ଜନ ଦାଶ ପ୍ରମୁଖ ସାମିଲ ଥିଲେ। ଅସ୍ତରଙ୍ଗ ଅଞ୍ଚଳର ନାନପୁର, କେଳୁଣୀ ମୁହାଁଣ, ଦେବୀ ନଦୀ, ନଗର, ନୂଆଗଡ ଜେଠି ଅଞ୍ଚଳ ପରିଦର୍ଶନ କରିଥିଲେ।ମୁଖ୍ୟତଃ ଚିଙ୍ଗୁଡ଼ି ଘେରି ରୁ ନିର୍ଗତ ବିଷାକ୍ତ ଜଳ ନଦୀ ଜଳକୁ ପ୍ରଦୂଷଣ କରୁଛି। ଏହା ସହ ବିଭାଗୀୟ ଅଧିକାରୀ ନଦୀର ଜଳ ଗୁଣାତ୍ମକ ମାନକୁ ବୋର୍ଡ ଦ୍ୱାରା ଯାଞ୍ଚ କରାଯାଇଛି। ଯଥା ସମ୍ଭବ ପ୍ରଦୂଷଣ କୁ ହ୍ରାସ କରାଇବା ପାଇଁ କାର୍ଯ୍ୟ ଜାରୀ ରହିଛି ବୋଲି କହିଛନ୍ତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ।

## ଗାଇଶିମା ଦେଉଳବନ୍ଧଠାରେ ଏନ୍‌ଡିଆର୍‌ଏଫ୍‌ର ମକ୍ ଡ୍ରିଲ

### ପ୍ରକୃତିକ ବିପର୍ଯ୍ୟୟର ମୁକାବିଲା, ଉଦ୍ଧାର ଓ ଥଇଥାନ ସମ୍ପର୍କରେ କଲେ ସଚେତନ

**ବରଗଡ, ୧୦।୧୨ (ସଂଚାର ବ୍ୟୁରୋ):** କଟକ ସ୍ଥିତ ୩୯ ବାଟାଲିୟନ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍ ଡିଆର୍ ଏଫ୍) ମୁଣ୍ଡଳି ଅନୁକୁଲ୍ୟରେ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇଶିମା ଦେଉଳ ବନ୍ଧ ଠାରେ ସାଧାରଣ ଲୋକ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଡିଓ, ତହସିଲଦାରଙ୍କୁ ନେଇ ପ୍ରକୃତିକ ବିପର୍ଯ୍ୟୟ ମୁକାବିଲାର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ମକ ଡ୍ରିଲରେ ଏନ୍ ଡିଆର୍ ଏଫ୍ ଆସିଷ୍ଟାନ୍ଟ କମାଣ୍ଡାନ୍ଟ ଶ୍ରୀ ବି.କେ. ସାହୁଙ୍କ ତତ୍ତ୍ୱାବଧାନରେ ଦେଉଳ ବନ୍ଧ ଠାରେ ଟୀମ କମାଣ୍ଡର ନିତେଶ କୁମାର ବାଟାଲିୟନର ଉଦ୍ଧାରକାରି ଦଳ ସାଧାରଣ ଲୋକ ଓ ଛାତ୍ରଛାତ୍ରୀ ମାନଙ୍କୁ ବନ୍ୟା, ବାତ୍ୟା ସମୟରେ କିପରି ଭାବେ ଏନଡିଆରଏଫ କାର୍ଯ୍ୟ କରିଥାଏ ତାହାର ଏ ପ୍ରୟୋଗ ପ୍ରଦର୍ଶନ କରିଥିଲେ ।

ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଜଣେ ସାଧାରଣ ନାଗରିକ କିଭଳି କାର୍ଯ୍ୟ କାର୍ଯ୍ୟକରିବା ଦରକାର ସେସବୁ ପ୍ରଦର୍ଶନ କରି ସାଧାରଣ ଉପକରଣରୁ କିଭଳି ରେସକ୍ୟୁ ମେଟେରିଆଲ ତିଆରି କରିହୁଏ ତାହା ପ୍ରଦର୍ଶିତ କରି ବିପର୍ଯୟର ମୁକାବିଲା , ଉଦ୍ଧାର ଓ ଥଇଥାନ



ସମ୍ପର୍କରେ ବିଭିନ୍ନ ପ୍ରକାର କୌଶଳ ଓ ମକଡ୍ରିଲ ପ୍ରଦର୍ଶନ କରି ଥିଲେ।

ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେନ୍ଦ୍ର ମହାପାତ୍ରଙ୍କ ସମେତ, କାର୍ଯ୍ୟକ୍ରମ ଜିଲ୍ଲା ଜରୁରୀକାଳୀନ ବିଭାଗ ଡେପୁଟି କଲେକ୍ଟର ଶ୍ରୀ ମୁକ୍ତେଶ୍ୱର ପାଣିଗ୍ରାହୀ ଏବଂ ସମସ୍ତ କର୍ମଚାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ।



## ଚାଷୀଙ୍କ ସମସ୍ୟା ବୁଝିଲେ ପୂର୍ବତନ ବିଧାୟକ ଓ ବ୍ଲକର ଅଧ୍ୟକ୍ଷା

**ନୀଳଗିରି, ୧୦।୧୨ (ସଂଚାର ବ୍ୟୁରୋ):** ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ନୀଳଗିରି ବ୍ଲକର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ମଗଂଳବାର ପୁର୍ବାହ୍ନରେ ବନାଞ୍ଚଳ ଅଧିନ ଭଉଁରିଆବାଡ ପଞ୍ଚାୟତ ଅଧୀନସ୍ଥ ବୁଦୁସାହି, ହାତୀମଣ୍ଡା, ତେରଲଡିହି ଏବଂ ଜାମୁଡିହା ପଞ୍ଚାୟତ ଅଧୀନ ସାତରାଣ୍ଡ ପ୍ରଭୃତି ଗ୍ରାମକୁ ଯାଇ ଝାଡ଼ଖଣ୍ଡି ହାତୀଙ୍କ ଦ୍ୱାରା କ୍ଷୟକ୍ଷତି ହୋଇଥିବା ଧାନଫସଲ ବୁଲି ଦେଖିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ଆଗକୁ ବିଭାଗୀୟ ଅଧିକାରୀମାନେ ଚାଷୀଙ୍କ ସମସ୍ୟା ଏବଂ ଲୋକଙ୍କ ଧନଜୀବନ ସୁରକ୍ଷିତ ରଖିବା ପାଇଁ ସୌରବାଡ ପୁନର୍ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ। ସେହିପରି ରାଜସ୍ୱବିଭାଗ, ପୋଲିସ, ବନବିଭାଗ, ବିଦ୍ୟୁତ ବିଭାଗ, ପିଆରଆଇର ଏକ ମିଳିତଟିମ ଗଠନ କରାଯାଇ ହାତୀ ପରିଚାଳନାଏବଂ କ୍ଷୟକ୍ଷତି ଆକଳନ କରିବାକୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ରେଞ୍ଜ ଅଧିକାରୀଙ୍କୁ ଜଣାଇବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତୀକରଣ ଶିବିର



**ବ୍ରହ୍ମପୁର, ୧୦।୧୨ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନର ଉପ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀରଙ୍କ ନିର୍ଦ୍ଦେଶକ୍ରମେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଏକ ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୂକ୍ତିକରଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସାକ୍ଷରତା ଶିବିରରେ ବ୍ରହ୍ମପୁର ଡିଭିଜନର ଆସିଷ୍ଟାଣ୍ଟ ସୁପେରିଟେଣ୍ଡ ଅଫ୍ ପୋଷ୍ଟ ଶ୍ରୀଯୁକ୍ତ ଲଲାଟେନ୍ଦୁ କେଶରୀ, ସିନିୟର୍ ବ୍ରାଞ୍ଚ ମ୍ୟାନେଜର୍ ଅଫ୍ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଶ୍ରୀଯୁକ୍ତ ସମ୍ପତ ଭେଙ୍କଟ ରମଣ୍, ପୋଷ୍ଟାଲ୍ ଲାଇଫ୍ ଇନସୁରାନ୍ସ ଡେଭେଲପମେଣ୍ଟ ଅଫିସର ଶ୍ରୀ ରୁଦ୍ର ଶଙ୍କର ସାହୁ, ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତିର ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା , ସୁରକ୍ଷିତ ସଞ୍ଚୟ , ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା , ଓଡିଶା ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଉଠାଣ ସମ୍ବନ୍ଧରେ ଆଲୋଚନା କରଯାଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଶ୍ରୀଯୁକ୍ତ ସ୍ୱାଭିମାନ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ , ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ପୋଷ୍ଟାଲ ଏଜେଣ୍ଟ ମାନେ ଯୋଗ ଦେଇଥିଲେ ।

### ବାର୍ଷିକ ଖଣି ସୁରକ୍ଷା ସପ୍ତାହ ସମାରୋହ

## ଜେଏସ୍‌ପି କାଶିଆ ଓ ଟେନ୍ସା ମାଇନ୍ସକୁ ୮ ପୁରସ୍କାର

**ବଡ଼ବିଲ/କୋଇଡ଼ା, ୧୦।୧୨ (ସଂଚାର ବ୍ୟୁରୋ):** ଖଣି ନିରାପତ୍ତା ମହା ନିର୍ଦ୍ଦେଶାଳୟ-ଡିଜିଏମଏସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ୪୨ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ-୨୦୨୪ର ପ୍ରି-ଫାଇନାଲ ସମାରୋହରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାଶିଆ




ଆଇରନ ଆଣ୍ଡ ଡୋଲାମାଇଟ ଓ ଟେନ୍ସା ମାଇନ୍ସକୁ ବିଭିନ୍ନ ବର୍ଗରେ ୮ଟି ପୁରସ୍କାର ମିଳିଛି।

ତାଲିମ, ସ୍ୱାସ୍ଥ୍ୟ, ସୁରକ୍ଷା, ଜନକଲ୍ୟାଣ ଭଳି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସବୁ ପୁରସ୍କାର ମିଳିଛି। ଯୋଡ଼ାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଶିଆ ମାଇନ୍ସକୁ ୫ଟି ବର୍ଗରେ ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ କାଶିଆ ମାଇନ୍ସ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୋଷ୍ଠୀଗତ ଧନ୍ଦାମୂଳକ ତାଲିମ କେନ୍ଦ୍ର (ଜିଭିଟିସି) ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦ୍ୱିତୀୟ ପୁରସ୍କାର, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ପାଇଁ ଦ୍ୱିତୀୟ ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୃତୀୟ, ଜରୁରୀକାଳୀନ ପ୍ରସ୍ତୁତି ଓ ମକଡ୍ରିଲ ପାଇଁ ତୃତୀୟ ପୁରସ୍କାର ମିଳିଛି।

ସେହିପରି ଟେନ୍ସା ମାଇନ୍ସକୁ ମଧ୍ୟ ବିଭିନ୍ନ ବର୍ଗରେ ୩ଟି ପୁରସ୍କାର ମିଳିଛି। ତାଲିମ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ ବର୍ଗରେ ପ୍ରଥମ, ଖନନ, ବିସ୍ଫୋଟନ ଓ ସୁରକ୍ଷିତ ବାରୁଦ ପରିଚାଳନା ପାଇଁ ଦ୍ୱିତୀୟ ପୁରସ୍କାର ସହିତ ଅଭିନବୀକରଣ ଓ ଡିଜିଟାଲକରଣ ପାଇଁ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି। ଏହି ସଫଳତା ପାଇଁ କାଶିଆ ମାଇନ୍ସର ୟୁନିଟ ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପୁରସ୍କାର ଆମର ଦଳଗତ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରିବା ସହ ଏଥିରେ ସର୍ବୋଚ୍ଚ ନିରାପତ୍ତା ମାନକର ଅନୁପାଳନ, ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହନ ଓ ନିରନ୍ତର ଉନ୍ନତି ପାଇଁ ଚାଲିଥିବା ପ୍ରୟାସ ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି।

## ଓଏସସ୍ ପରୀକ୍ଷାରେ କୃତି ଯୁବକଙ୍କୁ ସମ୍ବର୍ଦ୍ଧନା



**ଜଗତସିଂହପୁର, ୧୦।୧୨ (ସଂଚାର ବ୍ୟୁରୋ):** ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ୨୦୨୨ ପ୍ରକାଶ ପାଇଥିବା ବେଳେ ଜଗତସିଂହପୁର ବ୍ଲକର ମାର୍କଣ୍ଡପୁର ଗ୍ରାମର ଗଣେଶ୍ୱର ହାଁସଦାଙ୍କ ପୁଅ ଆଲବର୍ଟ ହାଁସଦା ୫୭୨ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳର ଗୌରବକୁ ଦିଗୁଣିତ କରିଛନ୍ତି।

ଆଲବର୍ଟ ରାହାମା ନବୋଦୟ ବିଦ୍ୟାଳୟରେ ଯୁକ୍ତ ୨ ପାଠ ପଢି ଉତୀର୍ଣ୍ଣ ପରେ ଭୁବନେଶ୍ୱର ବିଜେପି କଲେଜରେ ସ୍ନାତକ ପଢିଥିଲେ। ସେଠାରେ ପଢ଼ାସରିବା ପରେ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଦୈନିକ ୮ ଘଣ୍ଟା ପରିଶ୍ରମ କରି ନିଜକୁ ପ୍ରସ୍ତୁତ ସହ ୨୦୨୨ ମସିହାରେ ପରୀକ୍ଷା ଦେଇଥିଲେ। ଜିଲ୍ଲା ଦଳିତ ବିକାଶ ପରିବାରରୁ ଏହି ସଫଳତା ପାଇଁ ଜଗତସିଂହପୁର ବିଡ଼ିଓ ଆଶୁତୋଷ ମିଶ୍ର ନିଜ କାର୍ଯ୍ୟାଳୟରେ ଶ୍ରୀ ଆଲବର୍ଟଙ୍କୁ କୃତଜ୍ଞତା ସହ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଆଗାମୀ ଜୀବନ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅତିରିକ୍ତ ବିଡ଼ିଓ ଅଜୟ କୁମାର ବେହେରା, ଜିଲ୍ଲା ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ, ମନୋଜ ଲେଙ୍କା, ପାରିଷଦ ଟିକି ଅଲ୍ଲୀ, ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତରହି ଶ୍ରୀ ଆଲବର୍ଟଙ୍କୁ କୃତଜ୍ଞତା ଜଣାଇଥିଲେ।

### ପରବ ମଞ୍ଚ ନାଟକ ପ୍ରତିଯୋଗିତା

## ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ନାଟକ ଡର ଶ୍ରେଷ୍ଠ ବିବେଚିତ

**ଦାମନଯୋଡି, ୧୦।୧୨ (ସଂଚାର ବ୍ୟୁରୋ):** ପରବ ୨୦୨୪ ଉପଲକ୍ଷେ ଡିସେମ୍ବର ୫ ତାରିଖରୁ ୮ ତାରିଖ ଯାଏ ଜୟପୁରଠାରେ ପରବ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତାକୁ କୋରାପୁଟ ଜିଲ୍ଲା ସଂସ୍କୃତି ପରିଷଦ ଏବଂ ପ୍ରିୟା ଥିଏଟର ଗ୍ରୁପ, ଜୟପୁର ମିଳିତ ଭାବେ ଗୀତାଞ୍ଜଳି କଲ୍ୟାଣ ମଣ୍ଡପଠାରେ ଆୟୋଜନ କରିଥିଲେ । ଏଥିରେ କୋରାପୁଟ ଜିଲ୍ଲାର ବିଭିନ୍ନ ପଂଚାୟତ ସମିତି, ପୌର



ପରିଷଦ ଏବଂ ମୁନିସିପାଲିଟିରୁ ୯ଟି ନାଟକ ଦଳ ଅଂଶଗ୍ରହଣ କରିଥିଲେ। ୮ ତାରିଖରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କୋରାପୁଟ ପଂଚାୟତ ସମିତି ତରଫରୁ ଅଂଶଗ୍ରହଣ କରିଥିବା ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବ, ଦାମନଯୋଡିର ଦ୍ୱାରା ପରିବେଷିତ ନାଟକ ଡରକୁ ପ୍ରତିଯୋଗିତାର ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ କରାଯାଇଛି । ଏହି ନାଟକଟିର କଥାବସ୍ତୁ ଏବଂ ସମସ୍ତ କଳାକାରଙ୍କ ଅଭିନୟ ଦର୍ଶକ ତଥା ବିଚାରକ ମଣ୍ଡଳୀଙ୍କୁ ଅଭିଭୂତ କରିବା ସହିତ ଅନ୍ୟ ବହୁ ପୁରସ୍କାର ଲାଭ କରିଛି । ଏହି ନାଟକକୁ ଶ୍ରେଷ୍ଠ ନାଟ୍ୟକାର, ନିର୍ଦ୍ଦେଶକ ଶେଷଦେବ ଶତପଥିଙ୍କୁ ୨ୟ ଶ୍ରେଷ୍ଠ ନିର୍ଦ୍ଦେଶକ, ଦାମନଯୋଡିର ଅଭିଜ୍ଞ ଅଭିନେତା ଏବଂ ମଞ୍ଚ ଉପସ୍ଥାପକ ନିର୍ମଳ କୁମାର ରାଉତଙ୍କୁ ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀ ସସ୍ମିତା ମିଶ୍ର ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଏବଂ ଗୁରୁ ବୃନ୍ଦାବନ ଖଣ୍ଡୁଆଳଙ୍କୁ ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ପୁରସ୍କାରରେ ସମ୍ମାନିତ କରାଯାଇଛି। ନାଟକର ବିଭିନ୍ନ ଚରିତ୍ରରେ ନିର୍ମଳ କୁମାର ରାଉତ, ସସ୍ମିତା ମିଶ୍ର, ଶ୍ରୀଧର ପରିଡା, ମୁରଲୀଧର ଦାସ, ଜୟଶ୍ରୀ ଡୁରୁଫ, ପଞ୍ଚାନନ ସାଥୁଆ, ଶ୍ରୀକାନ୍ତ ସାହୁ, ମାନସ କୁମାର ପଣ୍ଡା ଏବଂ ମନୋଜ କୁମାର ପୃଷ୍ଟି ଅଭିନୟ କରିଥିଲେ। ମଞ୍ଚ ଶିଳ୍ପୀ ଏବଂ ମଞ୍ଚ ସହଯୋଗୀ ଭାବେ କେ ନାଗେଶ୍ୱର ପାତ୍ର, ରଞ୍ଜୟ କୁମାର କାନୁନଗୋ, ଚିତ୍ତରଞ୍ଜନ ଦାଶ, ବିଶ୍ୱଜିତ ମିଶ୍ର, ସୁନୀଲ କୁମାର ଦାଶ, ଅରୁଣ କୁମାର ମିଶ୍ର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶିଶିର ମିଶ୍ର ମଞ୍ଚ ପରିଚାଳକ ଏବଂ ନିରାକାର ନାୟକ ମୁଖ୍ୟ ପରିଚାଳକ ଭାବେ ନାଟକ ପରିଚାଳନା କରିଥିଲେ । ମାନଭଞ୍ଜନ ଜେନା ରୂପସଜ୍ଜା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜୟପୁରର ମାନ୍ୟବର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିବା ବେଳେ ଶ୍ରେଷ୍ଠ ପୁରସ୍କାର ଗୁଡିକ ଡିସେମ୍ବର ୧୪ ରୁ ୧୮ ତାରିଖ ମଧ୍ୟରେ ପରବ ମୁଖ୍ୟ ମଞ୍ଚରେ ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ପଞ୍ଚପଟ୍ଟମାଳୀ ନାଟ୍ୟ ମହୋତ୍ସବର ଏହି ସଫଳତାରେ ଦାମନଯୋଡି, କୋରାପୁଟ ଜିଲ୍ଲା ତଥା ସମଗ୍ର ଓଡ଼ିଶାର କଳାକାର ଏବଂ କଳାପ୍ରେମୀମାନେ ଅଭିନନ୍ଦନ ଜଣାଇଛନ୍ତି।

### କଳାହାଣ୍ଡିର ପ୍ରଥମ ସହିଦ ରେଣ୍ଡୋ ମାଝୀ

## ଏପର୍ଯ୍ୟନ୍ତ ମିଳିନାହିଁ ସହିଦ ମାନ୍ୟତା

**କଳାହାଣ୍ଡି, ୧୦।୧୨ (ସଂଚାର ବ୍ୟୁରୋ):** ଦୀର୍ଘ ଦୁଇ ଶହ ବର୍ଷରୁ ଅଧିକ କାଳ ଧରି ଭାରତ ବର୍ଷକୁ ଇଂରେଜମାନେ ଶାସନ କରି ଆସୁଥିଲେ। ସେହି ସମୟ କାଳ ମଧ୍ୟରେ ବିଭିନ୍ନ ସମୟରେ ଭାରତର ବିଭିନ୍ନ ପ୍ରାନ୍ତରେ ଛୋଟ ମୋଟ ଅନେକ ଆନ୍ଦୋଳନ ହୋଇଥିଲେ ହେଁ ୧୮୫୭ ମସିହା ଲକ୍ଷ୍ମୀବାଈଙ୍କ ନେତୃତ୍ୱରେ ପ୍ରଥମ କରି ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ପଡ଼ିଥିବା କୁହାଯାଏ। କିନ୍ତୁ ଏହାର ବହୁ ବର୍ଷ ପୂର୍ବରୁ କଳାହାଣ୍ଡି ଜିଲ୍ଲାର ଗଡ଼ଜାତ ମ. ରାମପୁରର ଦୁର୍ଗମ ଉର୍ଲାଦାନୀ ଅଞ୍ଚଳରୁ ସ୍ୱାଧୀନତା ସଂଗ୍ରାମର ନିଆଁ ଜଳୁଥିବା କଥା ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇପାରି ନ ଥିଲା। ଏହି ସଂଗ୍ରାମର ନାୟକ ସହିଦ ରେଣ୍ଡ ମାଝୀ କେବଳ କିମ୍ବଦନ୍ତୀ ହୋଇ ରହି ଯାଇଥିଲେ। ସେ ଯୁଦ୍ଧ କରୁଥିବା ଅସ୍ତ୍ରଶସ୍ତ୍ର, ପୂଜା କରୁଥିବା ପାହାଡ଼, ବରିକିଆର ୧୫୦ ଫୁଟ ଉଚ୍ଚତା ବିଶିଷ୍ଟ ନିନ୍ଦାବାଲି ପଥର, ନଦୀନାଳ ଆଦି କେବଳ ମୂକ ସାକ୍ଷୀ ରୂପେ ଆଦିବାସୀମାନଙ୍କ ପୂଜ୍ୟ ଭାବେ ପ୍ରଚଳିତ ହୋଇଯାଇଥିଲା।

କୁଇ ଭାଷା ଭାଷୀ ଆଦିବାସୀମାନଙ୍କ ମୁଖରେ ଗୀତ, କଥାଳି ଆକାରରେ ରେଣ୍ଡା ମାଝୀଙ୍କ ବୀରତ୍ୱର ଗାଥା ବୃଦ୍ଧିମନ୍ତ କରିଥିଲା ସିନା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇପାରିଲା ନାହିଁ। ଶତାବ୍ଦୀର ନବେ ଦଶକ ବେଳକୁ ଦି କଳାହାଣ୍ଡି ଗେଜେଟିୟର ପୁସ୍ତକରେ ରଚିତ ରେଣ୍ଡୋ ମାଝୀଙ୍କ କିଛି ତଥ୍ୟ ଲୋକଲୋଚନାକୁ ଆସିବା



ପରେ ଏହାକୁ ନେଇ ଗବେଷଣା କରାଯାଇଥିଲା। ଫଳରେ କିଛି ତଥ୍ୟ ଉନ୍ମୋଚନ ହୋଇପାରିଥିଲା। ଆଜି ତାଙ୍କ ପ୍ରତିମୂର୍ତ୍ତି, ସ୍ମୃତି ସ୍ତମ୍ଭ, ତାଙ୍କ ନାମରେ ମେଡିକାଲ କଲେଜ, ରାଜମାର୍ଗ ଆଦି ହୋଇସାରିଥିଲେ ହେଁ ବହୁତ କିଛି ତଥ୍ୟ ଲୋକଲୋଚନକୁ ଆସିପାରି ନ ଥିବା ପରି ମନେ ହୁଏ। ତାଙ୍କ ଜନ୍ମ ସ୍ଥାନ ଲୁବେନଗଡ଼ କି ଉର୍ଲାଦାନୀରେ ବିତାବାରୁ ସେଇ ବିବାଦ ଆଜିଯାଏଁ ତୁଟି ପାରିନି କି ତାଙ୍କୁ ଇଂରେଜମାନଙ୍କ ହାତରେ ଧରାଇଥିବା ଚରିତ୍ର ବିଷୟରେ ଠିକ୍ ତଥ୍ୟ ମିଳି ନାହିଁ। ତାଙ୍କୁ ରସୁଲକୋଣ୍ଡା ଜେଲରୁ ଆଣି ଉର୍ଲାଦାନୀ ଗ୍ରାମରେ ଫାଶୀ ଦିଆଯାଇଥିଲା କି ଗୁଳି କରାଯାଇଥିଲା ତାହାର ମଧ୍ୟ ଠିକ୍ ପ୍ରମାଣ ମିଳିପାରି ନାହିଁ। ତାଙ୍କ ସହିତ ସଂଗ୍ରାମରେ ଝାସ ଦେଇଥିବା ଅମୋଷ ପାତ୍ର, ବସତା ତମ୍ଭ, ମାରନ୍ନା ମାଝୀ,ଟଡଡ଼ମ୍ଭ, ଚାବିସା ମାଝୀ ଆଦି ପ୍ରାଣ ହରାଇଥିଲେ ହେଁ ସେମାନଙ୍କ ବିଷୟରେ ସବିଶେଷ ତଥ୍ୟ ଏ ଯାଏଁ ଅଞ୍ଚଳ ଭିତରେ ଥିବା ଆଦିବାସୀ ଲୋକ ମୁଖରେ ପ୍ରଚଳିତ ହୋଇ ରହିଛି ସିନା ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି।

ସେହି ସହଯୋଗୀ ସଂଗ୍ରାମୀମାନଙ୍କୁ ସହିଦ ମାନ୍ୟତା ପାଇଁ କିଛି ସଂଗଠନ ଆନ୍ଦୋଳନ କରିଆସୁଛନ୍ତି। କିନ୍ତୁ ଗବେଷଣା ଅଭାବରୁ ଆନ୍ଦୋଳନ ପ୍ରଭାବହୀନ ହୋଇଯାଇଛି। ଏହି ସବୁ ବିଷୟରେ ଇତିହାସ ବିଭାଗ ତଥା ବିଭିନ୍ନ ସଂସ୍ଥା ମାଧ୍ୟମରେ ଆହୁରି ପୁଙ୍ଖାନୁପୁଙ୍ଖ ଗବେଷଣାର ଆବଶ୍ୟକତା ରହିଥିବା ପରି ମନେହୁଏ। ତେଣୁ ସରକାରଙ୍କ ପକ୍ଷରୁ କିଛି ଠୋସ ପଦକ୍ଷେପ ଗ୍ରହଣ କଲେ ଆହୁରି ବହୁତ୍ ତଥ୍ୟ ମିଳିପାରିବ ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି।